ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, October 28/2025 | Page 12 | ₹ 7.00 | BALASORE
୫୧ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 331 | ମୂଲ୍ୟ ₹୭/-




## ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଦେଶର ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ବିଦାୟୀ ସିଜେଆଇ ଜଷ୍ଟିସ୍ ଗବଇଙ୍କ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ହେଉଛନ୍ତି ଦ୍ୱିତୀୟ ସବୁଠୁ ବରିଷ୍ଠ ବିଚାରପତି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ସେ ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ନଭେମ୍ବର ୨୪ରୁ କାର୍ଯ୍ୟଭାର ଗ୍ରହଣ କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି।

୨୦୧୯ ମେ' ୨୪ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ସିଜେଆଇ ଭାବେ ସେ ପାଖାପାଖି ୧୫ ମାସ ପଦବୀରେ ରହି ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ଅବସର ଗ୍ରହଣ ବୟସ ୬୫ ବର୍ଷ। ୧୯୬୨ ଫେବୃଆରୀ ୧୦ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଜନ୍ମ ହରିୟାଣାର ହିସାର ଜିଲାରେ ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା।



ମୁମ୍ବାଇଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍‌ରେ ଓଡିଶାର ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ପ୍ରଦର୍ଶନୀ ଓ ଷ୍ଟଲ୍‌କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅଧିକାରୀମାନେ ବୁଲି ଦେଖୁଛନ୍ତି।

## ବନ୍ଦର ଆଧାରିତ ଦୃଢ଼ ଅର୍ଥନୀତି ଗଢ଼ିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)

### ଓଡ଼ିଶାରେ ୫୦ହଜାର କୋଟିରୁ ଅଧିକ ନିବେଶ ନେଇ ଚୁକ୍ତି

ଓଡ଼ିଶା ବନ୍ଦର ଆଧାରିତ ଓ ବନ୍ଦର ପରିଚାଳିତ ଦୃଢ଼ ଅର୍ଥନୀତି ଗଢ଼ିବାକୁ ପ୍ରସ୍ତୁତ। ଏହା ରାଜ୍ୟର ବାଣିଜ୍ୟ, ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଇଞ୍ଜିନ ଭାବେ କାର୍ଯ୍ୟ କରିବ, ଯାହା ଭାରତର ବିକାଶଯାତ୍ରା ଓ ଅର୍ଥନୀତିକୁ ଆଗାମୀ ୨୫ବର୍ଷ ପାଇଁ ଶକ୍ତି ଯୋଗାଇବ। ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରଠାରେ ସୋମବାର ଆରମ୍ଭ ହୋଇଥିବା ଇଣ୍ଡିଆନ ମାରିଟାଇମ୍ ୱିକ୍-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସମ୍ମିଳନୀର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ସେ ଓଡ଼ିଶାରେ ବନ୍ଦର ଓ ବନ୍ଦରଭିତ୍ତିକ ପ୍ରକଳ୍ପ ପାଇଁ ୫୦ହଜାର କୋଟିରୁ ଅଧିକ ଟଙ୍କାର ଚୁକ୍ତି (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏଥିମଧ୍ୟରେ ପୁରୀରେ କ୍ରୁଜ ଟର୍ମିନାଲ, ବାହୁଦା ବନ୍ଦର, ଜାହାଜ ନିର୍ମାଣ କ୍ଲଷ୍ଟର, ମାରିଟାଇମ ମ୍ୟୁଜିୟମ, ସଡକ ଓ ସାମଗ୍ରୀ ପରିବହନ ପ୍ରକଳ୍ପ ରହିଛି। ତେବେ ବନ୍ଦର ଓ ନୀଳ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି ଓଡ଼ିଶାରେ ନିବେଶ ସୁଯୋଗ ବିଷୟରେ କହିଛନ୍ତି। ଏହାସହ ସେଠାରେ ଆୟୋଜିତ ଓଡ଼ିଶା ସଭାରେ ସେ ରାଜ୍ୟକୁ ପୂର୍ବ ଭାରତର ମାରିଟାଇମ୍ ହବ୍ ଭାବେ ଗଢ଼ିବାର ଯୋଜନା ଉପସ୍ଥାପନ କରିଥିଲେ। ସେ କହିଲେ, ଓଡ଼ିଶାର ପାରାଦୀପ, ଧାମରା, ଗୋପାଳପୁର ଏବଂ ପ୍ରସ୍ତାବିତ ଅସ୍ତରଙ୍ଗ, ଜଟଧାରି, ସୁବର୍ଣ୍ଣରେଖା ଓ ବାହୁଦା ଆଦି ବନ୍ଦରରେ ବାର୍ଷିକ ୫୦୦ ମିଲିୟନ ଟନ୍ କାରବାର କ୍ଷମତା ବଢ଼ାଇବ। ବାହୁଦା ବନ୍ଦରରେ ୨୧,୫୦୦ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏଆଇରୁ ମରିବାନି**

## ଆଜି ସ୍ଥଳଭାଗ ଅତିକ୍ରମ କରିବ 'ମୋନ୍ଥା'

ଭୁବନେଶ୍ୱର,୨୭।୧୦(ବନ୍ଦନା ସେଠୀ)

ସମୁଦ୍ରରୁ ବଳ ଗୋଟାଇ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସକାଳ ସୁଦ୍ଧା ଏହା ଭୟଙ୍କର ବାତ୍ୟା କିମ୍ବା ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ। ସେହିପରି ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଏହା ଆନ୍ଧ୍ରପ୍ରଦେଶର କାକିନାଡା ନିକଟବର୍ତ୍ତୀ ମଛଲିପଟନମ୍ ଏବଂ କଳିଙ୍ଗାପଟନମ୍ ମଝିରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କି.ମି. ରହିବ ଏବଂ ଝଟକା ପବନର ବେଗ ୧୧୦ କି.ମି. ଛୁଇଁବ। ଏହାର ପ୍ରଭାବ ସାରା ରାଜ୍ୟର ଜଳବାୟୁ ଉପରେ ପଡ଼ିବ। ବାତ୍ୟା କାକିନାଡ଼ାରୁ ମାଲକାନଗିରି ଦେଇ ଛତିଶଗଡ଼ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଦକ୍ଷିଣ-ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସକ୍ରିୟ ରହିଛି। ସୋମବାର ଏହା ୬ଘଣ୍ଟାରେ ଘଣ୍ଟାପ୍ରତି ୧୭ କି.ମି. ବେଗରେ ଗତିକରି ସନ୍ଧ୍ୟାସୁଦ୍ଧା ☞ପୃଷ୍ଠା-୪



ସୋମବାର ଗଜପତି ଜିଲା ପାରଳାଖେମୁଣ୍ଡିରେ ବାତ୍ୟା ମୋନ୍ଥା ପ୍ରଭାବରେ ହୋଇଥିବା ବର୍ଷା।

### ସ୍କୁଲ, ଅଙ୍ଗନୱାଡି ଛୁଟି

**୮ ଜିଲାରେ ୩ଦିନ, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ୨ଦିନ ଛୁଟି**

ଭୁବନେଶ୍ୱର,୨୭।୧୦(ସୁଚିସ୍ମିତା ସାହୁ)

ବାତ୍ୟା 'ମୋନ୍ଥା' ପ୍ରଭାବରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ରାଜ୍ୟର ୯ ଜିଲାରେ ସ୍କୁଲ ଓ ଅଙ୍ଗନୱାଡ଼ି ଛୁଟି ଘୋଷଣା କରାଯାଇଛି। ପୂର୍ବରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ସମସ୍ତ ବିଦ୍ୟାଳୟକୁ ପାଠପଢ଼ା ପାଇଁ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏବେ ଏଥିରେ ଖୋର୍ଦ୍ଧା ଜିଲାକୁ ସାମିଲ କରାଯାଇଛି। ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ସ୍କୁଲ ସହ ଅଙ୍ଗନୱାଡି କେନ୍ଦ୍ର ୨୮ ଓ ୨୯ ତାରିଖ ଦୁଇଦିନ ଛୁଟି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଳା ନାୟକ ସୋମବାର ଘୋଷଣା କରିଛନ୍ତି। ଆସନ୍ତାକାଲିଠୁ ୩୦ ଯାଏ ୮ ଜିଲାରେ ସ୍କୁଲ ☞ପୃଷ୍ଠା-୪

# ଝିଅକୁ ଗଣବଳାତ୍କାର ଧମକ ଦେଇ କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଲୁଟ୍

**ସୁନ୍ଦରଗଡ଼ ଜିଲା ବଣାଇଁ ସହରରେ ରବିବାର ରାତିରେ ଏକ ଚାଞ୍ଚଲ୍ୟକର ଅପରାଧ ଘଟିଛି। ଜଣେ ବ୍ୟବସାୟୀଙ୍କ ଘରେ ୪ଜଣ ମୁଖାପିନ୍ଧା ସଶସ୍ତ୍ର ଦୁର୍ବୃତ୍ତ କୌଶଳକ୍ରମେ ପଶିବା ସହ ଅସହାୟ ମା'ଝିଅଙ୍କ ହାତ, ଗୋଡ଼, ମୁହଁ ବାନ୍ଧି ଦେଇଥିଲେ। ଟଙ୍କା, ସୁନା ଅଳଙ୍କାର ଥିବା ଆଲମିରାର ଚାବି ମାଗିଥିଲେ। ଚାବି ନ ଦେଲେ ଝିଅକୁ ଗଣବଳାତ୍କାର କରିବାକୁ ତାଙ୍କ ମା'ଙ୍କୁ ସେମାନେ ଧମକ ଦେଇଥିଲେ। ଏଭଳି ଉପାୟରେ ଦୁର୍ବୃତ୍ତମାନେ ଚାବି ହାତେଇବା ପରେ ପ୍ରାୟ ତିନିଘଣ୍ଟା ଧରି ଲୁଟପାଟ୍ କରିବା ସହ ଘରେ ଲାଗିଥିବା ସିସି କ୍ୟାମେରା ଭାଙ୍ଗି ହାର୍ଡଡିସ୍କକୁ ନେଇଯାଇଛନ୍ତି। ସେମାନେ ୨୫ ଲକ୍ଷ ଟଙ୍କା ଏବଂ ସବୁ ସୁନା ଅଳଙ୍କାର ନେଇ ପଳାଇଯାଇଛନ୍ତି, ଯାହାର ମୋଟ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କ ଘରର ସ୍ଥିତିକୁ ଅନୁଧ୍ୟାନ କରି ଏହି କାଣ୍ଡ ଘଟାଇଥିବା ସ୍ପଷ୍ଟ ହେଉଛି। ବଣାଇଁ ପୋଲିସ ରାଉରକେଲା ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ବଣାଇଁ ଥାନାରେ ନଂ.୨୩୪/୨୦୨୫ରେ ଏକ ମାମଲା ରୁଜୁ ହୋଇଥିବାବେଳେ ସୋମବାର ରାତି ୮ଟା ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିପାରି ନ ଥିଲା।**

ବଣାଇଁ,୨୭।୧୦(ପ୍ରଦୀପ ତ୍ରିପାଠୀ)

### ବଣାଇଁ ବ୍ୟବସାୟୀଙ୍କ ଘରେ ଦୁର୍ବୃତ୍ତଙ୍କ ତାଣ୍ଡବକାଣ୍ଡ

ବଣାଇଁ ସହରର ହାଟପଦାଠାରେ ରହିଛି ରଶ୍ମି ଇଲେକ୍ଟ୍ରିକାଲ ଦୋକାନ। ଏହାର ମାଲିକ ରଶ୍ମିରଞ୍ଜନ ସାହୁଙ୍କ ୪ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦୋକାନ ସଂଲଗ୍ନ ଆବାସିକ ଘରେ ରଶ୍ମିରଞ୍ଜନଙ୍କ ସ୍ତ୍ରୀ, ଝିଅ ଏବଂ ଦୋକାନରେ କାମ କରୁଥିବା କର୍ମଚାରୀ ସନତ କୁମାର ବେହେରା ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ୪ ଜଣ ଦୁର୍ବୃତ୍ତ ପହଞ୍ଚି ସନତଙ୍କୁ ମାଡ଼ ମାରିବା ସହ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ମାଲିକାଣୀଙ୍କୁ ଘର କବାଟ ଖୋଲା କରିବା ପାଇଁ କହିବାକୁ ଧମକ ଦେଇଥିଲେ। ନଚେତ୍ ଜୀବନରୁ ମାରିଦେବାକୁ ତାଙ୍କୁ ସେମାନେ କହିଥିଲେ। ଦୁର୍ବୃତ୍ତମାନଙ୍କ ପାଖରେ ବନ୍ଧୁକ, ମାଂସକଟା ଚାପଡ଼ ଓ ଶାବଳ ଥିଲା। ଫଳରେ ସନତ ଭୟରେ ପେଟ ବ୍ୟଥା ହେଉଛି, ଔଷଧ ଦିଅ ବୋଲି ମାଲିକାଣୀଙ୍କୁ ଫୋନ୍ ଯୋଗେ କହିଥିଲେ। ମା' ଝିଅ ଔଷଧ ଆଣି କବାଟ ଖୋଲିଥିଲେ। ଏହି ସମୟରେ ଛକି ରହିଥିବା ଦୁର୍ବୃତ୍ତମାନେ ସନତଙ୍କୁ ଧକ୍କା ମାରି ଘର ଭିତରକୁ ପଶି ଯାଇଥିଲେ। ମା' ଝିଅଙ୍କ ମୁହଁ, ଗୋଡ଼ ହାତ ସବୁ ବାନ୍ଧିବା ସହ ଚାବି ମାଗିଥିଲେ। ଚାବି ନ ଦେଲେ ଝିଅଙ୍କୁ ବଳାତ୍କାର କରି ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ। ଫଳରେ ଭୟରେ ମହିଳା ଜଣକ ଚାବି ଦେଇଥିଲେ। ଏହାପରେ ଘରେ ଥିବା ୫୦ ଲକ୍ଷର ସୁନା ଅଳଙ୍କାର, ମହାଜନଙ୍କୁ ଦେବା ପାଇଁ ରହିଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ମିଶାଇ ପ୍ରାୟ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇ ଫେରାର ହୋଇଯାଇଥିଲେ। ସକାଳୁ ରଶ୍ମିରଞ୍ଜନଙ୍କ ଝିଅ ନିକିତା ସାହୁ ବଣାଇଁ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେବା ସହ ମାରଣାସ୍ତ୍ର ଧରିଥିଲେ ☞ପୃଷ୍ଠା-୪

## ଜିଏମ୍‌ଡିସି: ଗୁଜରାଟରୁ ଆସି ଖାଇଗଲେ

ଅନୁଗୋଳ,୨୭।୧୦(ଦିବ୍ୟଶାନ୍ତନୁ ନାଥ)/ଛେଣ୍ଡିପଦା (ଅଜିତ ଧଳ)

ଖଣି ଖନନ ହେଲେ ରୋଜଗାର ବଢ଼ିବ। ଲୋକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିବ। ଏପରି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୭ଟି ରାଜସ୍ୱ ଗ୍ରାମ ଅଞ୍ଚଳର ଜମି ହାତେଇଚାଲିଛି ଗୁଜରାଟରୁ ଆସିଥିବା ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି)। ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତା ଓ ପ୍ରଶାସନିକ କଳକୁ ହାତ କରି ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ଶତାଧିକ ହେକ୍ଟର ଜମିକୁ ଖାଇଯାଉଥିବା ଆଞ୍ଚଳିକ ସୁରକ୍ଷା ମଞ୍ଚ, ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା, ପ୍ରଭାବିତ କେତୋଟି ଗ୍ରାମର ସଭାପତି ଓ ବିସ୍ଥାପିତ ପ୍ରଜାଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି। ତେଣୁ ନିଜର ଭିଟାମାଟିକୁ ବଞ୍ଚାଇବା ପାଇଁ ଅଞ୍ଚଳବାସୀ ବିକ୍ଷୋଭ, ଆନ୍ଦୋଳନ ମାଧ୍ୟମରେ ଆପ୍ରାଣ ଉଦ୍ୟମ କରୁଛନ୍ତି।


ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ବୈତରଣୀ -ପଶ୍ଚିମ କୋଇଲା ଖଣି ରହିଛି। ଏହି ଖଣିକୁ ପୂର୍ବରୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ହାତେଇଥିଲା। ହେଲେ ଲୋକଙ୍କ ବିରୋଧ ଯୋଗୁ ଓଏମ୍‌ସି ଖଣି ଖନନରୁ ଓହରି ଯାଇଥିଲା। ଏବେ ଏହି କୋଇଲା ଖଣିକୁ ଗୁଜରାଟୀ କମ୍ପାନୀ ଜିଏମ୍‌ଡିସିକୁ ସଅଁପି ଦିଆଯାଇଛି। ଏଥିସହ ଖୋଲା କୋଇଲା ଖଣି କରିବାକୁ ୧,୧୯୬ ହେକ୍ଟର ଜାଗା କମ୍ପାନୀକୁ ପ୍ରଦାନ କରାଯାଇଛି। ଏହି କୋଇଲା ଖଣି ଯୋଗୁ ଛେଣ୍ଡିପଦା ଜଙ୍ଗଲ, ଡେଣ୍ଟଲୋଇ କୋଡ଼ାସାହି, ପୋଡ଼ାପଡ଼ା ଜଙ୍ଗଲ, ମାଛକୁଟା ଓ ପୋଡ଼ାପଡ଼ା ଆଦି ୭ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ଲୋକଙ୍କ ଜୀବନ ଜୀବିକା ଉଜୁଡ଼ିଯିବ। ଜଳଠାରୁ ବାୟୁ ଯାଏ ସବୁକିଛି ପ୍ରଦୂଷଣର ବିଷ ବଳୟ ମଧ୍ୟକୁ ଚାଲିଯିବ। ଲୋକେ ରୋଗରେ ପଡ଼ି ଛଟପଟ ହେବେ। ତେଣୁ ଏଠାରେ ଖଣି କରାଇ ନ ଦେବା ପାଇଁ ପ୍ରଭାବିତ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଶେଷ ହୋଇଥିବା ବେଳେ ଖଣି ପାଇଁ ସର୍ଭେ କାର୍ଯ୍ୟ କମ୍ପାନୀ ଆରମ୍ଭ କରିଛି। ଏହାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଛି। ଏପରିକି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବିନା ଅନୁମତିରେ ଗ୍ରାମକୁ ଆସି ସର୍ଭେ ନ କରିବା ପାଇଁ କଡ଼ା ଚେତାବନୀ ଦିଆଯିବା ସହିତ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ତଥାପି କମ୍ପାନୀ କର୍ତ୍ତୃପକ୍ଷ ସର୍ଭେ ପାଇଁ ବାରମ୍ବାର ଗାଁକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କମ୍ପାନୀ ଛେଣ୍ଡିପଦା ଆସିବା ଦିନଠାରୁ ଗାଁ ଗାଁ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜାଉଛି। ଗାଁକୁ କିପରି ବିଭାଜନ କରିବ ସେ ନେଇ ଉଦ୍ୟମ ଚଳାଇଛି।

ହାଣ୍ଡିଗୋଡ଼ା ଗ୍ରାମ ସଭାପତି ଭାରତ ନାୟକ କହିଛନ୍ତି, ଗ୍ରାମବାସୀଙ୍କ ସହିତ ଆଲୋଚନା ନ କରି ଜିଏମ୍‌ଡିସି କେତେଜଣ ମୁଷ୍ଟିମେୟ ଲୋକଙ୍କୁ ହାତକରି ଗାଁରେ ପଶି ସର୍ଭେ କରୁଛି। ନିରୀହ ଲୋକଙ୍କ ଜମି ଛଡ଼ାଇ ନେବାକୁ ଚକ୍ରାନ୍ତ ଚଳାଇଛି। ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପଦେଷ୍ଟା ସସ୍ମିତା ବେହେରା କହିଛନ୍ତି, ପୈତୃକ ଜମିର ସୁରକ୍ଷା ସହିତ ଜୀବନ ଜୀବିକା ☞ପୃଷ୍ଠା-୪

## ସନ୍ଦେହରେ ନେତା ଓ ଭୂମିକା



ଅବନୀ ଯୋଶୀ



ମନୋଜ ମିଶ୍ର



ବସନ୍ତ ପଣ୍ଡା



ଯଦୁମଣି ପାଣିଗ୍ରାହୀ



ପ୍ରସନ୍ନ କୁମାର ପାଢ଼ୀ

ନୂଆପଡ଼ା,୨୭।୧୦(ସୁନିତ ମିଶ୍ର)

### ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ସ୍ଥାନୀୟ ରାଜନୈତିକ ସ୍ଥିତି ସେତିକି ରୋଚକ ହେବାରେ ଲାଗିଛି। କଡ଼ା ମୁକାବିଲା ଲାଗି ପ୍ରସ୍ତୁତି ଚଳାଇଥିବା ଭାଜପା ଏବଂ ବିଜେଡିର ସ୍ଥାନୀୟ ନେତା ଓ ସେମାନଙ୍କ ଭୂମିକାକୁ ନେଇ ଅନେକେ ଏବେ ସନ୍ଦେହ ଭିତରେ ରହିଲେଣି। ଉଭୟ ଦଳର ସ୍ଥାନୀୟ ଆଗଧାଡ଼ି ନେତାଙ୍କ ଭୂମିକା କ'ଣ ହେବ ତାକୁ ଜଗୁ ଜଗୁ ୨ଦଳର ମଙ୍ଗୁଆଳମାନଙ୍କ ଅବସ୍ଥା କୁଆଡ଼େ ଖରାପ ହେଲାଣି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତୃଣମୂଳ ସ୍ତରରେ ମଧ୍ୟ ବିଜେଡି ଓ ଭାଜପାର କେତେଜଣ ଆଗଧାଡ଼ିର ନେତାଙ୍କ ଭୂମିକାକୁ ନେଇ ଗାଁ ଗହଳିରେ ଲୋକ ଆଲୋଚନା କରୁଛନ୍ତି।

ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦେବା ପରେ ନୂଆ ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ସମସ୍ୟା ସୃଷ୍ଟି ହୋଇଥିବା କଥା ପ୍ରାୟ ସମସ୍ତଙ୍କୁ ଜଣାଅଛି। ଏହା ପରେ ବିଜେଡି କେତେଜଣ ସ୍ଥାନୀୟ ନେତାଙ୍କ ମଧ୍ୟରୁ ପ୍ରାର୍ଥୀ ଦେବ ବୋଲି ସେତେବେଳେ କସରତ ଆରମ୍ଭ ☞ପୃଷ୍ଠା-୪

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟର ତାଲିକା ଏସ୍ଆଇଆର୍ ସମ୍ପର୍କରେ ଘୋଷଣା କରୁଛନ୍ତି। ପାଖରେ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ- ଚମନ ଗୌତମ)

# ନଭେମ୍ବର ୪ରୁ ୧୨ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଏସ୍ଆଇଆର୍

## ଫେବୃଆରୀ ୭ରେ ଚୂଡ଼ାନ୍ତ ଭୋଟର ତାଲିକା

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ବିହାରରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ଛତିଶଗଡ଼, ଗୋଆ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷା ଦ୍ୱୀପପୁଞ୍ଜରେ ଏସ୍ଆଇଆର୍ ଅନୁଷ୍ଠିତ ହେବ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସାମରେ ମଧ୍ୟ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ଅଲଗା ଘୋଷଣା କରାଯିବ ବୋଲି ସିଇସି କହିଛନ୍ତି।

ଦେଶ ସ୍ୱାଧୀନ ହେବା ପରେ ଏହା ୯ମ ଏସ୍ଆଇଆର୍। ଏହା ପୂର୍ବରୁ ୨୦୦୨-୨୦୦୪ ମଧ୍ୟରେ ଶେଷ ଥର ପାଇଁ ଏସ୍ଆଇଆର୍ ହୋଇଥିଲା। ଖବରଦାତା ସମ୍ମିଳନୀରେ ସିଇସି କହିଛନ୍ତି, ବିହାରରେ ବିନା କୌଣସି ଅଭିଯୋଗରେ ଏସ୍ଆଇଆର୍‌ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ମତଦାତା ଯେପରି ଭୋଟର ତାଲିକାରେ ନ ରହନ୍ତି, ତାହା ସୁନିଶ୍ଚିତ କରିବା ଏସ୍ଆଇଆର୍‌ର ଲକ୍ଷ୍ୟ। ଦ୍ୱିତୀୟ ପର୍ଯ୍ୟାୟରେ ୫୧ କୋଟି ଭୋଟରଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହେବ। ଏଥିପାଇଁ ଗଣତି ପ୍ରକ୍ରିୟା ନଭେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ ଡିସେମ୍ବର ୯ରେ ଚିଠା ଭୋଟର ତାଲିକା ଏବଂ ଫେବୃଆରୀ ୭ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ ନିମନ୍ତେ ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନ ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ୨ଟି ସମ୍ମିଳନୀର ଆୟୋଜନ କରିଥିଲେ। ଅନେକ ସିଇଓ ସେମାନଙ୍କ ରାଜ୍ୟରେ ଶେଷ ଏସ୍ଆଇଆର୍ ପରର ଭୋଟର ତାଲିକା ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଦିଲ୍ଲୀ ସିଇଓ ୨୦୦୮ରେ ହୋଇଥିବା ଶେଷ ଏସ୍ଆଇଆର୍ ପରବର୍ତ୍ତୀ ଭୋଟର ତାଲିକା ୱେବ୍‌ସାଇଟ୍‌ରେ ଛାଡ଼ିଛନ୍ତି। ବିଭିନ୍ନ ରାଜ୍ୟର ଶେଷ ଏସ୍ଆଇଆର୍ ବର୍ଷକୁ କଟ୍-ଅଫ୍ ତାରିଖ ଭାବେ ଧରାଯିବ, ଯେପରି ବିହାର ପାଇଁ ୨୦୦୩ ଭୋଟର ତାଲିକାକୁ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବ୍ୟବହାର କରାଯାଇଥିଲା। ଅଧିକାଂଶ ରାଜ୍ୟରେ ଶେଷ ଏସ୍ଆଇଆର୍ ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିଲା। ଏସ୍ଆଇଆର୍‌ର ପ୍ରଥମ ଲକ୍ଷ୍ୟ ହେଲା ଲୋକଙ୍କ ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା। ବାଂଲାଦେଶ ଏବଂ ମ୍ୟାନ୍‌ମାର ଆଦି ଦେଶରୁ ବେଆଇନ ଭାବେ ଆସି ବିଭିନ୍ନ ରାଜ୍ୟରେ ରହିଯାଇଥିବାରୁ ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଚଢ଼ାଉ ଜାରି ରହିଛି।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏଫ୍‌ଡିଆଇ ସୀମା ୪୯%କୁ ବଢ଼ାଇବା ପାଇଁ କେନ୍ଦ୍ରର ଯୋଜନା

ନୂଆଦିଲ୍ଲୀ,୨୭।୧୦

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୪୯ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଭାରତ ଯୋଜନା କରୁଛି। ଏହା ବର୍ତ୍ତମାନର ଏଫ୍‌ଡିଆଇ ସୀମାର ୨ ଗୁଣ ଅଧିକ ବୋଲି ନୀତିଗତ ଆଲୋଚନା ସହ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବ୍ୟକ୍ତିଙ୍କ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସୀମା ୨୦ ପ୍ରତିଶତ ରହିଛି। ଏହାକୁ ୪୯%କୁ ବଢ଼ାଇବା ନେଇ ଅର୍ଥ ମନ୍ତ୍ରଣାଳୟ ୨ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ଆଲୋଚନା ଚଳାଇଥିଲେ ମଧ୍ୟ ପ୍ରସ୍ତାବ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

ପ୍ରସ୍ତାବ ଅନୁଯାୟୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ସରକାରଙ୍କ ବୃହତ୍ ମାଲିକାନା ଅର୍ଥାତ୍ ଅନ୍ୟୂନ ୫୧ ପ୍ରତିଶତ ଅଂଶଧନ ରହିବ। ବ୍ୟାଙ୍କଗୁଡ଼ିକୁ ଅଧିକ ବିଦେଶୀ ପୁଞ୍ଜି ଆକର୍ଷିତ କରିବା ଏହାର ଲକ୍ଷ୍ୟ। ବୃହତ୍ତର ଆର୍ଥିକ କ୍ଷେତ୍ର ସଂସ୍କାରର ଏହା ଅଂଶବିଶେଷ, ଯାହା ଶାସନର ସାମର୍ଥ୍ୟ ବଢ଼ାଇବା ସହ ଦେଶର ଋଣ ଆବଶ୍ୟକତା ବଢ଼ାଇବାରେ ସହାୟକ ହେବ। ସଂଶୋଧିତ ସୀମା ଉଭୟ ପ୍ରତ୍ୟକ୍ଷ ଏବଂ ପୋର୍ଟଫୋଲିଓ ନିବେଶ ପାଇଁ ଲାଗୁ ହେବ। ବ୍ୟକ୍ତିଗତ ଅଂଶୀଦାରମାନଙ୍କ ଭୋଟିଂ ଅଧିକାରର ସୁରକ୍ଷା ଏବଂ ସରକାରଙ୍କ ନିୟନ୍ତ୍ରଣ କ୍ଷମତା ଯେପରି ହ୍ରାସ ନ ପାଏ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଆର୍‌ବିଆଇ ସହ ବିଚାରବିମର୍ଶ ଶେଷ ହେବା ପରେ ସରକାର ସବିଶେଷ ଗାଇଡ୍‌ଲାଇନ୍ ଜାରି କରିବେ ବୋଲି ଆଶା କରାଯାଉଛି।

# ବାଂଲାଦେଶ ମାନଚିତ୍ରରେ ଭାରତର ଉତ୍ତରପୂର୍ବାଞ୍ଚଳକୁ ନେଇ ବିବାଦ




ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ପାକିସ୍ତାନର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କମିଟି ମୁଖ୍ୟ ଜେନେରାଲ ସାହିର ଶମଶାଦ ମିର୍ଜାଙ୍କୁ ବିବାଦୀୟ ମାନଚିତ୍ର ଥିବା ଏକ ପୁସ୍ତକ ଉପହାର ଦେଉଛନ୍ତି।

ନୂଆଦିଲ୍ଲୀ,୨୭।୧୦

ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ପାକିସ୍ତାନୀ ଜେନେରାଲଙ୍କୁ ଏକ ବିବାଦୀୟ ମାନଚିତ୍ର ପ୍ରଦାନ କରିଛନ୍ତି। ଏଥିରେ ଆସାମ ଏବଂ ଅନ୍ୟ ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ବାଂଲାଦେଶର ଅଂଶବିଶେଷ ଭାବେ ଦର୍ଶାଯାଇଥିବାରୁ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ୧୯୭୧ ମୁକ୍ତିଯୁଦ୍ଧ ପରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ତିକ୍ତତାପୂର୍ଣ୍ଣ ସମ୍ପର୍କ ରହିଆସିଥିବାବେଳେ ୟୁନୁସ୍ କ୍ଷମତାକୁ ଆସିବା ପରେ ଏଥିରେ ପରିବର୍ତ୍ତନ ହୋଇଛି। ସମ୍ପର୍କ ଆହୁରି ବଢ଼ାଇବା ପାଇଁ ପାକିସ୍ତାନର ଜଏଣ୍ଟ ଚିଫ୍ସ ଅଫ ଷ୍ଟାଫ୍ କମିଟି ମୁଖ୍ୟ ଜେନେରାଲ ସାହିର ଶାମଶାଦ ମିର୍ଜା ରବିବାର ଢାକା ଗସ୍ତରେ ଯାଇ ୟୁନୁସ୍‌ଙ୍କୁ ଭେଟିଥିଲେ। ଏହି ଅବସରରେ ୟୁନୁସ୍ ତାଙ୍କୁ 'ଆର୍ଟ ଅଫ୍ ଟ୍ରିଉମ୍ଫ୍' ନାମକ ଏକ ପୁସ୍ତକ ଉପହାର ଦେଉଥିବାର ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଉକ୍ତ ପୁସ୍ତକର ମଲାଟରେ ବାଂଲାଦେଶର ବିକୃତ ମାନଚିତ୍ର ଥିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଭାରତର ୭ଟି ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ବାଂଲାଦେଶର ଅଞ୍ଚଳ ଭାବେ ଦର୍ଶାଯାଇଛି, ଯାହାକୁ କଠୋରପନ୍ଥୀ ଇସ୍‌ଲାମୀୟ ସଂଗଠନ 'ବୃହତ୍ ବାଂଲାଦେଶ' କହୁଛି।

# ଦିଲ୍ଲୀ ପୋଲିସକୁ ୨ ସପ୍ତାହ ସମୟ ଦେବାକୁ ମନାକଲେ ସୁପ୍ରିମକୋର୍ଟ

## ୨୦୨୦ ଦଙ୍ଗା ମାମଲାରେ ଖଲିଦ୍, ଇମାମ୍‌ଙ୍କ ଜାମିନ ଆବେଦନ

ନୂଆଦିଲ୍ଲୀ,୨୭।୧୦(ପି.ଟି.)

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାରେ ଜେଲରେ ଥିବା ଆକ୍ଟିଭିଷ୍ଟ ଉମର ଖଲିଦ, ଶର୍ଜିଲ ଇମାମ, ଗୁଲ୍‌ଫିଶା ଫତିମା ଏବଂ ମୀରନ ହାଇଦରଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ପୋଲିସ ଜବାବ ରଖିବା ପାଇଁ ୨ ସପ୍ତାହ ସମୟ ମାଗିଥିଲେ। ସୁପ୍ରିମକୋର୍ଟ ପୋଲିସର ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ଦିଲ୍ଲୀ ପୋଲିସ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଉପସ୍ଥିତ ରହି ଜବାବୀ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଥିଲେ। ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ୨ ସପ୍ତାହ ସମୟ ଦେବାକୁ ମନା କରିଦେବା ସହ ଅକ୍ଟୋବର ୩୧ରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆମେ ଆପଣଙ୍କୁ ଯଥେଷ୍ଟ ସମୟ ଦେଇସାରିଛୁ। ଖଲିଦଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, ଆବେଦନକାରୀ ୫ ବର୍ଷରୁ ଉର୍ଦ୍ଧ୍ୱ ଜେଲରେ ରହିଲେଣି। ଶୁଣାଣିକୁ ଅଧିକ ବିଳମ୍ବ କରାଯିବା ଉଚିତ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ ଅଭିଷେକ ସିଙ୍ଘଭି କହିଥିଲେ। ସେପ୍ଟେମ୍ବର ୨୨ରେ ଦିଲ୍ଲୀ ପୋଲିସକୁ ଜବାବ ମଗାଯାଇଥିଲା। ସେପ୍ଟେମ୍ବର ୨ରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଆକ୍ଟିଭିଷ୍ଟମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ନାଗରିକଙ୍କ ଦ୍ୱାରା ବିକ୍ଷୋଭ ବାହାନାରେ ଷଡ଼ଯନ୍ତ୍ରପୂର୍ଣ୍ଣ ହିଂସାକାଣ୍ଡ ଘଟିଥିଲା। ତେଣୁ ଖଲିଦ, ଇମାମଙ୍କ ସମେତ ୯ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ହାଇକୋର୍ଟ ମନା କରିଦେଇଥିଲେ।

# ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ବୁଲା କୁକୁର ମାମଲା

### ୩ରେ ହାଜର ପାଇଁ ମୁଖ୍ୟ ସଚିବମାନଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୭।୧୦(ପି.ଟି.)



ବୁଲା କୁକୁର ମାମଲାରେ ନିୟମାବଳୀ ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ବୁଲାକୁକୁରମାନଙ୍କୁ ନେଇ ସବୁବେଳେ ବିଭିନ୍ନ ଘଟଣା ଘଟି ଚାଲିଥିବାବେଳେ ବିଦେଶରେ ଭାରତର ଛବି ମଳିନ ହେଉଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ନଭେମ୍ବର ୩ରେ ହାଜର ହୋଇ କୋର୍ଟଙ୍କ ଅଗଷ୍ଟ ୨୨ ନିର୍ଦ୍ଦେଶ ସତ୍ତ୍ୱେ କ'ଣ ପାଇଁ ଅନୁପାଳନ ସତ୍ୟପାଠ ଦାଖଲ କରିନାହାନ୍ତି, ତାହାର ସ୍ପଷ୍ଟୀକରଣ ଦେବାକୁ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। କେବଳ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନକୁ ବାଦ୍ ଦେଲେ ଅନ୍ୟ କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସତ୍ୟପାଠ ଦାଖଲ କରିନାହାନ୍ତି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରାଯାଇଥିଲା। ସେମାନେ ଜବାବ ଦେଇ ନ ଥିବାରୁ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନେ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ପଷ୍ଟୀକରଣ ସହ ହାଜର ହେବାକୁ ଖଣ୍ଡପୀଠ କହିଛନ୍ତି। ବୁଲା କୁକୁର ସମ୍ପର୍କିତ ଘଟଣାକୁ ସୁପ୍ରିମକୋର୍ଟ ନିଜ ଆଡୁ ବିଚାରପାଇଁ ଗ୍ରହଣ କରିଥିଲେ। ଦିଲ୍ଲୀ-ଏନ୍‌ସିଆର୍ ସମେତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା। ପ୍ରାଣୀ ଜନ୍ମନିୟନ୍ତ୍ରଣ ନିୟମାବଳୀ ଅନୁଯାୟୀ କୁକୁର ଆଶ୍ରୟସ୍ଥଳ, ପ୍ରାଣୀ ଚିକିତ୍ସକ, କୁକୁର ଧରିବା କର୍ମଚାରୀ, ସ୍ୱତନ୍ତ୍ର ଗାଡ଼ି ଓ ଯନ୍ତା ଆଦି ସମେତ ଉପଲବ୍ଧ ସମସ୍ତ ସମ୍ବଳର ସମ୍ପୂର୍ଣ୍ଣ ପରିସଂଖ୍ୟାନ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କୁହାଯାଇଥିଲା।

# ଆଇନ ଛାତ୍ରଙ୍କ ପେଟ ଚିରିଦେଲେ

କାନପୁର,୨୭।୧୦

କାନପୁର ୟୁନିଭର୍ସିଟିର ୨୨ ବର୍ଷୀୟ ଆଇନ ଛାତ୍ର ଅଭିଜିତ ସିଂ ଚାଣ୍ଡେଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଔଷଧ ଦାମ୍‌କୁ ନେଇ ସ୍ଥାନୀୟ ମେଡିସିନ୍ ଷ୍ଟୋର ଅପରେଟର ଅମର ସିଂଙ୍କ ସହ ଅଭିଜିତ୍‌ଙ୍କର ବଚସା ହୋଇଥିଲା। ପରେ ଅମର ତା'ର ୨ ଭାଇ ଓ ଅନ୍ୟ ୨ ଜଣଙ୍କ ସହ ମିଶି ଅଭିଜିତଙ୍କ ଉପରେ ଆକ୍ରମଣ କରିଥିଲେ। ସେମାନେ ଅଭିଜିତଙ୍କ ମୁଣ୍ଡକୁ ପିଟିବା ସହ ଧାରୁଆ ଅସ୍ତ୍ରରେ ପାକସ୍ଥଳୀକୁ ଚିରିଦେଇଛନ୍ତି ଓ ୨ଟି ଆଙ୍ଗୁଠି କାଟିଦେଇଛନ୍ତି। ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଭିଜିତଙ୍କ ମୁଣ୍ଡରେ ୧୪ଟି ଷ୍ଟିଚ୍ କରାଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦିଲ୍ଲୀରେ ମହିଳା ଡାକ୍ତରଙ୍କୁ ବଳାତ୍କାର

ନୂଆଦିଲ୍ଲୀ,୨୭।୧୦

ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଜଣେ ବ୍ୟକ୍ତି ସେନା ଅଫିସର ପରିଚୟ ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଆରବ ନାମକ ଯୁବକଙ୍କ ଘର ଦିଲ୍ଲୀର ଛତରପୁରରେ ଓ ସେ ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି। ସେ ନିଜକୁ ସେନାର ଜଣେ ଲ୍ୟୁଟ୍‌ନାଣ୍ଟ ପରିଚୟ ଦେଇ ଡାକ୍ତରଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଉଭୟ ହ୍ୱାଟ୍ସଆପ୍‌ରେ ଚାର୍ଟିଂ ଆରମ୍ଭ କରିଥିଲେ ବୋଲି ପୋଲିସ କହିଛି। ଆରବ ଜମ୍ମୁ-କଶ୍ମୀରରେ ପୋଷ୍ଟିଂ ହୋଇଥିବା କହିବା ସହ ସେନା ପୋଷାକରେ ଥିବା ଫଟୋ ପଠାଇଥିଲେ। ଚଳିତ ମାସ ଆରମ୍ଭରେ ସେ ଦିଲ୍ଲୀ ଆସି ଡାକ୍ତରଙ୍କ ମସ୍‌ଜିଦ ମୋଥ୍ ଅଞ୍ଚଳରେ ଥିବା ଘରକୁ ଯାଇଥିଲେ। ସେଠାରେ ସେ ଡାକ୍ତରଙ୍କୁ ଖାଦ୍ୟରେ ନିଶା ଦେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି। ୧୬ ତାରିଖରେ ଡାକ୍ତରଙ୍କ ଅଭିଯୋଗକ୍ରମେ ପୋଲିସ ଛତରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ଏକ ସେନା ପୋଷାକ ଦୋକାନରୁ ଏହାକୁ କିଣିଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି।

# ଅରୁଣାଚଳ ନିକଟରେ ଚାଇନାର ୩୬ ଯୁଦ୍ଧବିମାନ ସେଲ୍ଟର

## ଭାରତ ପାଇଁ ମୁଣ୍ଡବ୍ୟଥା

ନୂଆଦିଲ୍ଲୀ,୨୭।୧୦




ଚାଇନା ନିର୍ମାଣ କରିଥିବା ଏୟାରକ୍ରାଫ୍ଟ ସେଲ୍ଟରର ସାଟେଲାଇଟ ଚିତ୍ର।

ଅରୁଣାଚଳରେ ଥିବା ଭାରତ-ଚାଇନା ସୀମା ମାକ୍‌ମୋହନ ଲାଇନଠାରୁ ଉତ୍ତରରେ ପ୍ରାୟ ୪୦ କିଲୋମିଟର ଦୂରରେ ଚାଇନା ଯୁଦ୍ଧବିମାନ ରଖିବା ପାଇଁ ୩୬ଟି ଶକ୍ତିଶାଳୀ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଏହି ଘଟଣା ଜଣାପଡ଼ିବା ପରେ ଭାରତର ଚିନ୍ତା ବଢ଼ିଯାଇଛି। ତିବ୍ବତର ଲୁଞ୍ଜେଠାରେ ଏହି ନୂଆ ସେଲ୍ଟର ନିର୍ମାଣ ହେଉଛି, ଯାହାକି ଅରୁଣାଚଳ ପ୍ରଦେଶର ତାୱାଙ୍ଗ ସହରଠାରୁ ପ୍ରାୟ ୧୦୭ କିଲୋମିଟର ଦୂରରେ ଅବସ୍ଥିତ। ଚାଇନା ସେଠାରେ ଲଢୁଆ ବିମାନ ଏବଂ ଡ୍ରୋନ୍ ସିଷ୍ଟମ ରଖିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ଏହାକୁ ସୀମାରେ ନିୟୋଜିତ କରିପାରିବ। ଭାରତୀୟ ଆସାମ କିମ୍ବା ଅରୁଣାଚଳପ୍ରଦେଶରେ ଥିବା ଭାରତୀୟ ବାୟୁସେନାର ନିଜସ୍ୱ ଏୟାରବେସ୍‌ରୁ ଯୁଦ୍ଧବିମାନ କୌଣସି ଆକ୍ରମଣର ମୁକାବିଲା କରିବା ପାଇଁ ଯେତିକି ସମୟ ଆବଶ୍ୟକ କରିବ, ତା'ଠାରୁ ଯଥେଷ୍ଟ କମ୍ ସମୟ ମଧ୍ୟରେ ଚାଇନା ସେନା ଜବାବ ଦେଇପାରିବ। ଗତ ୧୭ ତାରିଖରେ ଲୁଞ୍ଜେ ଏୟାରବେସ୍‌ରୁ ନିଆଯାଇଥିବା ସାଟେଲାଇଟ୍ ଚିତ୍ରରୁ ୩୬ଟି ଏୟାରକ୍ରାଫ୍ଟ ସେଲ୍ଟର ସମ୍ପୂର୍ଣ୍ଣ ହୋଇଥିବା ସ୍ପଷ୍ଟ ଦେଖିବାକୁ ମିଳିଛି। ଗତ ଏପ୍ରିଲରେ ସେଠାରେ ନିର୍ମାଣ ପାଇଁ ମାଟିକାମ ଚାଲିଥିବା ଦେଖିବାକୁ ମିଳିଥିଲା।

ସୀମାର ଖୁବ୍ ନିକଟରେ ବେଜିଂ ଯୁଦ୍ଧବିମାନ ଆଶ୍ରୟସ୍ଥଳ ନିର୍ମାଣ କରିଥିବାରୁ ପରବର୍ତ୍ତୀ ସାମରିକ ଘଟଣାରେ ସେମାନଙ୍କ ଲଢୁଆ ବିମାନ ଓ ଆକ୍ରମଣକାରୀ ହେଲିକପ୍ଟର ଲୁଞ୍ଜେ ଏୟାରବେସ୍‌ରୁ ସେମାନଙ୍କ ସେନାକୁ ସହାୟତା କରିବ ବୋଲି ଅବସରପ୍ରାପ୍ତ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆ କହିଛନ୍ତି। ଉକ୍ତ ଅଞ୍ଚଳରେ ଥିବା ଭୂତଳ ସୁଡ଼ଙ୍ଗଗୁଡ଼ିକରେ ଗୁଳିଗୋଳା ଏବଂ ଇନ୍ଧନ ଗଚ୍ଛିତ ରହିଥିବା ସେ କହିଛନ୍ତି। ୨୦୧୭ ଡୋକଲାମ ଘଟଣା ବେଳେ ଧନୋଆ ତାଙ୍କ କର୍ମଚାରୀମାନଙ୍କୁ କହିଥିଲେ, ତିବ୍ବତରେ ଚାଇନା ବାୟୁସେନା (ପିପୁଲ୍ସ ଲିବରେଶନ ଆର୍ମି ଏୟାରଫୋର୍ସ) ପାଇଁ ଯୁଦ୍ଧବିମାନ ସମସ୍ୟା ନୁହେଁ, ବରଂ ଏହାକୁ ମୁତୟନ କରିବା ସମସ୍ୟା। ସେମାନେ ତିବ୍ବତ ଏୟାରଫିଲ୍ଡରେ ଯେତେବେଳେ ସଶକ୍ତ ଏୟାରକ୍ରାଫ୍ଟ ସେଲ୍ଟର ନିର୍ମାଣ ଆରମ୍ଭ କରିବେ, ସେମାନେ ଆମ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବେ। ତିବ୍ବତରେ ସେମାନଙ୍କର ମୁଖ୍ୟ ଦୁର୍ବଳତା ଦୂର ହୋଇଯିବ ବୋଲି ସେତେବେଳେ ଧନୋଆ କହିଥିଲେ। ଭାରତୀୟ ବାୟୁସେନାର ପୂର୍ବତନ ଉପମୁଖ୍ୟ ଏୟାର ମାର୍ଶାଲ ଅନିଲ ଖୋସ୍‌ଲା କହିଛନ୍ତି, ଉପରୋକ୍ତ ଏୟାରଫିଲ୍ଡଗୁଡ଼ିକର ନିର୍ମାଣ ଓ ଉନ୍ନତୀକରଣ ଚାଇନାର ଭବିଷ୍ୟତ ଯୁଦ୍ଧ ଯୋଜନା ପାଇଁ ସହାୟକ ହେବ। ଏହା ଭାରତ ପାଇଁ ଗମ୍ଭୀର ରଣନୈତିକ ବିପଦ। ୨୦୨୦ର ଗଲୱାନ ସଂଘର୍ଷଠାରୁ ଚାଇନା ସେନା ଏହାର ସାମର୍ଥ୍ୟ ଓ ଭିତ୍ତିଭୂମି ଢାଞ୍ଚା ବଢ଼ାଇ ଚାଲିଛି। ଲୁଞ୍ଜେ ଏୟାରବେସ୍‌ର ଉନ୍ନତୀକରଣ ଆଞ୍ଚଳିକ ସୁରକ୍ଷା ବିଶେଷ କରି ୨୦୨୦ରୁ ଲାଗିରହିଥିବା ଭାରତ-ଚାଇନା ସୀମାର ମୁହାଁମୁହିଁ ଅବସ୍ଥା ପରିପ୍ରେକ୍ଷୀରେ ଆଞ୍ଚଳିକ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବ ବୋଲି ଖୋସ୍‌ଲା କହିଛନ୍ତି।

# ୩ ଭଉଣୀଙ୍କ ଏଆଇ ଫଟୋରେ ବ୍ଲାକ୍‌ମେଲ୍: ଭାଇଙ୍କ ଆତ୍ମହତ୍ୟା

ଫରିଦାବାଦ,୨୭।୧୦

ହରିୟାଣାର ଫରିଦାବାଦରେ ଜଣେ ୧୯ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ଡିଏଭି କଲେଜ ଛାତ୍ର ରାହୁଲ ଭାରତୀଙ୍କ ୩ ଭଉଣୀଙ୍କ ଏଆଇ ପ୍ରସ୍ତୁତ ଅଶ୍ଳୀଳ ଫଟୋ ଓ ଭିଡିଓ ଦ୍ୱାରା ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇ ଟଙ୍କା ଦାବି କରାଯାଉଥିଲା। କେହି ଜଣେ ରାହୁଲଙ୍କ ଫୋନ୍‌କୁ ହ୍ୟାକ୍ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରି ତାଙ୍କ ସମେତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ପ୍ରସ୍ତୁତ କରୁଥିଲେ ବୋଲି ରାହୁଲଙ୍କ ବାପା ମନୋଜ ଭାରତୀ କହିଛନ୍ତି। ତଦନ୍ତରୁ ରାହୁଲଙ୍କର ସାହିଲ ନାମକ ଯୁବକଙ୍କ ସହ ଚାଟିଂ ହୋଇଥିବା ଜଣାପଡ଼ିଛି। ସେ ଅଶ୍ଳୀଳ ଫଟୋ ପଠାଇ ପ୍ରଥମେ ୨୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ସମସ୍ତ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏଥିସହିତ ରାହୁଲଙ୍କୁ ଆତ୍ମହତ୍ୟା ପାଇଁ ସେ ପ୍ରୋତ୍ସାହିତ କରିଥିଲେ। ବିଚଳିତ ରାହୁଲ ଶନିବାର ରାତିରେ କେତେକ ନିଶା ଔଷଧ ଖାଇଦେଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା।




# ବାବୁଙ୍କୁ ସମ୍ପତ୍ତି ତାଲିକା ଅଡୁଆ

## ପଦୋନ୍ନତିକୁ ସଂଖ୍ୟାଧିକ କର୍ମଚାରୀଙ୍କ ପଦାଘାତ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

୨୦୨୫ ଶେଷ ହେବାକୁ ୨ମାସ ବାକି ରହିଛି। ହେଲେ ଏପର୍ଯ୍ୟନ୍ତ ବାବୁମାନେ ୨୦୨୪ ଲାଗି ସେମାନଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ସରକାରଙ୍କୁ ଦେଉନାହାନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସଂକ୍ରାନ୍ତରେ ବାରମ୍ବାର ଅବଗତ କରାଗଲେ ମଧ୍ୟ କର୍ମଚାରୀଙ୍କୁ ଚେତନା ଆସୁନାହିଁ। ଏପରି କି ସଂଖ୍ୟାଧିକ କର୍ମଚାରୀ ସେମାନଙ୍କ ପଦୋନ୍ନତି ସହ ଅନ୍ୟାନ୍ୟ ସରକାରୀ ପ୍ରାପ୍ତିକୁ ମଧ୍ୟ ଖାତିର କରୁନାହାନ୍ତି। ନଭେମ୍ବରରୁ କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହେବ। ହେଲେ ସଂଖ୍ୟାଧିକ କର୍ମଚାରୀ ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ବିଭିନ୍ନ ସମୟରେ ବିଭାଗୀୟ ମୁଖ୍ୟମାନେ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବା ନଜିର ରହିଥିବାବେଳେ ସମ୍ପ୍ରତି ବାର୍ଷିକ ସମ୍ପତ୍ତି ତାଲିକାକୁ କର୍ମଚାରୀମାନଙ୍କ ଅବମାନନାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର୍ ଧରିଛି।

ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ଚଳିତମାସ ୨୩ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କର୍ମଚାରୀମାନେ ଯେପରି ସମୟ ଭିତରେ ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେନେଇ ବିଭାଗୀୟ ମୁଖ୍ୟମାନେ ଗୁରୁତ୍ୱ ଦେବାକୁ ସେ ଅନୁରୋଧ କରିଛନ୍ତି। ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ମାନବସମ୍ବଳ ପରିଚାଳନା ପଦ୍ଧତି(ଏଚ୍ଆର୍ଏମ୍ଏସ୍) ପୋର୍ଟାଲରେ ପ୍ରତିବର୍ଷ ସରକାରୀ କର୍ମଚାରୀମାନେ ତାଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଅପ୍‌ଲୋଡ୍ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଏହାକୁ ବହୁ କର୍ମଚାରୀ ମାନୁନାହାନ୍ତି। ଫଳରେ କର୍ମଚାରୀଙ୍କ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ ପଦକ୍ଷେପ ବେଳେ ସମସ୍ୟା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ୨୦୨୪ ବର୍ଷ ପାଇଁ ଆଉ ଅବଧି ବୃଦ୍ଧି କରାଯିବ ନାହିଁ କି ଏଚ୍ଆର୍ଏମ୍ଏସ୍ ପୋର୍ଟାଲ ଖୋଲାଯିବ ନାହିଁ। ସେ କହିଛନ୍ତି, ବାର୍ଷିକ ସମ୍ପତ୍ତି ବିବରଣୀ ଦେବା କର୍ମଚାରୀମାନଙ୍କ ପାଇଁ ବାଧ୍ୟତାମୂଳକ। ଏହାକୁ ଜାଣି ମଧ୍ୟ ଯେଉଁ କର୍ମଚାରୀମାନେ ସମ୍ପତ୍ତି ବିବରଣୀ ପ୍ରଦାନ କରିନାହାନ୍ତି, ସେମାନଙ୍କୁ ପଦୋନ୍ନତି ଦିଆଯିବ ନାହିଁ। ବିଭାଗୀୟ ମୁଖ୍ୟମାନେ ଡିପାର୍ଟମେଣ୍ଟାଲ ପ୍ରମୋଶନ କମିଟି(ଡିପିସି) ବୈଠକ କଲାବେଳେ ସମ୍ପୃକ୍ତ କର୍ମଚାରୀଙ୍କୁ ପଦୋନ୍ନତି ଲାଗି ବିବେଚନା କରିବେନାହିଁ ବୋଲି ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି।

ସୁରେନ୍ଦ୍ର କୁମାର ପୁନର୍ବାର ଅବଗତ କରାଇଛନ୍ତି, ୨୦୨୫ ବର୍ଷ ପାଇଁ ୩୧ ଜାନୁଆରୀ-୨୦୨୬ ସୁଦ୍ଧା ସମସ୍ତ କର୍ମଚାରୀ ଯେପରି ସମ୍ପତ୍ତି ତାଲିକା ପ୍ରଦାନ କରିବେ ସେଦିଗରେ ପଦକ୍ଷେପ ନେବାକୁ ହେବ। ଏହି ଅବଧିକୁ ସରକାର ଏଥର କଡାକଡ଼ି ଭାବେ ପାଳନ କରିବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ମୁଖ୍ୟମାନେ କର୍ମଚାରୀଙ୍କ ବାର୍ଷିକ ସମ୍ପତ୍ତି ବିବରଣୀ ଯେପରି ୧୦୦% ମିଳିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ଦର୍ଶାଇଛନ୍ତି।

# ୩ କି.ମି. ଚାଲି ଜିଲାପାଳଙ୍କୁ ଭେଟିଲେ

## ହଷ୍ଟେଲ, ବିଦ୍ୟାଳୟ ସମସ୍ୟା ନେଇ ତାତିଲେ ଛାତ୍ରୀ

ଉଦଳା,୨୭।୧୦
(ସନ୍ତୋଷ କୁମାର ବାଛିନୀ)

ହଷ୍ଟେଲ ଏବଂ ବିଦ୍ୟାଳୟରେ ଥିବା ଅବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ଛାତ୍ରୀ ୩ କି.ମି. ଡହ ଡହ ଖରାରେ ଚାଲି ଚାଲି ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟରେ।

ଏହି ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀରେ ମୋଟ ୧୨୯ ଜଣ ଛାତ୍ରୀ ପଢୁଥିବା ବେଳେ ୧୦୦ ଛାତ୍ରୀ ହଷ୍ଟେଲରେ ରୁହନ୍ତି। ହେଲେ ଦୀର୍ଘ ଦିନ ହେବ ହଷ୍ଟେଲରେ ଅବ୍ୟବସ୍ଥା ଲାଗି ରହିଛି। ହଷ୍ଟେଲରେ ପାନୀୟ ଜଳର ଅଭାବ, ବିଳମ୍ବରେ ଅନ୍ତେବାସିନୀମାନଙ୍କୁ ଖାଦ୍ୟ ମିଳିବା, ବିଦ୍ୟୁତ୍ ସରବରାହ ନ ରହିବା ସହିତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଅଭାବ, ସାଇନ୍ସ ଲାବରେଟୋରି ଖୋଲା ନ ଯିବା, ଲାଇବ୍ରେରି ବନ୍ଦ ରହିବା ଏବଂ ଇଂଲିଶ ବିଷୟ ଭଲ ଭାବରେ ଶିକ୍ଷୟିତ୍ରୀ ପଢ଼ାଉ ନ ଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ କିଛି ପଦକ୍ଷେପ ଗ୍ରହଣ କରି


ଛାତ୍ରୀମାନେ ଚାଲି ଚାଲି ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ଯାଉଛନ୍ତି।

ନ ଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ଛାତ୍ରୀମାନେ ବିଦ୍ୟାଳୟ ଗେଟ୍ ନିକଟରେ ଧାରଣାରେ ବସିବା ସହ ବିକ୍ଷୋଭ କରିଥିଲେ। ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଫାଟକ ବାହାର ପାଖରୁ ତାଲା ମାରିଦେବାରୁ ତାତିଥିଲେ ଛାତ୍ରୀମାନେ। ପରିସ୍ଥିତି ଦେଖି ପ୍ରଧାନ ଶିକ୍ଷୟିତ୍ରୀ ଗେଟ୍ ତାଲା ଖୋଲିବା ପରେ ଛାତ୍ରୀମାନେ ଡହ ଡହ ଖରାରେ ଚାଲି ଚାଲି ୩ କି.ମି. ଦୂର ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବରକୁ ଯାଇଥିଲେ। ସେଠାରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ। ତେବେ ଛାତ୍ରୀମାନେ ଏତେ ବାଟ ଚାଲି ଚାଲି ଯିବା ଜାଣିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଜିଲାପାଳ ବିରକ୍ତ ହୋଇଥିଲେ। ଏହା ସହିତ ତୁରନ୍ତ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳର ସୁବିଧା ସହିତ ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେବା ବାବଦରେ ଛାତ୍ରୀମାନଙ୍କୁ ଜିଲାପାଳ କହିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଏକ ମାସର ଦରମା ବନ୍ଦ କରାଯିବ ବୋଲି ଜିଲାପାଳ କହିବା ପରେ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ।

# ପାଳନ ହେବନି ବିପର୍ଯ୍ୟୟ ପ୍ରଶମନ ଦିବସ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ହେବନାହିଁ। ବାତ୍ୟା ‘ମୋନ୍ଥା’ର ପ୍ରଭାବକୁ ନେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍ଏ)ଙ୍କ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି।

ସୋମବାର ଓଏସ୍‌ଡିଏମ୍ଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଲ ଲୋଚନ ମିଶ୍ର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗର ସୂଚନା ଆଧାରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଅକ୍ଟୋବର ୨୯ରେ ପାଳନ ହେବାକୁ ଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ୍ ଦିବସ ପାଳନ ହେବନାହିଁ। ଏହି ଦିବସ ସରକାରଙ୍କ ପକ୍ଷରୁ ପରେ ପାଳନ କରାଯିବ। ଏନେଇ ଦିନ ଧାର୍ଯ୍ୟ ହେଲେ ଅବଗତ କରାଇ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଛେଳି ପାଇଁ ଡାଳ ଆଣିବାରୁ ମହିଳାଙ୍କୁ ମାଡ଼

## ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିଲେ ଗ୍ରାମବାସୀ


ନୀଳଗିରି, ୨୭।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବନ ବିଭାଗ ଗୋପାଳପୁର ବିଟ୍ ହାଉସ ଅଧୀନ ଜଙ୍ଗଲରୁ ଜଣେ ମହିଳା ଛେଳି ପାଇଁ ଗଛ ଡାଳ ଆଣୁଥିବା ବେଳେ ଫରେଷ୍ଟଗାର୍ଡ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ବିରୋଧରେ ତାତିବା ସହ ସୋମବାର ସକାଳେ ବିଟ୍ ହାଉସ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ଦାବି ନେଇ ଗ୍ରାମବାସୀ ଅଡ଼ି ବସିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ଓ ନୀଳଗିରି ରେଞ୍ଜର ମନୱାର ଖାଁ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଫରେଷ୍ଟଗାର୍ଡଙ୍କ ଅନ୍ୟତ୍ର ବଦଳି ନେଇ ବାଲେଶ୍ୱର ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ବୟାରସାହି ଗ୍ରାମର କଟିମଣି ସିଂ ନାମ୍ନୀ ବୃଦ୍ଧା ମହିଳା ରବିବାର ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଦୁଇଟି


ଗ୍ରାମବାସୀଙ୍କ ସହ ପୋଲିସର ଆଲୋଚନା।

ଛୋଟ ଡାଳ ଭାଙ୍ଗି ଘରକୁ ଆଣୁଥିଲେ। ଗୋପାଳପୁର ବିଟ୍‌ହାଉସ୍‌ର ଫରେଷ୍ଟଗାର୍ଡ କବିତା ମହାକୁଡ ଏହାଦେଖି କାହିଁକି ଡାଳ ଭାଙ୍ଗିଲ କହି ଦୁର୍ବ୍ୟବହାର କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ଫରେଷ୍ଟଗାର୍ଡଙ୍କ ଦୁର୍ବ୍ୟବହାର ଓ ମାଡ଼ ମାରିଥିବା ଘଟଣା ବିଷୟରେ କଟିମଣି ପରିବାର, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ବିଟ୍ ହାଉସ୍ ଘେରାଉ କରିଥିଲେ। ଫଳରେ ଫରେଷ୍ଟଗାର୍ଡ କବାଟ କିଳି ଘର ଭିତରେ ଲୁଚି ରହିଥିଲେ। ଘଟଣାସ୍ଥଳରେ ଟାପା ଉତ୍ତେଜନା ଦେଖାଦେଇଥିବା ବେଳେ ଅଯୋଧ୍ୟା ଫାଣ୍ଡି ପୋଲିସ ଜଗି ରହିଥିଲା।



## ମାସ ଶେଷ ରବିବାର 'ଶଟ୍ ଡାଉନ୍' ବନ୍ଦ କର: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା): ପ୍ରତ୍ୟେକ ମାସର ଶେଷ ରବିବାର ବିଦ୍ୟୁତ୍ କାଟ୍ ନ କରିବା ତଥା ଯୋଜନାବଦ୍ଧ ବିଦ୍ୟୁତ୍ କାଟ ଏଡ଼ାଇବା ଲାଗି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ନୋଟ୍‌ସିଟ୍‌ରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଦର୍ଶାଇଛନ୍ତି, 'ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରତ୍ୟେକ ମାସର ଶେଷ ରବିବାର ପ୍ରସାରଣ ହେଉଛି। ଏହାକୁ ଦେଶର ବିଭିନ୍ନ ସ୍ଥାନରେ ଲୋକେ ଦେଖୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସବୁ ଡିସ୍‌କମ୍‌ଗୁଡ଼ିକରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଅ ଯେ, ସେମାନେ ଯେପରି ଉକ୍ତଦିନ ବିଦ୍ୟୁତ୍ ମରାମତି କାର୍ଯ୍ୟ ନ କରିବେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶରତ କର ଏବଂ ଅନିମା କର ଫାଉଣ୍ଡେଶନ୍ ପକ୍ଷରୁ ୨ୟ ଶରତ କର ସ୍ମାରକୀ ବକ୍ତୃତା ଲେକ୍ଚର୍, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୫ଟା ୩୦।
- ନବକୃତି ୨୦୨୫ ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆର୍ୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ପଞ୍ଚବଟ ନିବାସ, ଜାନକୀ ହରିଣ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ନବମ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- କାଳୀପୂଜାର ଅନ୍ତିମ ଦିବସ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ଦୁର୍ନୀତି ନିବାରଣ ସଚେତନତା ଉପଲକ୍ଷେ ବ୍ଲକସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ସମସ୍ତ ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ନଦୀଘାଟରେ ଛଟ ପୂଜା ଅବସରରେ ଅର୍ଘ୍ୟ ପ୍ରଦାନ, ସ୍ଥାନ: ସୁନାନଦୀ, ଯୋଡ଼ା, ସମୟ: ଭୋର ୪ଟା।
- ଭାଜପା ତରଫରୁ ପ୍ରଭାତ ଫେରି ଉତ୍ସବ, ସ୍ଥାନ: ମିଠିଗାଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ମା' ତାରିଣୀ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ପନ୍ଦାଡ଼ୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଜଗଦ୍ଧାତ୍ରୀ ମେଳା କମିଟି ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୁମାର୍ସ କ୍ଲବ୍, ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ସାଇବର ସେଫ୍ଟି କ୍ୟାମ୍ପେନ ଶୁଭାରମ୍ଭ, ସ୍ଥାନ: ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଭିଡିଓ କନଫରେନ୍ସ ମାଧ୍ୟମରେ ଶପଥ ଗ୍ରହଣ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଓସଓ୍ୱାନ୍ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ଉପଖଣ୍ଡସ୍ତରୀୟ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଥାନା, ସମୟ: ସକାଳ ୭ ଟା।

**ଜଗତ୍‌ସିଂହପୁର**
- ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା

**ନୟାଗଡ଼**
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସକାଳ ୫ଟା।
- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ଅନ୍ତିମ ଦିବସ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀମଦ୍ ଭାଗବତ କଥା ଉପରେ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସଂଧ୍ୟା ୬ଟା୩୦।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା।
- ଗୋଷ୍ଠାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଧାମୋହନ ମଠ କର୍ଣ୍ଣିଲୋ, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ଖ୍ରୀଷ୍ଟିଆନ୍ ମାଇନରିଟି କାଉନସେଲିଂ ସଭ୍ୟଙ୍କ ବୈଠକ, ସ୍ଥାନ: ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା

**କୋରାପୁଟ**
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଉତ୍ତର ଭାରତୀୟ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଛଟ୍ ପୂଜା, ସ୍ଥାନ: ମହାନଦୀ ଅଯୋଧ୍ୟା ସରୋବର, ସମୟ : ସକାଳ ୫ଟା ୩୦ ।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ରାଲି, ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ସକାଳ ୭ଟା ।
- ଆଇଏଫଡବ୍ଲ୍ୟୁଜେର ୭୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ଶ୍ରୀରାମ କଥା ପ୍ରବଚନ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ଅପରାହ୍ନ ୩ଟାରୁ ରାତି ୭ଟା ।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଆର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା ।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ।

**ରାଉରକେଲା**
- ଛଟ୍ ପୂଜା ଉଦ୍‌ଯାପନୀ ଓ ପ୍ରଭାତ ଆରତୀ, ସ୍ଥାନ: କୋଏଲ ନଦୀ ଘାଟ, ଗୋପବନ୍ଧୁପାଲୀ ସମେତ ଅନ୍ୟ ଘାଟ, ସମୟ: ଭୋର ୫ଟା।

**ସୁନ୍ଦରଗଡ଼**
- କଲେଜ ଛାତ୍ର ଏବଂ ଅଧ୍ୟାପକଙ୍କ ପାଇଁ ଶିକ୍ଷାର ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ପୂର୍ବାହ୍ନ: ୧୦ଟା।

**ବରଗଡ଼**
- ଶ୍ରୀଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ, ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁଦ୍ଧୁବାହାଲ, ବରଗଡ଼, ସମୟ: ସକାଳ ୯ଟା।
- ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ରେଡ୍‌କ୍ରସ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବ୍ଲକ ବୋର୍ଡସ୍ଥିତ ଚନ୍ଦ୍ରିକା ଜୈନ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଆସ୍ଥାୟୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁର ସହର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

**ପ୍ରଥମ ପୃଷ୍ଠାରୁ...**

## ବନ୍ଦର ଆଧାରିତ...

କୋଟି ଓ ଜାହାଜ ନିର୍ମାଣ କ୍ଲଷ୍ଟରରେ ୨୪,୭୦୦ କୋଟି ନିବେଶ ହେବ। ପୁରୀରେ ୫୦୦ କୋଟିରେ କ୍ରୁଜ୍ ଟର୍ମିନାଲ ନିର୍ମାଣ ହେବ। ସେହିପରି ରିଲିଆନ୍ସ ପକ୍ଷରୁ ଖୋର୍ଦ୍ଧାରେ ୯୩୮ କୋଟିରେ ବିସ୍କୁଟ, ପାନୀୟ ଓ ମିଠାଇ କାରଖାନା ସ୍ଥାପନ ହେବ। ଜୈନ ମେଟାଲସ୍ ଗଞ୍ଜାମରେ ୨,୧୦୦ କୋଟିରେ ଟାଇଟାନିୟମ କାରଖାନା ପ୍ରସ୍ତାବ ଦେଇଛି। ବଡ଼ ସମୁଦ୍ରତଟ ଓ ବିସ୍ତୃତ ଉପକୂଳ ଓଡ଼ିଶାକୁ ମାରିଟାଇମ ବାଣିଜ୍ୟର କେନ୍ଦ୍ର କରୁଛି। ଆମେ ବିଶ୍ୱସ୍ତରୀୟ ବନ୍ଦର ଓ ଶିଳ୍ପ ଗଢ଼ି ନିବେଶକଙ୍କୁ ଆକର୍ଷଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୦୦ରୁ ଅଧିକ ଦେଶର ନେତା, ନୀତିନିର୍ମାତା, ଶିଳ୍ପ ବିଶେଷଜ୍ଞ ଓ ନିବେଶକ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ଏକ ଟିମ ମଧ୍ୟ ସମ୍ମିଳନୀରେ ଯୋଗଦେଇଛି।

## ପ୍ରଦର୍ଶିତ ହେଲା ଓଡ଼ିଶାର ନୌବାଣିଜ୍ୟ ପରମ୍ପରା

ମୁମ୍ବାଇ ପ୍ରଦର୍ଶନୀ କେନ୍ଦ୍ରରେ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ମାରିଟାଇମ ୱିକ୍ ୨୦୨୫ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶାର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ଉପରେ ଆଧାରିତ ଏକ ଷ୍ଟଲ ଓ ପ୍ରଦର୍ଶନୀ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଛନ୍ତି, ଓଡ଼ିଶାର ରଣନୈତିକ ସ୍ଥିତି, ପ୍ରଗତିଶୀଳ ବନ୍ଦର ନୀତି ଏବଂ ସାମୁଦ୍ରିକ ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟ ରାଜ୍ୟକୁ ଭାରତର ପୂର୍ବ ସାମୁଦ୍ରିକ କରିଡରରେ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ସ୍ଥାନିତ କରୁଛି। ଆମର ଦୃଷ୍ଟିକୋଣ ହେଉଛି ଆମର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଦେବା ସହିତ ଓଡ଼ିଶାର ନୀଳ ଅର୍ଥନୀତି ପାଇଁ ଏକ ଆଧୁନିକ, ସ୍ଥାୟୀ ଏବଂ ବିଶ୍ୱ ସ୍ତରରେ ସଂଯୁକ୍ତ ଭବିଷ୍ୟତକୁ ପରିଚାଳନା କରିବା। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ମହତ୍ତ୍ୱାକାଂକ୍ଷୀ ନୀଳ ଅର୍ଥନୀତି ରୋଡ୍‌ମ୍ୟାପ ଉପରେ ମୁଖ୍ୟମନ୍ତ୍ରୀ ମାଝୀ ଆଲୋକପାତ କରିଥିଲେ। ସେ କହିଲେ, କଳିଙ୍ଗର ପ୍ରାଚୀନ ସାମୁଦ୍ରିକ ଦକ୍ଷତାଠାରୁ ଆରମ୍ଭ କରି ଆମର ଆଜିର ବିଶ୍ୱ ବାଣିଜ୍ୟ ସଂଯୋଗ ପର୍ଯ୍ୟନ୍ତ, ଓଡ଼ିଶାର ଉପକୂଳ ଐତିହ୍ୟ ପ୍ରଗତିକୁ ପ୍ରେରଣା ଦେଇ ଚାଲିଛି। ବିଶ୍ୱସ୍ତରୀୟ ବନ୍ଦର ଏବଂ ସ୍ଥାୟୀ ନୀଳ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ରାଜ୍ୟ ଭାରତର ପୂର୍ବ ସାମୁଦ୍ରିକ ପୁନରୁତ୍ଥାନର ଏକ ପ୍ରମୁଖ ବାହକ ଭାବରେ ଠିଆ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା , ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢି ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଓଡିଶା ନୌବାଣିଜ୍ୟ ଉପରେ ନିର୍ମିତ ବାଲୁକା କଳା ବେଶ୍ ଆକର୍ଷଣୀୟ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏଇ ଦେହ ପୁଣି ଏମନ୍ତ ଥାଏ ଲୋ**
**ହାତୀକୁ ପାରଇ ବାନ୍ଧି**
**ଏଇ ଦେହ ପୁଣି ଏମନ୍ତ ହୁଏ ଲୋ**
**କେଶ ନ ପାରଇ ବାନ୍ଧି ।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲାପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅରେ ଆଶ**
**ନଈ କୂଳରେ ଚାଷ**
**ଭାବନା ବାର ମାସ ।**

ସାଧାରଣତଃ ଯେଉଁ ମାତାପିତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଥାଏ ସେମାନେ ସର୍ବଦା ଉକ୍ତ ସନ୍ତାନର ଭଲମନ୍ଦ ଦିଗ ପ୍ରତି ଆଶଙ୍କାଗ୍ରସ୍ତ ହୋଇପଡ଼ନ୍ତି। ସେହିପରି ନଈ କୂଳରେ ଚାଷ କରୁଥିବା ବ୍ୟକ୍ତିଙ୍କ ମନରେ ସର୍ବଦା ବନ୍ୟା ଆଶଙ୍କା ଲାଗି ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆଜି ସ୍ଥଳଭାଗ...

ଗୋପାଳପୁରଠାରୁ ୭୨୦କି.ମି. ଦକ୍ଷିଣରେ ରହିଥିଲା। ତେବେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ମଙ୍ଗଳବାର ସକାଳ ସୁଦ୍ଧା ଭୟଙ୍କର ବାତ୍ୟାରେ ପରିଣତ ହେବ। ବାତ୍ୟା ଅତିକ୍ରମ କରିବା ସମୟରେ ଏହାର ପ୍ରଭାବ ସାରା ଓଡ଼ିଶା ଉପରେ ପଡ଼ିବାକୁ ଥିବାବେଳେ ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ରହିବ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଦେଇ 'ମୋନ୍ଥା' ଗତି କରିବ। ଏହି ସମୟରେ ପବନର ବେଗ ୬୦ରୁ ୭୦ କି.ମି. ରହିବ ଏବଂ ଅତି ବେଶିରେ ପବନର ବେଗ ଘଣ୍ଟାପ୍ରତି ୮୦ କି.ମି. ରହିବ। ଛତିଶଗଡ଼ ପହଞ୍ଚିଲା ବେଳକୁ ଅବପାତ ହୋଇ ଦୁର୍ବଳ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ୨୮ ତାରିଖ ମଙ୍ଗଳବାର ରାଜ୍ୟର ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୫ ଜିଲା ଯଥା ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାକୁ ଅତି ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, ପୁରୀ, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଜିଲାକୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ବାକି ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରେଡ୍ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୨୦ ସେ.ମି.ରୁ ଅଧିକ ବର୍ଷା ହେବ। ଅରେଞ୍ଜ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକରେ ୧୨ରୁ ୨୦ ସେ.ମି. ଏବଂ ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯାଇଛି। ସେହିପରି ୨୯ ତାରିଖ ବୁଧବାର ପାଇଁ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ବଲାଙ୍ଗୀର ଓ ନୂଆପଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ବାକି ଜିଲାଗୁଡ଼ିକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ସହ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଜିଲାରେ ପ୍ରବଳ ପବନ ବହିବା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ବର୍ଷା ଲାଗି ରହିବ ବୋଲି ପାଣିପାଗ ନିର୍ଦ୍ଦେଶିକା ଡ. ମହାନ୍ତି ସୂଚନା ଦେଇଛନ୍ତି।

## ସ୍କୁଲ, ଅଙ୍ଗନୱାଡ଼ି...

ବନ୍ଦ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ବିଦ୍ୟାଳୟ ବନ୍ଦ ରହିବ। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବାତ୍ୟା ଅଞ୍ଚଳଗୁଡ଼ିକରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ।

## 'ଜିରୋ-କାଜୁଆଲ୍‌ଟି'କୁ ସରକାରଙ୍କ ପ୍ରାଥମିକତା: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୭।୧୦(ରବିନାରାୟଣ ଜେନା)

ବାତ୍ୟା ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯେପରି ଜଣେ ହେଲେ ବି ମୃତ୍ୟୁବରଣ ନ କରନ୍ତି, ସେଥିପାଇଁ 'ଜିରୋ-କାଜୁଆଲ୍‌ଟି'କୁ ପ୍ରାଥମିକତା ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାତ୍ୟା ମୁକାବିଲା ସମୀକ୍ଷା ବୈଠକ ପରେ ମନ୍ତ୍ରୀ କହିଛନ୍ତି, ବାତ୍ୟା ବିଶେଷକରି ୯ଟି ଜିଲା ଯଥା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ଖୋର୍ଦ୍ଧା ଜିଲାରେ ଅଧିକ ପ୍ରଭାବ ପକାଇବ। ଏହା ମାଲକାନଗିରି ଦେଇ ଛତିଶଗଡ଼ ଯିବ, ଛତିଶଗଡ଼ରେ ବର୍ଷା ବି ହେବ। ଫଳରେ ମହାନଦୀରେ ପାଣି ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ଜଳ ଛଡ଼ା ଯାଉଛି। ସମୁଦ୍ର ଭିତରୁ ମତ୍ସ୍ୟଜୀବୀଙ୍କୁ ଫେରି ଆସିବା ଲାଗି ବାରମ୍ବାର ସଚେତନ କରାଯାଉଛି। ଆବଶ୍ୟକସ୍ଥଳେ ହେଲିକପ୍ଟର ବ୍ୟବହାର କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ୧୪୯୬ ଆସନ୍ନ ପ୍ରସବାଙ୍କ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ପୋଲିସ ସହ ୧୪୦ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛନ୍ତି। ତେଣୁ ବାତ୍ୟାକୁ ନେଇ ଲୋକେ ଆତଙ୍କିତ ହେବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂହ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**୧୪୯୬ ଆସନ୍ନ ପ୍ରସବାଙ୍କ ସମେତ ୩ ହଜାର ସ୍ଥାନାନ୍ତର**

## ଝିଅକୁ ଗଣବଳାତ୍କାର...

ରଖି ଏବଂ ଗଣବଳାତ୍କାରର ଧମକ ଦେଇ ଲୁଟ୍‌ପାଟ କରିଥିବା ନିକିତା କହିଛନ୍ତି। ବଣାଇଁ ଏବେ ଅସୁରକ୍ଷିତ ହୋଇପଡିଛି। ପ୍ରତ୍ୟେକ ଦିନ ଛୋଟ ବଡ଼ ଅପରାଧ ଘଟୁଛି। ବିଶେଷକରି ଦୁର୍ବୃତ୍ତମାନଙ୍କ ଟାର୍ଗେଟ୍‌ରେ ଅସହାୟ ବ୍ୟକ୍ତି ଏବଂ ବ୍ୟବସାୟୀମାନେ ରହୁଛନ୍ତି। ଏହାକୁ ନେଇ ସହରବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ରାଉରକେଲା ଏସ୍‌ପି ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଉଛି। ବଣାଇଁ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କହିଛନ୍ତି ଯେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ସବୁ ଦିଗରୁ ତଦନ୍ତ ଜାରି ରହିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଓ ଯାଞ୍ଚ ଚାଲିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

## ଜିଏମ୍‌ଡିସି: ଗୁଜରାଟରୁ...

ବଞ୍ଚାଇବା ପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି। ଏଠାରେ ଖଣି ହେଲେ ନିକଟବର୍ତ୍ତୀ ଅଞ୍ଚଳର ଲୋକେ ଧୂଳିଧୂଆଁରେ କଲବଲ ହେବେ। ଚାଷବାସ ଉଜୁଡ଼ି ଜୀବନଜୀବିକା ପ୍ରଭାବିତ ହେବ। ଜଳ ଉତ୍ସ ଶୁଖିଯାଉଥିବାରୁ ପିଇବା ପାଣି ପାଇଁ ଲୋକେ ଦହଗଞ୍ଜ ହେବେ। ଏପରି କି ଶୁଦ୍ଧ ଅମ୍ଳଜାନ ଆଉ ମିଳିବ ନାହିଁ। ଖଣି ହେଲେ ଅଞ୍ଚଳର କି ପ୍ରକାର ବିକାଶ ହୋଇଥାଏ, ତାହା କୋଇଲା ଖଣି ଅଞ୍ଚଳ ଜନସାଧାରଣ ଭୋଗୁଥିବା କଷ୍ଟ ଓ ସମ୍ମୁଖୀନ ହେଉଥିବା ନାନା ସମସ୍ୟାରୁ ସ୍ପଷ୍ଟ ହେଉଛି। ତେଣୁ ଏ ଅଞ୍ଚଳରୁ ଗୁଜରାଟ କମ୍ପାନୀକୁ ହଟାଇବା ପାଇଁ ଆନ୍ଦୋଳନ ଜାରି ରହିବ। ବିସ୍ଥାପିତ ପ୍ରଜା ନୀଳମଣି ପଣ୍ଡା କହିଛନ୍ତି, ଜିଏମ୍‌ଡିସି କମ୍ପାନୀ ପକ୍ଷରୁ କରାଯାଉଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ବେଆଇନ। କମ୍ପାନୀ ପକ୍ଷରୁ ଜମିର ମୂଲ୍ୟାଙ୍କନ ଠିକ୍ ଭାବେ କରାଯାଉ ନାହିଁ। ଖଣି ଅଞ୍ଚଳରେ ଜମିର ମୂଲ୍ୟ ଗୋଟିଏ ରହିବା କଥା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ବିଭିନ୍ନ ଜମିର ବିଭିନ୍ନ ମୂଲ୍ୟ ଦେଉଛନ୍ତି। ବିସ୍ଥାପନ ଓ ଥଇଥାନ ନେଇ କୌଣସି ଆଲୋଚନା କରୁନାହିଁ। ତାଳଚେର-ଅନୁଗୋଳ ବଞ୍ଚାଅ ଆନ୍ଦୋଳନର ଆବାହକ ଜଗଦାନନ୍ଦ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢ଼ିଚାଲିଛି। ଛେଣ୍ଡିପଦାରେ ମଧ୍ୟ ପରିବେଶର ଅବନତି ଦେଖିବାକୁ ମିଳୁଛି। ତେଣୁ ଏଠାରେ କୋଇଲା ଖଣି ପ୍ରକଳ୍ପକୁ ବାତିଲ କରିବାର ଆବଶ୍ୟକତା ରହିଛି।

ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜିଏମ୍‌ଡିସି କମ୍ପାନୀର ସିଏସ୍‌ଆର୍ ଦାୟିତ୍ୱରେ ଥିବା ପ୍ରଶାନ୍ତ ଦେହୁରୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏ ନେଇ ମତାମତ ରଖିବାକୁ ଅଧିକୃତ ଅଧିକାରୀ ନୁହନ୍ତି ବୋଲି କହିବା ସହ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କହି ଫୋନ କାଟି ଦେଇଥିଲେ।

## ସନ୍ଦେହରେ ନେତା...

କରିଥିଲା। ନୂଆପଡ଼ାର ଜଣାଶୁଣା ନେତା ମନୋଜ ମିଶ୍ରଙ୍କ ନାଁ ପ୍ରାର୍ଥୀ ତାଲିକାରେ ଚର୍ଚ୍ଚାରେ ରହିଥିଲା। ସେହିପରି ବର୍ତ୍ତମାନର ନୂଆପଡ଼ାର ଜିଲା ବିଜେଡି ସଭାପତି ଥିବା ଅବନୀ ଯୋଶୀଙ୍କ ନାଁ ମଧ୍ୟ ବିଜେଡି ଶିବିରରେ ଆଲୋଚନା କରାଯାଇଥିଲା। ସେହିପରି ନୂଆପଡ଼ା ବ୍ଲକ ଚେୟାରମ୍ୟାନ ଥିବା ତାରେଶ୍ୱରୀ ସାହୁଙ୍କ ନାଁ ମଧ୍ୟ ପ୍ରାର୍ଥୀ ତାଲିକାରେ ଦଳ ରଖିଥିଲା। ହେଲେ ଜୟଙ୍କ ଭଳି ଜଣେ ଆଗଧାଡ଼ିର ନେତା ଯେତେବେଳେ ଦଳ ଛାଡ଼ି ପଳାଉଛନ୍ତି ତାଙ୍କ ବାପାଙ୍କ ଅଧୀନରେ କାମ କରୁଥିବା ନେତାମାନଙ୍କୁ କେତେଦୂର ଭରସା କରାଯାଇ ପାରିବ ତାକୁ ନେଇ ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ତିଆରି କରିଥିଲା। ଶୁଣିବାକୁ ମିଳେ ସେହି ସମୟରେ ତାରେଶ୍ୱରୀଙ୍କୁ ଦଳ ପ୍ରାର୍ଥୀ ହେବା ନେଇ ପ୍ରସ୍ତାବ ଦେଇଥିଲା। ମାତ୍ର ତାରେଶ୍ୱରୀ ଏହି ପ୍ରସ୍ତାବ ପ୍ରତି ଅନାଗ୍ରହ ଦେଖାଇବା ସଙ୍ଗେସଙ୍ଗେ ଏହାର ଦୁଇଦିନ ପରେ ସେ ମଧ୍ୟ କୁଆଡେ ଭାଜପାରେ ଯୋଗଦେଲେ, ଯାହାକି ପ୍ରାର୍ଥୀ ଚୟନ ଦାୟିତ୍ୱ ପାଇଥିବା ନେତାଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ଏସବୁ କଥାକୁ ଲକ୍ଷ୍ୟ କରି ଏପରି ଏକ ପ୍ରାର୍ଥୀ ଦେବାକୁ ବିଜେଡି ଚିନ୍ତା କଲା ଯିଏ ନିର୍ବାଚନ ଭିତରେ ଭାଜପାରେ ଯୋଗଦେବେ ନାହିଁ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ କୁଆଡ଼େ ବିଜେଡି ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଏଥିରେ ରାଜି ହୋଇ ନ ଥିଲେ ବୋଲି ଶୁଣିବାକୁ ମିଳୁଛି। ଶେଷରେ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳ ପ୍ରାର୍ଥୀ କଲା। ହେଲେ ନୂଆପଡା ନିର୍ବାଚନ ମଣ୍ଡଳୀରେ ବିଜେଡିର ଆଗଧାଡ଼ି ନେତା ମନୋଜ ମିଶ୍ର ଏବଂ ଅବନୀ ଯୋଶୀଙ୍କ ଗତିବିଧି ଉପରେ ରାଜ୍ୟସ୍ତରରୁ ଆସିଥିବା ନେତାମାନେ ସନ୍ଦେହ କରୁଛନ୍ତି ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। କୋମନା ବ୍ଲକ ଅନ୍ତର୍ଗତ ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ବିଜେଡି ଏବେ ନିଜର କ୍ୟାମ୍ପ ଅଫିସ କରିଛି। ଜଣେ ବିଜେଡି ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ମନୋଜ ଏବଂ ଅବନୀଙ୍କ ରାଜନୈତିକ ଗତିବିଧି ଉପରେ ପ୍ରଣବ ପ୍ରକାଶ ଦାସ (ବବି) ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ହେଲେ ଉଭୟ ସ୍ଥାନୀୟ ନେତା କୁଆଡ଼େ ଭାଜପା ସହ ଭିତିରି ବୁଝାମଣାରେ ରହିଥିବା ଆମ ଦଳର ନେତାମାନେ ଜାଣି କି ମଧ୍ୟ କିଛି କରି ପାରୁ ନ ଥିବା ସେ କହିଛନ୍ତି। ଆଗକୁ ଉଭୟଙ୍କ ଭୂମିକାରେ ପରିବର୍ତ୍ତନ ଯେ ନ ଆସିବ ସେ କଥାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି।

ବିଜେଡି ଭଳି ଭାଜପାରେ ମଧ୍ୟ ସମାନ ଅବସ୍ଥା। ଜୟଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ଶାସକ ଦଳରୁ ଟିକେଟ ଆଶାରେ ରହୁଥିବା ତିନି ବରିଷ୍ଠ ନେତା ବସନ୍ତ ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀଙ୍କ ଭୂମିକାକୁ ନେଇ ତାଙ୍କ ଦଳରେ ଆଲୋଚନା ଜୋର୍ ଧରିଛି। ଦୀର୍ଘ ଦିନ ହେବ ଭାଜପା ସଂଗଠନ ନୂଆପଡ଼ା ଜିଲାରେ ବୃଦ୍ଧି କରିବା ଲାଗି ବସନ୍ତ, ପ୍ରସନ୍ନ ଏବଂ ଯଦୁମଣି ଅନେକ ପରିଶ୍ରମ କରି ଆସିଛନ୍ତି। ରାଜ୍ୟରେ ଭାଜପା ଯେତେବେଳେ ଶାସନକୁ ଆସିଲା ଏମାନେ ନିଜର ରାଜନୈତିକ ଭବିଷ୍ୟତକୁ ଆଗକୁ ବଢ଼ାଇବାର ସୁଯୋଗ ପାଇବେ ବୋଲି ଆଶା ରଖିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏମାନଙ୍କ ମଧ୍ୟରୁ ଜଣଙ୍କୁ ଦଳୀୟ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଲା। ହେଲେ ଦୀର୍ଘ ବର୍ଷ ଧରି ସେମାନେ ଯାହା ବିରୋଧରେ ନୂଆପଡ଼ାରେ ସଂଗଠନ କରୁଥିଲେ ତାଙ୍କ ପରିବାରରୁ ଜଣଙ୍କୁ ଦଳ ପ୍ରାର୍ଥୀ କରିବା କଥାକୁ ସେମାନେ କୁଆଡ଼େ ସହଜେ ଗ୍ରହଣ କରି ପାରି ନାହାନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏମିତି ହୋଇଛି, ଜୟ ଭାଜପାକୁ ଆସିବା ସଙ୍ଗେ ସଙ୍ଗେ ତାଙ୍କ ବାପାଙ୍କ ସହିତ ତୃଣମୂଳସ୍ତରରେ କାମ କରୁଥିବା ଅନେକ ନେତା ବି ଶାସକ ଦଳରେ ଯୋଗଦେଇଛନ୍ତି। ଫଳରେ ଉପନିର୍ବାଚନରେ ଜୟ ତାଙ୍କ ଲୋକଙ୍କୁ ଧରି କାମ ଚଳାଇଛନ୍ତି, ଯାହାକି ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ସମର୍ଥକମାନଙ୍କୁ ଅସନ୍ତୁଷ୍ଟ କରୁଛି। ଗାଁ ଗହଳିରେ ଏହି ନେତାମାନଙ୍କ ସମର୍ଥକମାନେ କହିବା କଥା, ଆଜିଯାଏ ସେମାନେ ଶାସନରେ ଥିବା ଗୋଟିଏ ଦଳ ବିରୋଧରେ ଲଢ଼ି ଚାଲିଲେ। ଯେତେବେଳେ ତାଙ୍କ ଦଳ ଶାସନକୁ ଆସିଲା ସେତେବେଳେ ସେମାନଙ୍କୁ ଅଣଦେଖା କରାଯାଇ ବିରୋଧୀ କର୍ମୀଙ୍କୁ ଅଗ୍ରାଧିକାର ମିଳୁଛି। ସୋମବାର ନୂଆପଡ଼ା ବ୍ଲକ ବିଶୋରା, ଭାଲେଶର, ବେଲଟୁକୁରି ଆଦି ଗ୍ରାମ ପଞ୍ଚାୟତକୁ ଗସ୍ତ କରି ଉପନିର୍ବାଚନ ପାଣିପାଗ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା ସମୟରେ ଏହି ସବୁ କଥା ମଧ୍ୟ ସାମନାକୁ ଆସିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପଶ୍ଚିମ ଓଡ଼ିଶାର ଭାଜପା ନେତାଙ୍କ କହିବା ମୁତାବକ, ତାଙ୍କ ଦଳ ପକ୍ଷରୁ କାମ କରୁଥିବା ନେତା, ବରାହେ ନାମକ ପଲିଟିକାଲ କନ୍‌ସଲଟାନ୍‌ସି ସଂସ୍ଥା ଏବଂ ଆର୍‌ଏସ୍‌ଏସ୍‌ର ଗୋଟିଏ ଟିମ୍ ବସନ୍ତ, ପ୍ରସନ୍ନ ଓ ଯଦୁମଣିଙ୍କ ଭୂମିକା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏବାବଦରେ ସ୍ଥାନୀୟ ପୋଲିସ ଓ ଗୋଇନ୍ଦା ସଂସ୍ଥା ପକ୍ଷରୁ ଖବର ସଂଗ୍ରହ କରାଯାଉଛି। ତଥାପି ଆଗକୁ ଏହି ତିନି ନେତାଙ୍କ ଭୂମିକା କ'ଣ ରହିବ ଉପନିର୍ବାଚନ ପରେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ଦ୍ୱନ୍ଦ୍ୱ ସୃଷ୍ଟିହେବ। ଆଜି ପ୍ରତ୍ୟେକ କାମ ବାଧବାଧକତାରେ କରି ସମସ୍ୟାରେ ପଡ଼ିପାରନ୍ତି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ ରହିବ। ପାରସ୍ପରିକ ଆଲୋଚନା ଓ ସମାଲୋଚନା ଭିତରେ ସମସ୍ୟା ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ** ଆର୍ଥିକ ସ୍ଥିତି ଭଲ ରହିବ ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ। ଶୁକ୍ରଙ୍କ ପ୍ରଭାବରେ ଆଜି କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ କହିବେ ବହୁତ କିନ୍ତୁ କାମ ବେଳକୁ ସେମାନଙ୍କ ଦେଖା ମିଳି ନ ପାରେ। ଦୂରଯାତ୍ରାରେ ସଚେତନତା ଅଭାବରୁ ସାମାନ୍ୟ ଥଣ୍ଡା ଓ କାଶଜନିତ ସ୍ୱାସ୍ଥ୍ୟ ଭଲ ରହି ନ ପାରେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ପରିବାରରେ କଳହ ଲାଗିପାରେ। ଜଣେ ବନ୍ଧୁଙ୍କ କଥାରେ ପଡ଼ି କୌଣସି କାମ କରିବା ଦ୍ୱାରା ଅନ୍ୟ ଜଣେ ବନ୍ଧୁଙ୍କ ଚକ୍ଷୁଶୂଳ ହେବେ। କୌଣସି ଶୁଣା ଖବରକୁ ନେଇ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମାକୁ କେନ୍ଦ୍ରକରି ସୁଫଳ ପାଇପାରନ୍ତି।

**କର୍କଟ** ଭାବପ୍ରବଣତାବଶତଃ ଆଜି ଅନେକ କାଳ୍ପନିକ ଆଶା ଓ କାମନା ଉଜ୍ଜୀବିତ ହୋଇପାରେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ ସତ, କିନ୍ତୁ ପାରିବାରିକ ବିଷୟକୁ ନେଇ ମାନସିକ ଶାନ୍ତି ହରାଇବେ। ଧର୍ମସଙ୍କଟରେ ପଡ଼ି କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟିକରିବା ସହ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ସିଂହ** ଆଜି ଆପଣ ପ୍ରତିଯୋଗିତା ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବିଜୟୀ ହେବା ଆଶା ରହିଛି। ରବିବାର ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିବ ତଥାପି ଆପଣଙ୍କର କୌଣସି କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ।

**କନ୍ୟା** ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ସହାୟତାରେ ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକଜନିତ ଦୁଶ୍ଚିନ୍ତା ବଢ଼ିପାରେ। ପରିଶ୍ରମ କିମ୍ବା ଭ୍ରମଣଜନିତ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ଦୀର୍ଘଦିନର ସମ୍ପର୍କର ସୂତ୍ର ଛିନ୍ନହେବାର ସୂଚନା ପ୍ରତି ସାବଧାନ ରହିବା ଭଲ। ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହେବ। କେତେକ କ୍ଷେତ୍ରରେ ମନଦେଇ କାମକଲେ ତାକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲାକରି ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂଆ ପଦକ୍ଷେପ ଗ୍ରହଣକରି ଉପକୃତ ହେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଉଦାର ମନୋଭାବ ପୋଷଣକଲେ ମଧ୍ୟ ବନ୍ଧୁଙ୍କ ଚିନ୍ତାଧାରାକୁ ବଦଳାଇବା ସମ୍ଭବପର ହେବ ନାହିଁ। ଯେତେ ଆଗୁଆ ପଦକ୍ଷେପ ଗ୍ରହଣକଲେ ମଧ୍ୟ ମାନସିକ ସୁସ୍ଥତା ଫେରିପାଇବା କଷ୍ଟକର ହେବ। ନୂଆ ଯୋଜନାଟିରେ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡ଼ିପାରେ। ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ଭୁଲ୍ ବୁଝାମଣା ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ତୀର୍ଥାଟନରେ କିମ୍ବା ବାହାର ଜାଗାରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇପାରନ୍ତି।

**କୁମ୍ଭ** କାର୍ଯ୍ୟକ୍ଷେତ୍ରରେ ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବିବ୍ରତ ହୋଇପାରନ୍ତି। କୌଣସି ବନ୍ଧୁଙ୍କ ମାଧ୍ୟମରେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି।

**ମୀନ** ଦୀର୍ଘଦିନର ଅଭିଳାଷ ପୂରଣହେବା ସାଙ୍ଗକୁ ଆର୍ଥିକ ଉନ୍ନତିର ମାର୍ଗ ସୁଗମ ହେବ। ଚେଷ୍ଟା କରୁଥିବା କାମ ଆଜି ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହାୟତାରେ ସାଙ୍ଗଠନିକ କାର୍ଯ୍ୟ, ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଅକ୍ଟୋବର ୨୮ ତାରିଖ, କାର୍ତ୍ତିକ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଛଟ୍ ବ୍ରତ ଉଦ୍‌ଯାପନ। ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସପ୍ତମୀରେ ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ୦୫।୪୯ ଗତେ, ଘ.୦୬।୩୫ ମଧ୍ୟେ, ଘ.୦୮।୪୦ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୦ ଗତେ, ଘ.୦୩।୪୫ ମଧ୍ୟେ ରାହୁକାଳ।

# ବନ୍ଧୁଙ୍କୁ ହତ୍ୟାକରି ତିନି ବନ୍ଧୁ ଗିରଫ

ଦେଓଗାଁ,୨୭।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଅନ୍ତଲା ଗାଁ ନିକଟରେ ଏକ ହତ୍ୟାକାଣ୍ଡ ଘଟିଛି। ଭୋଜି ସମୟରେ କୌଣସି କଥାକୁ ନେଇ ବଚସା ହେବାରୁ ଜଣେ ଯୁବକଙ୍କୁ ତାଙ୍କର ୩ ଜଣ ବନ୍ଧୁ ମିଶି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ନିହତ ଯୁବକ ଜଣକ ହେଲେ ଅନ୍ତଲାର ପୂର୍ବତନ ପୋଲିସ କର୍ମଚାରୀ ମୀନକେତନ ଭୋଇଙ୍କ ପୁଅ ସୁଜିତ ଭୋଇ (୩୦)। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧପଡ଼ା ଗ୍ରାମର ରାଜା କଟା (୧୯), ଓମ୍ ନନ୍ଦ (୧୯) ଓ ଡଙ୍ଗରପଡ଼ା ଗ୍ରାମର ଇରଫାନ ଛତ୍ରିଆ (୧୯)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ୪ ଜଣ ସାଙ୍ଗ ମିଶି ଅନ୍ତଲା ଗାଁ ପତ୍ରପଡି ନିକଟରେ ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ରକରି ବଚସା ହେବା ପରେ ରାଜାଙ୍କ ମା' ରାଜାଙ୍କୁ ବାରମ୍ବାର ଫୋନ କରି ଘରକୁ ଆସିବା ପାଇଁ କହିଥିଲେ।


ଦେଓଗାଁ ଥାନା ଅନ୍ତଲା ପତ୍ରପଡି ନିକଟରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

## ଅନ୍ତଲାରେ ହତ୍ୟାକାଣ୍ଡ
### ଭୋଜି ସମୟରେ ବଚସା ନେଲା ହତ୍ୟାର ରୂପ

ସେହି ସମୟରେ ସୁଜିତ ରାଜାଙ୍କ ମା'ଙ୍କ ସହ ଫୋନ୍‌ରେ କଥା ହୋଇ ଅସଭ୍ୟ ଭାଷାରେ ଗାଳି କରିଥିଲେ। ଏଥିରେ ରାଜା ଉତ୍ତେଜିତ ହୋଇ ସାଇକେଲ ପେଡ଼ାଲରେ ସୁଜିତଙ୍କୁ ଆକ୍ରମଣ କରିଥିଲେ। ପରେ ତିନି ଜଣ ଅଭିଯୁକ୍ତ ତାଙ୍କୁ ବିଅର ବୋତଲ ଓ ଟେଙ୍ଗାରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସୁଜିତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସୋମବାର ସକାଳେ ଘଟଣାସ୍ଥଳକୁ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା, ଥାନାଧିକାରୀ ଲୁଲୁ ମୁଣ୍ଡା ପ୍ରମୁଖ ସଦଳବଳ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ମୃତଦେହ ଜବତ କରି ଭୀମଭୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ମୃତକଙ୍କ ଭାଇ ସୁନୀଲ ଭୋଇଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ ୩୫୬/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

# ଘରେ ପଶି ଛୁରାମାଡ଼, ଦୁଇ ଗିରଫ

ଭୁବନେଶ୍ୱର,୨୭।୧୦
(ସତ୍ୟଜିତ ରାଉତ)

ଘରେ ପଶି ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ମାମଲାରେ ଖାରବେଳନଗର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ-୩ ଅଞ୍ଚଳର ଡି. ଉଦୟ କିରନ(୨୦) ଓ ସାଗର ବେହେରା(୧୯)। କୋର୍ଟ ଚାଲାଣ ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଆଦିତ୍ୟ ସେଠୀ ୟୁନିଟ୍-୩ ଅଞ୍ଚଳରେ ରୁହନ୍ତି। ରବିବାର ରାତି ପ୍ରାୟ ୧୦ଟା ୩୦ ବେଳେ ସେ ଜଣେ ବନ୍ଧୁଙ୍କ ସହ ଘରେ ଟିଭି ଦେଖୁଥିଲେ। ଏହି ସମୟରେ ଅଭିଯୁକ୍ତ ଉଦୟ, ସାଗର ଏବଂ ଅନ୍ୟ ସହଯୋଗୀମାନେ ଘରେ ଜୋରଜବରଦସ୍ତ ପଶି ଗାଳିଗୁଲଜ କରିଥିଲେ। ସେମାନେ ହଠାତ୍ ଏକ ଛୁରିରେ ଆଦିତ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତମାନେ ଘଟଣାସ୍ଥଳ ଛାଡ଼ି ଦୌଡି ପଳାଇଥିଲେ। ପରିବାର ସଦସ୍ୟ ଆଦିତ୍ୟଙ୍କୁ ଉଦ୍ଧାର କରିଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୮୩/୨୦୨୫) ରୁଜୁ କରିଥିଲା। ପୋଲିସ ଟିମ୍ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ତେବେ ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ଜାଣିବାକୁ ପାଇଛି।

# ଆନ୍ଧ୍ରରୁ ଚୋରି ୫ ବାଇକ୍ ଓଡ଼ିଶାରୁ ଜବତ

ବନ୍ତ,୨୭।୧୦
(ହରିନାରାୟଣ ମହାନ୍ତି)

ଆନ୍ଧ୍ରପ୍ରଦେଶରୁ ଚୋରି ବାଇକ୍ ଓଡ଼ିଶାରେ ବିକ୍ରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପରେ ଆନ୍ଧ୍ର ପୋଲିସ ଓଡ଼ିଶାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ୪ ସ୍ଥାନରେ ଚଢ଼ାଉ କରି ୫ ବାଇକ୍ ଜବତ କରିଛି। ଜବତ ହୋଇଥିବା ବାଇକ୍‌ଗୁଡ଼ିକର କୌଣସି ନମ୍ବର ପ୍ଲେଟ୍ ନ ଥିବା ଜଣାଯାଇଛି।

ପ୍ରକାଶ ଯେ, ରବିବାର ରାତିରେ ଆନ୍ଧ୍ର ପୋଲିସ ଭଦ୍ରକ ଜିଲା ବନ୍ତ ଥାନାରେ ପହଞ୍ଚି ଆନ୍ଧ୍ରରୁ ଚୋରି ହୋଇଥିବା ବାଇକ୍ ସମ୍ପର୍କରେ ସୂଚନା ଦେଇଥିଲା। ଚୋରିରେ ସମ୍ପୃକ୍ତ ଥିବା ଯାଜପୁର ଜିଲା ବରୀ ଥାନା ଅଞ୍ଚଳର ସେକ୍ ସମିମ୍‌ଙ୍କୁ ସାଥିରେ ଧରି ଆନ୍ଧ୍ର ପୋଲିସ ବନ୍ତ ଥାନାରେ ପହଞ୍ଚିଥିଲା। ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମରୁ ଗୋଟିଏ ବାଇକ୍ ଜବତ କରାଯାଇଥିଲା। ଏଥିସହ ଆନ୍ଧ୍ର ପୋଲିସ କେନ୍ଦୁଝର ଜିଲା ଘଟଗାଁ ଅଞ୍ଚଳରୁ ଗୋଟିଏ, କଟକରୁ ୨ ଏବଂ ଯାଜପୁର ଅଞ୍ଚଳରୁ ଗୋଟିଏ ବାଇକ୍ ସ୍ଥାନୀୟ ଥାନା ପୋଲିସ ସହାୟତାରେ ଜବତ କରିଛି। ପ୍ରକାଶଥାଉ କି, ଏହି ଚୋରି ନେଇ ଗତ ୨୦ ତାରିଖରେ ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଟାଉନ ଥାନାରେ ଏକ ମାମଲା (ନଂ.୨୪୧/୨୫), ୧୭ ତାରିଖରେ ବିଶାଖାପାଟଣା ଥାନାରେ ମାମଲା (ନଂ.୨୮୯/୨୫) ଏବଂ ପେଣ୍ଡୁରର୍ଥୀ ଥାନାରେ ଏକ ମାମଲା (ନଂ.୪୬୩/୨୫) ରୁଜୁ ହୋଇଥିଲା।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୭।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ସୋମବାର ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଫୁଲବାଣୀ ସଦର ଥାନା ଅଧୀନ ସାଇନପଡ଼ା ଗ୍ରାମର ରିତିକ୍ ଦିଗାଲ(୧୯)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ଜଣଙ୍କ ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଅଭିଯୁକ୍ତ ରିତିକ୍ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୪ ନଭେମ୍ବର ୨୧ ତାରିଖରେ ନାବାଳିକାଙ୍କୁ ସେ ବାଇକ୍‌ରେ ବସାଇ ନିଜ ମାମୁଘରକୁ ନେଇ ଯାଇ ସେଠାରେ ମଧ୍ୟ ଶାରୀରିକ ସମ୍ପର୍କ ରଖିଥିଲେ। ଝିଅ ଘରକୁ ନ ଫେରିବାରୁ ବାପା ଚାରିଆଡେ ଖୋଜି ନିରାଶ ହେବା ପରେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୫୯/୨୪ରେ ମାମଲା ରୁଜୁ କରି ରିତିକ୍‌ଙ୍କୁ ଗିରଫ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ଜଙ୍ଗଲରୁ ବନ୍ଧୁକ କାରଖାନା ଠାବ, ୩ ଗିରଫ

**ଶରଣକୂଳ, ୨୭।୧୦(ଦୀପକ କର):** ନୟାଗଡ଼ ଜିଲା ଶରଣକୁଳ ଥାନା ଜାକେ ଗ୍ରାମରେ ବହୁଦିନ ଧରି ଚାଲିଥିବା ବେଆଇନ ବନ୍ଧୁକ କାରଖାନା ପୋଲିସ ଠାବ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁଶାନ୍ତ ପ୍ରଧାନ (୪୪), ବସନ୍ତ ବାଣ୍ଟ ଓରଫ ଟିଙ୍କିନା (୩୩) ଓ ପ୍ରଶାନ୍ତ ବିଶ୍ୱାଳ ଓରଫ ପଣ୍ଡା (୪୫)। ସେମାନଙ୍କୁ ପୃଥକ ସ୍ଥାନରେ ରଖି ଜେରା କରିବା ପରେ ସମସ୍ତ ୩ଜଣ ବନ୍ଧୁକ ତିଆରି କାର୍ଯ୍ୟରେ ନିୟୋଜିତ ଥିବା ସତ ମାନିଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଶରଣକୁଳ ଥାନା ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାକେ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରେ ବେଆଇନ ବନ୍ଧୁକ କାରଖାନା ଚାଲିଥିବା ପୋଲିସ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା। ବନ୍ଧୁକ ତିଆରିରେ ସାମିଲ ଥିବା ବ୍ୟକ୍ତିମାନେ ଖସିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ପୋଲିସ କାବୁ କରି ଥିଲା। ଘଟଣାସ୍ଥଳରୁ ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଛି। ଘଟଣାର ମାଷ୍ଟରମାଇଣ୍ଡ ପ୍ରଶାନ୍ତ ବିଶ୍ୱାଳ ବୋଲି ପୋଲିସ ଜାଣିବାକୁ ପାଇଛି।

DSPL - 330
ବାତ୍ୟା ମୋନ୍ଥା ସମୟରେ ବିଦ୍ୟୁତ୍ ସତର୍କତା


ଝଡ଼ ବର୍ଷାରେ ଉପୁଡି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ଏବଂ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ନିକଟକୁ ଯାଆନ୍ତୁ ନାହିଁ । ତୁରନ୍ତ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଜଣାନ୍ତୁ।


ଘର ଜଳମଗ୍ନ ହେଲେ ଘରର ମେନ୍ ସୁଇଚ୍‌ରୁ ବିଦ୍ୟୁତ୍ ସରବରାହ ବନ୍ଦ କରନ୍ତୁ ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଯନ୍ତ୍ରପାତି ଜଳମଗ୍ନ ହେବାର ଦେଖନ୍ତି ତେବେ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଜଣାନ୍ତୁ।


ବିଜୁଳି, ଘଡଘଡି ସମୟରେ ଘରୁ ବାହାରନ୍ତୁ ନାହିଁ କିମ୍ବା ଗଛତଳେ ରୁହନ୍ତୁ ନାହିଁ । ବଜ୍ରପାତ ବେଳେ ଯଦି ଅନ୍ୟ ଉପାୟ ନଥାଏ ତେବେ ଦୁଇ ପାଦର ଗୋଇଠି ଯୋଡି ଓ ଉଠାଇ ଏବଂ ପାଦ ଆଙ୍ଗୁଠିରେ ଭାରଦେଇ ଯାକିଯୁକି ହୋଇ ବସିପଡନ୍ତୁ।


ବଜ୍ରପାତ ବୈଦ୍ୟୁତିକ ଉପକରଣଗୁଡିକୁ (ଟେଲିଭିଜନ, କମ୍ପ୍ୟୁଟର, ଫ୍ରିଜ୍, ୱାଶିଂମେସିନ ଇତ୍ୟାଦି) କ୍ଷତି ଘଟାଇପାରେ, ତେଣୁ ଏହିସବୁ ଉପକରଣଗୁଡିକୁ ପ୍ଲଗ୍ ପଏଣ୍ଟରୁ ବାହାର କରିଦିଅନ୍ତୁ ।

OIPR-04066/13/0045/2526

ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।
ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

## ରାଜ୍ୟ ଖବର

# ବଦଳିଯାଇଛି ପୁରୁଣା ସ୍ଥିତି

## ନୂଆପଡ଼ା ଉପନିର୍ବାଚନ
### ଇଆଡ଼େ ସିଆଡ଼େ ହୋଇଯାଇଛନ୍ତି ନେତା

ନୂଆପଡ଼ା,୨୭।୧୦
(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାର ଜୋରଦାର କରିବା ସହିତ କର୍ମୀ ସମାବେଶ, ସଭା ସମିତି ଓ ମିଶ୍ରଣ ପର୍ବ କରି ମତଦାତାଙ୍କ ବିଶ୍ୱାସ ଭାଜନ ହେବାରେ ଲାଗିଛନ୍ତି। ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝି ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦଶନ୍ଧି ଧରି ବିଜେଡିର ଗଡ ଥିବା ନୂଆପଡ଼ାରେ କିନ୍ତୁ ଏବେ ଅନେକ ପରିବର୍ତ୍ତନ ଘଟିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ତାଙ୍କ ପୁଅ ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ନୂଆପଡ଼ା ଓ କୋମନା ବ୍ଲକ ସହିତ ନୂଆପଡ଼ା ଓ ଖରିଆର ରୋଡ ଏନ୍‌ଏସି ରହିଛି। ତେବେ ନୂଆପଡ଼ା ବ୍ଲକର ମତଦାତାଙ୍କ ଉପରେ ସବୁବେଳେ ରାଜନୈତିକ ଦଳର ନେତୃବୃନ୍ଦଙ୍କ ନଜର ରହିଥାଏ। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନୂଆପଡ଼ା ବ୍ଲକରୁ ମଧ୍ୟ ସେ ଅଧିକ ଭୋଟ ପାଇଥିଲେ। ନୂଆପଡା ବ୍ଲକ ୩୧ ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ ୩ଟି ଜିଲା ପରିଷଦ ଜୋନ ରହିଛି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ବ୍ଲକରୁ ସର୍ବାଧିକ ୨୩ହଜାର ୮୫୮ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ଭାବେ ଲଢିଥିବା କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ତଥା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୨୩ ହଜାର ୪୨୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଯୁବ ନେତା ଅଭିନନ୍ଦନ ପଣ୍ଡା ୨୦ ହଜାର ୩୩୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ ମଧ୍ୟ ମାତ୍ର ୬ ହଜାର ୩ଶହ ଭୋଟ ଏହି ବ୍ଲକରୁ ପାଇଥିଲେ। ଶରତ ବଲାଙ୍ଗୀର ଜିଲାର ଅଧିବାସୀ ହୋଇଥିବାରୁ ମତଦାତା ତାଙ୍କୁ ଭରସା କରି ନ ଥିଲେ।

ଗତ ନିର୍ବାଚନରେ ସ୍ଥାନୀୟ ନେତାମାନେ ଯେଉଁ ଦଳରେ ଥିଲେ ଏବେ କିନ୍ତୁ ଅନେକ ଦଳ ପରିବର୍ତ୍ତନ କରିଛନ୍ତି। ତେଣୁ ସାଧାରଣ ମତଦାତା ଦ୍ୱନ୍ଦ୍ୱରେ ଅଛନ୍ତି। ନୂଆପଡ଼ା ବ୍ଲକର ତିନୋଟି ଜିଲା ପରିଷଦ ଜୋନରୁ ଜୋନ ନଂ.୭ରେ ବିଜେଡିର ଉମା ଠାକୁର, ଜୋନ ୮ରେ ବିଜେଡିର ଭାନୁପ୍ରତାପ ସିଂ ମାଝୀ ଏବଂ ଜୋନ ୯ରେ କଂଗ୍ରେସର ଭରତ ଲାଲ ରାଉତ ଜିଲା ପରିଷଦ ସଭ୍ୟ ଅଛନ୍ତି। ଗତ ବିଧାନସଭା ନିର୍ବାଚନରେ ଉମା ଠାକୁର ବିଜେଡି ପାଇଁ କାମ କରୁଥିବାବେଳେ ଏବେ ମଧ୍ୟ ସେ ବିଜେଡିରେ ଅଛନ୍ତି। ସେହିପରି ଭରତ ଲାଲ ରାଉତ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଥିବା ବେଳେ ଚଳିତଥର ମଧ୍ୟ ଦଳ ସପକ୍ଷରେ କାମ କରୁଛନ୍ତି। ଭରତ ଲାଲ ଏବେ ଯାଦବ ସମାଜ ଜିଲା ସଭାପତି ଅଛନ୍ତି। ଯାଦବ ଭୋଟକୁ କଂଗ୍ରେସ ସପକ୍ଷରେ ନେବା ପାଇଁ ସେ ଚେଷ୍ଟା କରୁଛନ୍ତି। ମାତ୍ର ଭାନୁ ପ୍ରତାପ ସିଂ ମାଝୀ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ ନ କରି ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ପରୋକ୍ଷ ସମର୍ଥନ କରିଥିଲେ। ତେଣୁ ଦଳ ତାଙ୍କୁ ବହିଷ୍କାର କରିଥିଲା। ଏବେ କିନ୍ତୁ ବିଜେଡି ଭାନୁପ୍ରତାପଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପରେ ସେ ଦଳକୁ ଫେରିଛନ୍ତି। ତାଙ୍କ ମାଧ୍ୟମରେ ଆଦିବାସୀ ଭୋଟ ହାତେଇବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି। ଭାନୁପ୍ରତାପଙ୍କ ଆଦିବାସୀ ସମାଜ ଉପରେ ବେଶ ପ୍ରଭାବ ଥିବା ବେଳେ ତାଙ୍କୁ ନେଇ ବିଜେଡ଼ି ଅନେକ କିଛି ଆଶା ରଖିଛି। ସେହିପରି ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷା ଥିବା ତାରେଶ୍ୱରୀ ସାହୁ ଗତ ନିର୍ବାଚନରେ ବିଜେଡିକୁ ସମର୍ଥନ କରିଥିଲେ। ସେ ରାଜେନ୍ଦ୍ର ଢୋଲକିଆଙ୍କ ଏକାନ୍ତ ଅନୁଗତ ଥିବାରୁ ଗତ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡ଼ା ଗସ୍ତ ସମୟରେ ବିଜେଡି ଛାଡ଼ି ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର ମଧ୍ୟ ପୂର୍ବରୁ ବିଜେଡିରେ ଥିବା ବେଳେ ସେ ଏବେ ଭାଜପାରେ ଅଛନ୍ତି। ଏହା ସହିତ ବ୍ଲକର ୩୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରୁ ଅଧିକାଂଶ ଗତ ନିର୍ବାଚନରେ ବିଜେଡିରେ ଥିବା ବେଳେ ଏବେ ଜୟଙ୍କ ପଛେପଛେ ଭାଜପାକୁ ଚାଲିଯାଇଛନ୍ତି। ସେହିପରି ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନ ଦେଇଥିବା ଭାନୁପ୍ରତାପ ଓ ବିହାରିଲାଲ ବିଶ୍ୱାଳ ଏବେ କିନ୍ତୁ ତାଙ୍କୁ ସମର୍ଥନ ନ କରି ବିଜେଡିକୁ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ବିଶିଷ୍ଟ ଆଦିବାସୀ ନେତା ଭକ୍ତ ବନ୍ଧୁ ଧରୁଆ ଗତ ନିର୍ବାଚନରେ ଘାସିରାମଙ୍କୁ ସମର୍ଥନ କରିଥିବା ବେଳେ ଏବେ କିନ୍ତୁ ସେ ନିଜେ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ଅପରପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନଙ୍କୁ ଯେଉଁମାନେ ସମର୍ଥନ କରିଥିଲେ ଏବେ ସେମାନେ ଜୟଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିଲେ ମଧ୍ୟ ଭାଜପାର ସଭା, ସମିତିକୁ ଯିବା ସହିତ ଦଳ ପାଇଁ କାମ କରୁଥିବା ଦେଖିବାକୁ ମିଳୁଛି। ତେଣୁ ନୂଆପଡ଼ା ବ୍ଲକରେ ଚଳିତ ଉପନିର୍ବାଚନରେ ସମୀକରଣ ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

## ଜାତିଭିତ୍ତିକ ଭୋଟକୁ ପ୍ରମୁଖ ଦଳର ପ୍ରାଧାନ୍ୟ

ନୂଆପଡ଼ା,୨୭।୧୦
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ଗୁରୁତ୍ୱ ଦେଇ ଜାତିଭିତ୍ତିକ ଭୋଟକୁ ପ୍ରାଧାନ୍ୟ ଦେଉଛନ୍ତି। ସବୁଠାରୁ ବଡ ଭୋଟ ଆଦିବାସୀମାନଙ୍କର ଥିବାବେଳେ ଏବେ ଏସ୍‌ସି ଓ ଓବିସି ଭୋଟ ଉପରେ ନେତା ବିଶେଷ ଧ୍ୟାନ ଦେଉଛନ୍ତି। ଏହି ଜାତିଭିତ୍ତିକ ଭୋଟ ହାତେଇବା ପାଇଁ ପ୍ରମୁଖ ଦଳ ସେହି ଜାତିର ଟାଣୁଆ ନାତାମାନଙ୍କୁ ନିଜ ସପକ୍ଷକୁ ଟାଣୁଛନ୍ତି। ଭାଜପା ଓବିସି ଭୋଟ ହାତେଇବା ପାଇଁ ବିଜେଡିରେ ତିନିଥର ପ୍ରାର୍ଥୀ ହୋଇଥିବା ଟାଣୁଆ ନେତା ତଥା ଉତ୍କଳ ଯାଦବ ମହାସଂଘର ସଚିବଙ୍କୁ ନିଜ ସପକ୍ଷରେ ନେବା ସହ ବିଜେଡିରୁ କ୍ଷମାସିଂ ନିଆଲ, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ସମେତ ବିଭିନ୍ନ ପଞ୍ଚାୟତର ଓବିସି ବର୍ଗର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟମାନଙ୍କୁ ନିଜ ସପକ୍ଷକୁ ଟାଣି ନେଇଛନ୍ତି। ସେମାନେ ଓବିସି ଭୋଟ ହାତେଇବା ପାଇଁ ଗାଁ ଗାଁ କ୍ୟାମ୍ପେନ କରୁଛନ୍ତି। ସେହିପରି କଂଗ୍ରେସ ଦଳରେ ଯାଦବ ସମାଜର ଜିଲା ସଭାପତି ଭରତ ଲାଲ ରାଉତ, କପିଳେନ୍ଦ୍ର ଯାଦବ ଓବିସି ଭୋଟରଙ୍କ ପାଖକୁ ଯାଇ ଭୋଟ ସାଉଁଟିବାରେ ଲାଗିଛନ୍ତି। ବିଜେଡିରେ ଥିବା ଓବିସି ଟାଣୁଆ ନେତାମାନେ ଦଳ ଛାଡି ଅନ୍ୟ ଦଳକୁ ଚାଲିଯିବାରୁ ବରଗଡ ଜିଲାରୁ ଯାଦବ ସମାଜ ଜିଲା ସଭାପତି ରାଜୁ ଘିବେଲା ଆସି ଓବିସିମାନଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଓବିସି ଭୋଟ ୪୦ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସବୁ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଓବିସିଙ୍କୁ ପ୍ରଲୋଭନ ଦେଖାଇ ନିଜ ଅକ୍ତିଆରକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ନେତାଙ୍କ ପ୍ରଲୋଭନରେ ଆମେ ଯିବୁ ନାହିଁ। ଯିଏ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବ, ସମସ୍ତଙ୍କ ଦୁଃଖସୁଖରେ ସହଭାଗୀ ହେବ ସେଭଳି ପ୍ରାର୍ଥୀଙ୍କୁ ଚୟନ କରି ଭୋଟ ଦେବୁ ବୋଲି ଜଣେ ଓବିସି ଭୋଟର କହିଛନ୍ତି।

ହାର୍ଟ ଭାଲ୍‌ଭରେ ଗୁରୁତର ସଂକୀର୍ଣ୍ଣତା?
TAVI ଫେରାଇ ଆଣେ ଶକ୍ତି ଓ ଜୀବନ

Meril Treatment Zaroori Hai
Issued in public interest, for you and your loved ones, by Meril.


ଡା. ସୁଶାନ୍ତ ପ୍ରଧାନ
ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଉତ୍କଳ ହସ୍ପିଟାଲ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ଅନେକ ରୋଗୀଙ୍କ ସଂସ୍ପର୍ଶରେ ଆସିଥାଏ, ବିଶେଷକରି ୭୫ ବର୍ଷରୁ ଅଧିକ ଲୋକ, ଯେଉଁମାନେ ଥକ୍କାପଣ, ଶ୍ୱାସକ୍ରିୟା କିମ୍ବା ଛାତିରେ ଅସୁବିଧା ଅନୁଭବ କରନ୍ତି ଏବଂ ପ୍ରାୟତଃ ସେମାନେ ବାର୍ଦ୍ଧକ୍ୟର ସାଧାରଣ ଲକ୍ଷଣ ଭାବି ଅଣଦେଖା କରିଦିଅନ୍ତି । ଏହି ଲକ୍ଷଣଗୁଡ଼ିକ ଗୁରୁତର ଏଓର୍ଟିକ୍ ଭାଲ୍‌ଭ ସଂକୀର୍ଣ୍ଣତା ହେବାର ସଙ୍କେତ ଦେଇପାରେ, ଯାହା ହୃଦୟର ରକ୍ତକୁ ଫଳପ୍ରଦ ଭାବରେ ପମ୍ପ କରିବାର କ୍ଷମତାକୁ ପ୍ରଭାବିତ କରିଥାଏ । TAVI ମୋତେ ଏକ କ୍ୟାଥେଟର ବ୍ୟବହାର କରି ରୋଗଗ୍ରସ୍ତ ଭାଲ୍‌ଭକୁ ବଦଳାଇବାରେ ସମର୍ଥ କରିଥାଏ, ଯାହା ସାଧାରଣତଃ ଗୋଡର ଧମନୀ ମାଧ୍ୟମରେ ସମ୍ପନ୍ନ ହୋଇପାରିଥାଏ । ଏହି ପ୍ରକ୍ରିୟା ସମ୍ପାଦନ ପରେ ରୋଗୀମାନେ ପ୍ରାୟତଃ ଉନ୍ନତ ଷ୍ଟାମିନା, ସହଜ ଶ୍ୱାସକ୍ରିୟା ଏବଂ ଅଳ୍ପ କିଛିଦିନ ମଧ୍ୟରେ ଦୈନନ୍ଦିନ କାର୍ଯ୍ୟକଳାପରେ ଉନ୍ନତି ଲକ୍ଷ୍ୟ କରିଥାନ୍ତି । ପ୍ରାରମ୍ଭିକ ମୂଲ୍ୟାଙ୍କନ ଏବଂ ସମୟାନୁବର୍ତ୍ତୀ ଉପଚାର ଗୁରୁତର ସ୍ୱାସ୍ଥ୍ୟ ଜଟିଳତାକୁ ପ୍ରତିରୋଧ କରିବା ସହ ସ୍ୱାଧୀନ ଜୀବନଯାପନକୁ ଶୀଘ୍ର ଫେରିବାରେ ଆପଣଙ୍କୁ ସକ୍ଷମ କରିପାରେ ।


ଡା. ବିଭୁଦେନ୍ଦ୍ର ମହାନ୍ତି
ସିନିୟର କନ୍‌ସଲଟାଣ୍ଟ, ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ, ଡିପାର୍ଟମେଣ୍ଟ ଅଫ୍ କାର୍ଡିଆକ୍ ସାଇନ୍ସେସ୍, ସମ୍ ଅଲ୍ଟିମେଟ୍ ହସ୍ପିଟାଲ୍ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ମଧୁମେହ, ବୃକ୍କ ସମସ୍ୟା କିମ୍ବା ଫୁସ୍‌ଫୁସ୍ ବ୍ୟାଧି ପରି ଅତିରିକ୍ତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ରୋଗୀମାନଙ୍କର ଚିକିତ୍ସା ମଧ୍ୟ କରିଥାଏ । ଏପରି କ୍ଷେତ୍ରରେ ପାରମ୍ପରିକ ହସ୍ତକ୍ଷେପମୂଳକ ଚିକିତ୍ସା ଅଧିକ ବିପଦପୂର୍ଣ୍ଣ ହୋଇଯାଇଥାଏ । TAVI ସହିତ, ମୁଁ ହୃଦୟ ଉପରେ ଚାପକୁ କମ୍ କରିବା ସହିତ ନିରାପଦରେ ଭାଲ୍‌ଭର କାର୍ଯ୍ୟକ୍ଷମତାକୁ ପୁନଃ ସ୍ଥାପିତ କରିପାରୁଛି । ପ୍ରକ୍ରିୟା ପରେ, ରୋଗୀମାନେ ଉତ୍ତମ ରକ୍ତ ସଞ୍ଚାଳନ, ଥକ୍କାପଣ ହ୍ରାସ ହେଉଥିବାର ଅନୁଭବ କରନ୍ତି ଏବଂ ଅନ୍ୟାନ୍ୟ ରୋଗକୁ ଅଧିକ ଦକ୍ଷତାର ସହ ପରିଚାଳନା କରିପାରନ୍ତି । ଏହି ଥେରାପି ଉଚ୍ଚ ରିସ୍କ ରୋଗୀମାନଙ୍କ ପାଇଁ ଚିକିତ୍ସାର ବିକଳ୍ପକୁ ରୂପାନ୍ତରିତ କରିଛି, ଯେଉଁମାନଙ୍କର ଆରୋଗ୍ୟ ହେବାର ସମ୍ଭାବନା ପୂର୍ବରୁ ସୀମିତ ଥିଲା, ଏବେ ସେମାନଙ୍କ ପାଇଁ ଶୀଘ୍ର ଆରୋଗ୍ୟ ଓ ସ୍ୱଳ୍ପ ସ୍ୱାସ୍ଥ୍ୟ ଜଟିଳତା ସହ ସୁରକ୍ଷିତ ଓ ଫଳପ୍ରଦ ସମାଧାନ ଉପଲବ୍ଧ ।


ଡା. ଅନୁପମ ଜେନା
ସିନିୟର ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଏବଂ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ପ୍ରାୟତଃ ୫୦ରୁ ୬୫ ବୟସ ବର୍ଗର କାର୍ଯ୍ୟରତ ପ୍ରୌଢ଼ମାନଙ୍କୁ ଭେଟିଥାଏ ଯେଉଁମାନେ ଏହି କଥାକୁ ନେଇ ଚିନ୍ତାବ୍ୟକ୍ତ କରିଥାନ୍ତି ଯେ ଚିକିତ୍ସା ପ୍ରକ୍ରିୟା ସେମାନଙ୍କର କ୍ୟାରିୟର, ପରିବାର ଏବଂ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରିବ । ଉନ୍ନତ ଇମେଜିଂର ମାର୍ଗଦର୍ଶନ ଅଧୀନରେ କ୍ୟାଥେଟର ମାଧ୍ୟମରେ ଠିକ୍ ଭାବରେ ପରିଚାଳିତ TAVI, ରୋଗୀମାନଙ୍କୁ ଶୀଘ୍ର ସେମାନଙ୍କର କର୍ମଜୀବନକୁ ଫେରିବା ପାଇଁ ଅନୁମତି ଦେଇଥାଏ । ଅନେକ ରୋଗୀ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ଶକ୍ତି, ସହନଶୀଳତା ଏବଂ ଲକ୍ଷଣରୁ ଉପଶମରେ ଉଲ୍ଲେଖନୀୟ ଉନ୍ନତି ଲକ୍ଷ୍ୟ କରିଥାନ୍ତି । ଏହି ଉପଚାର ସେମାନଙ୍କୁ ଉନ୍ନତ ହୃଦୟ କାର୍ଯ୍ୟରୁ ଉପକୃତ ହେବା ସହିତ ଉଭୟ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଦାୟିତ୍ୱକୁ ଜାରି ରଖିବାରେ ସାହାଯ୍ୟ କରେ । ଆଧୁନିକ ହସ୍ତକ୍ଷେପ କିପରି ଭାବେ ଫଳପ୍ରଦ ଢଙ୍ଗରେ ସକ୍ରିୟ ଜୀବନଶୈଳୀ ସହିତ ଏକୀକୃତ ହୁଏ ତାହାର ଏହା ପ୍ରକୃଷ୍ଟ ଉଦାହରଣ ।


ଡା. ଦିବ୍ୟ ରଞ୍ଜନ ବେହେରା
କନ୍‌ସଲଟାଣ୍ଟ କାର୍ଡିଓଲୋଜିଷ୍ଟ, ମଣିପାଲ ହସ୍ପିଟାଲ ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ପୂର୍ବରୁ ହୃଦୟରେ ଅସ୍ତ୍ରୋପଚାର କରାଇଥିବା କିମ୍ବା ଜଟିଳ ହୃଦ୍ ଆନାଟୋମିଧାରୀ ଅନେକ ରୋଗୀଙ୍କୁ ଦେଖିଥାଏ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ରହିଥାଏ । ଉନ୍ନତ ଇମେଜିଂ ବ୍ୟବହାର କରି, ମୁଁ ନିରାପଦରେ ଠିକ୍ ରକ୍ତ ପ୍ରବାହକୁ ପୁନଃ ସ୍ଥାପିତ କରିବା ପାଇଁ ନୂତନ ଭାଲ୍‌ଭକୁ ଯତ୍ନର ସହ ସ୍ଥାନିତ କରେ । TAVI ବିଭିନ୍ନ ଶାରୀରିକ ଗଠନ ଏବଂ ରୋଗୀଙ୍କ ଅବସ୍ଥା ସହିତ ଖାପ ଖୁଆଇପାରିଥାଏ । ଏହି ପ୍ରକ୍ରିୟା ପରେ, ରୋଗୀମାନେ ହୃତ୍‌ପିଣ୍ଡର କାର୍ଯ୍ୟରେ ଉନ୍ନତି ଆସିବା, ଅଣନିଃଶ୍ୱାସୀ ହେବାର ଘଟଣା ହ୍ରାସିତ ହେବା ଏବଂ ସାମଗ୍ରିକ ଶାରୀରିକ ସାମର୍ଥ୍ୟରେ ଉନ୍ନତି ଆସିଥିବାର ସୂଚନା ଦେଇଛନ୍ତି । TAVIର ଖାପ ଖୁଇବାର ସାମର୍ଥ୍ୟ ଚିକିତ୍ସାର ସମ୍ଭାବନାଗୁଡ଼ିକୁ ବିସ୍ତାରିତ କରିଥାଏ ଏବଂ ସୁରକ୍ଷା ତଥା ଫଳାଫଳ ବିଷୟରେ ରୋଗୀ ଓ ସେମାନଙ୍କ ପରିବାରକୁ ଆଶ୍ୱାସନା ପ୍ରଦାନ କରିଥାଏ ।


ଡା. ଜ୍ୟୋତିର୍ମୟ ସାହୁ
କନ୍‌ସଲଟାଣ୍ଟ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ କେୟାର ହସ୍ପିଟାଲ, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ମୁଁ ଏହି କଥାକୁ ମଧ୍ୟ ଜୋର୍ ଦେଇ କହୁଛି ଯେ, TAVI କେବଳ ଭାଲ୍‌ଭ ସମ୍ବନ୍ଧୀୟ ଲକ୍ଷଣରୁ ମୁକ୍ତି ଦିଏ ନାହିଁ ବରଂ ହୃଦୟର ସାମଗ୍ରିକ ଦକ୍ଷତାରେ ମଧ୍ୟ ଉନ୍ନତି ଆଣିଥାଏ । ପୁନଃ ସ୍ଥାପିତ ରକ୍ତ ପ୍ରବାହ ହୃତ୍‌ପିଣ୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ ଉପରେ ଚାପ ହ୍ରାସ କରେ, ଶକ୍ତି ସ୍ତର ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ । ରୋଗୀମାନେ ପ୍ରାୟତଃ ଶାରୀରିକ କ୍ଷମତାରେ ବୃଦ୍ଧି, ଥକ୍କାପଣ ହ୍ରାସ ଏବଂ ଆରାମରେ ଦୈନନ୍ଦିନ କାର୍ଯ୍ୟ କରିବାର କ୍ଷମତା ଲକ୍ଷ୍ୟ କରନ୍ତି । TAVI ଉଚ୍ଚ ରକ୍ତଚାପ କିମ୍ବା କିଡ୍‌ନୀ ସମସ୍ୟା ପରି ସହଯୁକ୍ତ ସ୍ୱାସ୍ଥ୍ୟାବସ୍ଥାର ପରିଚାଳନାକୁ ଅନୁକୂଳତମ କରିବାରେ ସାହାଯ୍ୟ କରେ । ଏହି ଉପଚାର ହୃଦୟର କାର୍ଯ୍ୟକ୍ଷମତାକୁ ସୁଧାରିବା ସହିତ ଏବଂ ସାମଗ୍ରିକ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ।


ଡା. ସୂର୍ଯ୍ୟକାନ୍ତ ଜେନା
ଆସୋସିଏଟ୍ ପ୍ରଫେସର (ଇଣ୍ଟରଭେନସନାଲ୍ କାର୍ଡିଓଲୋଜିଷ୍ଟ) କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍, ଭୁବନେଶ୍ୱର

ଜଣେ ଇଣ୍ଟରଭେନସନାଲ କାର୍ଡିଓଲୋଜିଷ୍ଟ ଭାବରେ, ରୋଗୀମାନଙ୍କୁ ସେମାନଙ୍କ ସ୍ୱାଧୀନତା ଫେରିପାଇବା ଏବଂ ଶୀଘ୍ର ସାଧାରଣ ଜୀବନକୁ ଫେରିବା ପାଇଁ ସଶକ୍ତ କରିବାରେ TAVIର ଅବଦାନକୁ ମୁଁ ସ୍ୱୀକାର କରୁଛି । ଡାକ୍ତରଖାନାରେ ରହଣି ସମୟ ସ୍ୱଳ୍ପ ହୋଇଥାଏ, ଆରୋଗ୍ୟଲାଭ ସୁଗମ ହୋଇଥାଏ ଏବଂ ଏହି ପ୍ରକ୍ରିୟା ସମସ୍ତ ବୟସ ବର୍ଗ ଏବଂ ଡାକ୍ତରୀ ପ୍ରୋଫାଇଲକୁ ସୁହାଇଥାଏ । ରୋଗୀମାନେ କ୍ରମାଗତ ଭାବରେ ସହନଶୀଳତା, ଶ୍ୱାସକ୍ରିୟା ଏବଂ ହୃତ୍‌ପିଣ୍ଡ କାର୍ଯ୍ୟରେ ଉନ୍ନତି ଅନୁଭବ କରନ୍ତି, ଯାହାଦ୍ୱାରା ସେମାନେ ଗତିଶୀଳତା, କାର୍ଯ୍ୟ ଏବଂ ସାମାଜିକ କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ କରିବାରେ ସମର୍ଥ ହୋଇପାରନ୍ତି । TAVI ଆତ୍ମବିଶ୍ୱାସ, ଶକ୍ତି ଏବଂ ଜୀବନର ଗୁଣବତ୍ତାକୁ ପୁନଃ ସ୍ଥାପିତ କରେ, ଏହା ପ୍ରମାଣ କରେ ଯେ ନ୍ୟୂନତମ ଇନ୍‌ଭେସିଭ୍ ହସ୍ତକ୍ଷେପ ମଧ୍ୟ ଜୀବନରେ ଫଳପ୍ରଦ ଏବଂ ନିରାପଦ ଭାବରେ ପରିବର୍ତ୍ତନ ଆଣିପାରିବ ।

(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ। -ଶ୍ରୀମା

-ଶରଣ ଆରମ୍ଭ

# ଏଆଇରୁ ମରିବାନି

ଘଟଣା ହରିୟାଣା ଫରିଦାବାଦର। ନାୟକ ୧୯ ବର୍ଷ ବୟସ୍କ ରାହୁଲ ଭାରତୀ। ସେ ସ୍ଥାନୀୟ ଡିଏଭି କଲେଜର ଛାତ୍ର। ତିନି ବଡ଼ ଭଉଣୀ ଓ ତାଙ୍କ ଫଟୋକୁ ଅଶ୍ଳୀଳ ରୂପ ଦେଇ କେହି ଜଣେ ରାହୁଲଙ୍କୁ ବାରମ୍ବାର ଧମକାଇବା ଏବଂ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଥିଲେ। ବାସ୍ତବରେ କୌଣସି ଅଶ୍ଳୀଳ ଚିତ୍ର ଉଠାଯାଇ ନ ଥିଲା। ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ଅତି ଚତୁରତାର ସହିତ କମ୍ପ୍ୟୁଟର ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ମନଗଢ଼ା ଛବି ସୃଷ୍ଟି କରିପାରିଥିଲେ। ମନେରଖିବାକୁ ହେବ ଯେ ଆଜିର ପୃଥିବୀରେ ଏଆଇ ଅତି ପ୍ରାଥମିକ ଅବସ୍ଥାରେ ଥିବା ସତ୍ତ୍ୱେ ଯେକୌଣସି ବ୍ୟକ୍ତିବିଶେଷର ଶରୀର, ମୁହଁ ଏବଂ ସ୍ୱରକୁ ବ୍ୟବହାର କରାଯାଇ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର, ଅଡିଓ ଏବଂ ଭିଡିଓ ଅତି ସହଜରେ ପ୍ରସ୍ତୁତ କରାଯାଇପାରୁଛି। ଏହା ବର୍ତ୍ତମାନ ଆରମ୍ଭ ମାତ୍ର। ଏହିଭଳି ଏଆଇର ଅପବ୍ୟବହାର କରାଯିବା ଅତ୍ୟନ୍ତ ସହଜ ଓ ଆସନ୍ତା ଦିନଗୁଡ଼ିକରେ ଅଧିକରୁ ଅଧିକ ସହଜ ହୋଇଯିବ। ଏପରିକି ଏବେ ଏଆଇ ଦ୍ୱାରା ସୃଷ୍ଟି କରାଯାଇଥିବା ମହାଭାରତ ଧାରାବାହିକର ବିଜ୍ଞାପନ ଦେଖିବାକୁ ମିଳିଲାଣି। ଏଥିରେ କୌଣସି ମଣିଷ ତାରକାଙ୍କ ପ୍ରୟୋଜନ ରହୁନାହିଁ। ଏଭଳି ପ୍ରଚ୍ଛଦପଟରେ ରାହୁଲଙ୍କ ପ୍ରତିକ୍ରିୟା ଓ ସେଥିରୁ ଆତ୍ମହତ୍ୟାର ନିଷ୍ପତ୍ତି ଅତି ଦୁଃଖଦାୟକ। ଏଭଳି ବି ହୋଇପାରେ ଯେ ଅତି ଭଦ୍ରଲୋକଙ୍କର ଛବିକୁ ନେଇ ତାଙ୍କର କାଳି ସ୍ତ୍ରୀଙ୍କ ପରିବର୍ତ୍ତେ ଜଣେ ସଫା ଯୁବତୀଙ୍କ ସହିତ ଆଲିଙ୍ଗନ କରୁଥିବାର ଛବି ଓ ଭିଡିଓ ପ୍ରସ୍ତୁତ କରାଯାଇପାରିବ। ସେଭଳି ଯୁବତୀ ଓ ମହିଳାମାନଙ୍କ ସମ୍ପର୍କରେ ଅସଭ୍ୟ ଓ ଅରୁଚିକର ଭିଡିଓ ପ୍ରସ୍ତୁତ କରି ପରିବାର ଲୋକଙ୍କୁ ବ୍ଲାକ୍‌ମେଲ କରିବା ଆସନ୍ତା ଦିନଗୁଡ଼ିକରେ ସହଜ ହୋଇଯିବ। ଏଆଇର ମାରାତ୍ମକତା ବଡ଼ବଡ଼ିଆ, ରାଜନେତା, ସିନେମା ତାରକା କିମ୍ବା ଧନଶାଳୀ ବ୍ୟକ୍ତିଙ୍କୁ ଯେତେ କ୍ଷତି ପହଞ୍ଚାଇବ ନାହିଁ, ତା'ଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ସାଧାରଣ ଯୁବତୀ ଓ ଯୁବକ। ଯେଉଁମାନେ ସମାଜରେ ପ୍ରତିଷ୍ଠିତ ହୋଇନାହାନ୍ତି ଏବଂ ସେମାନଙ୍କ ମନରେ ସବୁବେଳେ ଚିନ୍ତା ଘାରୁଥାଏ 'ଆମ ବିଷୟରେ ଲୋକେ କ'ଣ କହିବେ' ସେମାନେ ଅତ୍ୟଧିକ ମାତ୍ରାରେ ଏଆଇର ଶିକାର ହେବାର ଆଶଙ୍କା ରହିଛି। ପ୍ରତିଷ୍ଠିତ ଲୋକଙ୍କର ପରିବାର ଏବଂ ନିକଟତମ ବ୍ୟକ୍ତି ଅଳ୍ପବହୁତେ ବୁଝିପାରିବେ ଯଦି କୌଣସି ସମ୍ପୂର୍ଣ୍ଣ ମିଥ୍ୟାକୁ ଏଆଇ ମାଧ୍ୟମରେ ପ୍ରଚାର କରାଯାଏ। କିନ୍ତୁ ରାହୁଲଙ୍କ ଭଳି ସାଧାରଣ ପରିବାରର ଯୁବକ ନିଜ ସମ୍ପର୍କରେ ଏକ ଅଶ୍ଳୀଳ ଭିଡିଓ ଯୋଗୁ ଅସ୍ତବ୍ୟସ୍ତ ହୋଇ ନିଜ ଜୀବନକୁ ଶେଷ କରିଦେଲେ।

ଏଆଇର ଯୁଗ ଏବେ ଆରମ୍ଭ ମାତ୍ର। ଏହାର ସକାରାତ୍ମକ ଦିଗ ମଣିଷ ଜାତିକୁ ବହୁ ଉନ୍ନତ କରିବାର କ୍ଷମତା ରଖିଥିବା ବେଳେ ତାହାର ନକାରାତ୍ମକ ଦିଗ ପ୍ରତ୍ୟେକ ଦିନ ଅନେକ ବ୍ୟକ୍ତିବିଶେଷଙ୍କ ଜୀବନକୁ ଛାରଖାର କରିବାକୁ ଆରମ୍ଭ କଲାଣି। ରାହୁଲଙ୍କୁ ବ୍ଲାକ୍‌ମେଲ୍ କରୁଥିବା ବ୍ୟକ୍ତି ସମ୍ଭବତଃ ତାଙ୍କ ଭଉଣୀମାନଙ୍କ ବିଷୟରେ ଭିଡିଓ ପ୍ରସ୍ତୁତ କରିଛନ୍ତି ବୋଲି ଧମକ ଦେଇ ଟଙ୍କା ଆଦାୟ କରିବାର ଉଦ୍ଦେଶ୍ୟରେ ଆଗେଇ ଚାଲିଥିଲେ। ଧମକ ପାଇ ରାହୁଲଙ୍କ ଦମ୍ଭୋକ୍ତି ଭାଙ୍ଗିଯିବା ଫଳରେ ଆତ୍ମହତ୍ୟା କଲାପରେ ସାହିଲ ନାମକ ଜଣେ ଯୁବକଙ୍କ ବିରୋଧରେ ପୋଲିସ ଏତଲା ଦାଏର କରିଛି। କୁହାଯାଉଛି ଯେ ଏଥିରେ ରାହୁଲଙ୍କ ଜଣେ ବନ୍ଧୁଙ୍କ ସମ୍ପୃକ୍ତି ରହିଥିଲା। କିନ୍ତୁ ଏବେ ଆଧାର, ଡିଜି ଯାତ୍ରା ଏବଂ ଆହୁରି ଅନେକ ସରକାରୀ ଫେସ୍ ରେକଗ୍‌ନିଶନ (ମୁହଁ ଚିହ୍ନିବା) ବ୍ୟବସ୍ଥା ଯେଉଁଭଳି ସରକାରୀ ପ୍ରୋତ୍ସାହନ ପାଇ ବ୍ୟାପକ ହେବାରେ ଲାଗିଛି, ସେଥିରେ ଯେକୌଣସି ବ୍ୟକ୍ତିଙ୍କୁ ଠକିବା କିମ୍ବା ଶିକାର ବା ଟାର୍ଗେଟ କରିବା ଅଧିକରୁ ଅଧିକ ସହଜ ହେଉଛି। ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।

**ବର୍ତ୍ତମାନ ମଣିଷ ନିୟନ୍ତ୍ରଣରେ ଏଆଇ ନାହିଁ। ଆଜିର ସ୍ଥିତିରେ ଏଆଇ ଆପଣାଛାଏଁ ଶିଖିବାରେ ଲାଗିଛି, ସବୁ ସରକାରୀ ସହିତ ବେସରକାରୀ ତଥ୍ୟ ରଖୁଥିବା ବ୍ୟବସ୍ଥାକୁ ବ୍ୟବହାର କରି ନିଜର ଶକ୍ତି ନିଜେ ବଢ଼ାଇ ଚାଲିଛି। ଏହି ସମ୍ପାଦକୀୟ ଲେଖିଲା ବେଳକୁ ଏଆଇର କଳେବର ଯାହା ଥିଲା, ତାହା ଆପଣ ପଢ଼ିବା ବେଳକୁ ଯଥେଷ୍ଟ ବୃଦ୍ଧି ପାଇସାରିବଣି। ଆଧୁନିକ ଏଆଇ ଯୁଗରେ ବଦ୍‌ନାମକୁ ଭୟ କରି କୌଣସି ଭାବେ ବ୍ୟସ୍ତ ହୋଇ ଚରମ ପଦକ୍ଷେପ ନେବା ବୋକାମିର ପରିଚୟ।**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 5 | 3 | | | | | 8 |
| | | | | | 7 | | 3 | |
| | | | | 2 | | | 9 | 7 |
| | | | 8 | 3 | 5 | | | |
| | 6 | | | | | | | |
| 4 | | | 7 | | | 1 | | |
| | | | | | 4 | 9 | | |
| | | | 5 | | | | 4 | |
| 9 | 2 | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 3 | 5 | 2 | 1 | 7 | 9 |
| 9 | 5 | 2 | 8 | 1 | 7 | 4 | 3 | 6 |
| 7 | 1 | 3 | 9 | 6 | 4 | 2 | 8 | 5 |
| 2 | 3 | 6 | 4 | 7 | 5 | 8 | 9 | 1 |
| 1 | 7 | 9 | 2 | 8 | 6 | 5 | 4 | 3 |
| 4 | 8 | 5 | 1 | 9 | 3 | 7 | 6 | 2 |
| 5 | 9 | 8 | 7 | 3 | 1 | 6 | 2 | 4 |
| 3 | 2 | 1 | 6 | 4 | 8 | 9 | 5 | 7 |
| 6 | 4 | 7 | 5 | 2 | 9 | 3 | 1 | 8 |

ଗତକାଲିର ଉତ୍ତର

# ବିହାର ରାଜନୀତିରେ ସାମାଜିକ ନ୍ୟାୟ



ଅଧ୍ୟାପକ ଗୋପବନ୍ଧୁ

ବିହାର ରାଜନୀତି ସର୍ବଦା ଏକ ପ୍ରମୁଖ ଚର୍ଚ୍ଚାର ବିଷୟଭାବେ ସ୍ଥାନ ପାଇ ଆସିଛି। ସାମ୍ପ୍ରତିକ ଅବସ୍ଥାରେ ରାଜ୍ୟର ଆଗାମୀ ବିଧାନସଭା ନିର୍ବାଚନ ଏ ଚର୍ଚ୍ଚାକୁ ବହୁଗୁଣିତ କରିଛି। ଏହି ନିର୍ବାଚନରେ ଦୁଇଟି ଅଗ୍ରଣୀ ମେଣ୍ଟ ଏନ୍‌ଡିଏ ଓ ଇଣ୍ଡିଆ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଆକଳନ କରାଯାଉଛି। ଏନ୍‌ଡିଏ ମେଣ୍ଟର ଅନ୍ୟତମ ମୁଖ୍ୟ ଅଂଶୀଦାର ହେଉଛି ଜନତା ଦଳ ୟୁନାଇଟେଡ (ଜେଡିୟୁ)। ଏହାର ମୁଖ୍ୟ ହେଉଛନ୍ତି ନୀତିଶ କୁମାର, ଯିଏ ଏବେ ମୁଖ୍ୟମନ୍ତ୍ରୀ ଅଛନ୍ତି। ବିରୋଧୀ ମେଣ୍ଟ ଇଣ୍ଡିଆର ମୁଖ୍ୟ ଅଂଶୀଦାର ହେଉଛି ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି), ଯାହାର ନେତୃତ୍ୱ ନେଉଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ଓ ତାଙ୍କ ରାଜନୈତିକ ଉତ୍ତର ଦାୟାଦ। ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଜୟପ୍ରକାଶ ଆନ୍ଦୋଳନର ଉତ୍ପତ୍ତି ଓ ସାମାଜିକ ନ୍ୟାୟର ପ୍ରବକ୍ତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ବିଚାରଧାରାର ବାହକ। ଉଭୟେ ମଣ୍ଡଳ କମିଶନର ପକ୍ଷଧର ଓ ଏହି କମିଶନ ପ୍ରଦତ୍ତ ରିପୋର୍ଟ କାର୍ଯ୍ୟକାରିତାର ସମର୍ଥକ।

୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପଛରେ ଉଭୟ ନୀତିଶ କୁମାର ଓ ଲାଲୁପ୍ରସାଦ ଯାଦବ ଦୃଢ଼ଭାବେ ଛିଡ଼ା ହୋଇଥିଲେ। ଏମାନଙ୍କ ସହିତ ଥିଲେ ରାମବିଳାସ ପାଶ୍ୱାନ। ଏମାନେ ସମସ୍ତେ ଭିପି ସିଂଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଜନତା ଦଳର ସଦସ୍ୟ ଥିଲେ। ଜନତା ଦଳର ବିଘଟନ ପରେ ନୀତିଶଙ୍କ ଗୋଷ୍ଠୀ ପ୍ରଥମେ ଗଠନ କଲେ ସମତା ପାର୍ଟି ଓ ପରେ ଏହା ମିଶିଲା ଜନତା ଦଳ ୟୁନାଇଟେଡ଼ରେ। ଲାଲୁପ୍ରସାଦ ଯାଦବ ଗଠନ କଲେ ରାଷ୍ଟ୍ରୀୟ ଜନତା ଦଳ। ରାମବିଳାସ ପାଶ୍ୱାନ ଗଠନ କଲେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଯାହାର ନେତୃତ୍ୱ ନେଉଛନ୍ତି ତାଙ୍କ ପୁଅ ଚିରାଗ ପାଶ୍ୱାନ। ସେହିପରି ଜେଡିୟୁରୁ ଜନ୍ମ ନେଇଛି ଉପେନ୍ଦ୍ର କୁଶୱାଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଓ ଜିତେନରାମ ମାନଝୀଙ୍କ ପାର୍ଟି ହିନ୍ଦୁସ୍ଥାନୀ ଆୱାମୀ ମୋର୍ଚ୍ଚା (ହାମ୍)। ପଶୁପତି ପରାସଙ୍କ ପାର୍ଟି ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି (ଆରଏଲ୍‌ଜେପି) ମୂଳ ଲୋକ ଜନଶକ୍ତି ପାର୍ଟିରୁ ଜନ୍ମ ନେଇଛି। ଏନଡିଏ ମେଣ୍ଟରେ ଜେଡିୟୁ, ଭାଜପା, ଏଲଜେପି, ଆର୍‌ଏଲ୍‌ଏମ୍ ଓ ହାମ ରହିଛି। ଇଣ୍ଡିଆ ମେଣ୍ଟରେ ଆରଜେଡି, କଂଗ୍ରେସ, ବାମପନ୍ଥୀ ପାର୍ଟିଗୁଡିକ, ଭିଆଇପି, ଆରଏଲଜେପି ରହିଛି। ଏନଡିଏ ମେଣ୍ଟରେ ଆସନ ବୁଝାମଣା ପ୍ରାୟତଃ ସରିଛି। କିନ୍ତୁ ଇଣ୍ଡିଆ ମେଣ୍ଟରେ ଏହା ସ୍ପଷ୍ଟ ହୋଇନାହିଁ। ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।



ବହୁ ଚର୍ଚ୍ଚିତ ମଣ୍ଡଳ କମିଶନର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନଭାବେ ଖ୍ୟାତ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ। ୧୯୭୭ରେ ଗଠିତ ଜନତା ପାର୍ଟି ସରକାର ଏହି କମିଶନ ବସାଇଥିଲେ। ୧୯୮୦ରେ କମିଶନ ତାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲା। ସେତେବେଳକୁ ଜନତା ପାର୍ଟି ସରକାର ଭାଙ୍ଗି ଯାଇଥିଲା। ୧୯୯୦ରେ ଭିପି ସିଂ ଏହି ରିପୋର୍ଟ ଅନୁଯାୟୀ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେବା ପାଇଁ ଘୋଷଣା କଲେ। ଏହି ସମୟରେ ଉଲ୍ଲେଖିତ ସମସ୍ତ ନେତା ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତା ସପକ୍ଷରେ ଥିଲେ। ମଣ୍ଡଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ଲାଲକୃଷ୍ଣ ଆଡ଼ଭାନୀ ରାମ ରଥ ଯାତ୍ରା ଆରମ୍ଭ କରିଥିଲେ। ଏହା ବିହାରରେ ପ୍ରବେଶ କରିବା ମାତ୍ରେ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ତାଙ୍କୁ ଗିରଫ କରିଥିଲେ। ଏହାର ପ୍ରତିବାଦରେ ଭଜପା କେନ୍ଦ୍ର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲା ଓ ଭିପି ସିଂ ସରକାର ଭାଙ୍ଗି ଯାଇଥିଲା।

୧୯୯୦ରେ ଲାଲୁପ୍ରସାଦ ଯାଦବ ମଣ୍ଡଳ କମିଶନ ରିପୋର୍ଟକୁ ବିହାରରେ କାର୍ଯ୍ୟକାରୀ କରିଥିଲେ। ଏ ଦିଗରେ ନୀତିଶ କୁମାର ଓ ରାମବିଳାସ ପାଶ୍ୱାନଙ୍କ ପୂର୍ଣ୍ଣ ସହଯୋଗ ଥିଲା। ଏହା ପୂର୍ବରୁ କର୍ପୂରୀ ଠାକୁର ବିହାରର ମୁଖ୍ୟମନ୍ତ୍ରୀ ଥିବା ଅବସରରେ ୧୯୭୮ରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଚାକିରିରେ ୨୬% ସଂରକ୍ଷଣ ସୁବିଧା ଦେଇଥିଲେ। ନୀତିଶ କୁମାର ନିଜ କାର୍ଯ୍ୟକାଳ ସମୟରେ ଓବିସିଙ୍କ ସଂରକ୍ଷଣ ସୀମା ବଢ଼ାଇବାକୁ ବହୁ ଚେଷ୍ଟା କରିଛନ୍ତି। ଏହା ସହିତ ଏସଟି ଓ ଏସସିଙ୍କ କୋଟା ମଧ୍ୟ ବଢ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ସମସ୍ତ ରାଜନୈତିକ ଦଳ ଏଦିଗରେ ସହମତ ହୋଇଥିଲେ। ସୁପ୍ରିମ କୋର୍ଟଙ୍କ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଯୋଗୁ ଏହା କର୍ଯ୍ୟକାରୀ ହୋଇପାରି ନଥିଲା। ପରବର୍ତ୍ତୀ ସମୟରେ ନୀତିଶ କୁମାର ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିଗତ ଅବସ୍ଥାର ଅନୁଧ୍ୟାନ ପାଇଁ ରାଜ୍ୟରେ ୨୦୨୩ରେ ଜାତିଗତ ଜନଗଣନା କରାଇଛନ୍ତି। ରାଜ୍ୟରେ ଓବିସିଙ୍କ ସଂଖ୍ୟା ୬୩% ବୋଲି ତଥ୍ୟ ଉପଲବ୍ଧ ହୋଇଛି। ଏହି ଜନଗଣନା ଆଧାରରେ ରାଜ୍ୟରେ ପୁଣି ସଂରକ୍ଷଣ ସୀମାକୁ ୬୫% ବୃଦ୍ଧି ପାଇଁ ବିଧେୟକ ପାରିତ ହୋଇଛି। ଏହା କାର୍ଯ୍ୟକାରୀ ହୋଇପାରି ନାହିଁ, ଯେହେତୁ ଏହା ଏବେ ପାଟନା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି।

ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ସମସ୍ତ ଦଳ ସାମାଜିକ ନ୍ୟାୟ ବିଚାର ଧାରାର। ଭାଜପା ମଧ୍ୟ ଏଥିରୁ ବାଦ ନୁହେଁ। ଏହା ରାଜ୍ୟର ରାଜନୈତିକ ବାଧ୍ୟବାଧକତା। ଏହି ବିଚାରଧାରାକୁ ଛାଡି ଏଠାରେ ରାଜନୀତି କରାଯାଇ ପାରିବ ନାହିଁ। ଏନ୍‌ଡିଏ ମଧ୍ୟରେ ନୀତିଶ କୁମାର ତୁଲ୍ୟ ଚେହେରା ଆଉ କାହାର ନାହିଁ। ଅନ୍ୟପଟେ ଇଣ୍ଡିଆ ମେଣ୍ଟର ଅନ୍ୟତମ ଅଂଶୀଦାର ଦଳ ହେଉଛି କଂଗ୍ରେସ। ରାହୁଲ ଗାନ୍ଧୀ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' କଥା ଉଠାଉଛନ୍ତି। ବରଂ ଆଗକୁ ପାଦେ ଯାଇ କହୁଛନ୍ତି ଯେ ସଂରକ୍ଷଣର ଯେଉଁ ସର୍ବୋଚ୍ଚ ସୀମା ୫୦% ନିର୍ଦ୍ଧାରଣ ହୋଇଛି ତାହାର ଉଚ୍ଛେଦ ହେବା ଉଚିତ। ତାଙ୍କ ମେଣ୍ଟ କେନ୍ଦ୍ର କ୍ଷମତାକୁ ଆସିଲେ ଏହା ନିଶ୍ଚୟ କରିବ। ଆରଜେଡି, କଂଗ୍ରେସ ଓ ଅନ୍ୟ ଦଳମାନେ ସମ୍ପୂର୍ଣ୍ଣଭାବେ ସାମାଜିକ ନ୍ୟାୟ ବିଚାରଧାରା ଉପରେ ନିର୍ବାଚନ ଲଢୁଛନ୍ତି। ତେଣୁ ଅନେକ ରାଜନୈତିକ ପର୍ଯ୍ୟବେକ୍ଷକ କହିବା ଆରମ୍ଭ କରିଛନ୍ତି ଯେ ବିହାରରେ ନିର୍ବାଚନ ଲଢେଇ ପଛୁଆବର୍ଗ ବନାମ ପଛୁଆବର୍ଗ।

ଏହି ଦୁଇ ମେଣ୍ଟ ବ୍ୟତୀତ ଅନ୍ୟ ଏକ ରାଜନୈତିକ ଶକ୍ତି ଆଲୋଚନା ପରିସରକୁ ଆସୁଛି, ତାହା ହେଉଛି ରାଜନୈତିକ ବିଶେଷଜ୍ଞ ପ୍ରଶାନ୍ତ କିଶୋରଙ୍କ ପ୍ରତିଷ୍ଠିତ ନୂଆ ଜନ ସୁରଜ ପାର୍ଟି (ଜେଏସ୍‌ପି)। ଏହା ଭ୍ରଷ୍ଟାଚାର ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢୁଛି। ଏହା ବାଦେ ନିର୍ବାଚନ ମଇଦାନକୁ ଅନ୍ୟ ଏକ ମେଣ୍ଟ ଆସିଛି ସାମାଜିକ ନ୍ୟାୟ ଓ ସାମଜିକ ସୁରକ୍ଷା ପ୍ରସଙ୍ଗକୁ ନେଇ, ଯେଉଁଥିରେ ଚନ୍ଦ୍ରଶେଖର ଆଜାଦଙ୍କ ଆଜାଦ ସମାଜ ପାର୍ଟି (ଏଏସ୍‌ପି), ଆଶାଉଦ୍ଦିନ ଓଏସିଙ୍କ ଏମ୍‌ଆଇଏମ୍ ଓ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଆପନି ଜନତା ଦଳ ରହିଛି। ଏହାର ନାମ ହେଉଛି ଗ୍ରାଣ୍ଡ ଡେମୋକ୍ରାଟିକ ଆଲାଏନ୍ସ (ଜିଡିଏ)। ଚନ୍ଦ୍ରଶେଖରଙ୍କ ଜନସଭାରେ ଭଲ ଜନସମାଗମ ଦେଖିବାକୁ ମିଳୁଛି।

ନିର୍ବାଚନ ଫଳାଫଳ କେଉଁ ମେଣ୍ଟ ସପକ୍ଷରେ ଯିବ ତାହା ଏବେ କୁହାଯାଇ ପାରିବ ନାହିଁ, ତେବେ ନିର୍ବାଚନ ପରେ ପୁଣି ଏକ ନୂତନ ମେଣ୍ଟ ଗଠନର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। କାରଣ ବିହାର ରାଜନୀତିରେ ପଟ ପରିବର୍ତ୍ତନର ଦୃଷ୍ଟାନ୍ତ ଅନେକ ରହିଛି। ଏହା ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟ ଯେ ରାଜ୍ୟରେ ଯେଉଁ ସରକାର ଆସିଲେ ମଧ୍ୟ ତାହା ସାମାଜିକ ନ୍ୟାୟ ବିଚାରଧାରାରୁ ଭିନ୍ନ ହୋଇ ପାରିବ ନାହିଁ।

**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

# ଆଜିର ପ୍ରୟାସ, କାଲିର ସଫଳତା



ସରୋଜ କୁମାର ଶତପଥୀ

ପ୍ରୟାସ ବିନା ସଫଳତା ନାହିଁ। ସଫଳତା ଏକ ସୁନ୍ଦର ସ୍ୱପ୍ନ, ଯାହାକୁ ପ୍ରାୟ ସମସ୍ତେ ଦେଖନ୍ତି। କିନ୍ତୁ ସମସ୍ତଙ୍କୁ ସେହି ସଫଳତା ମିଳି ନ ଥାଏ। କେହି ଜୀବନରେ ବହୁତ ବଡ଼ ସଫଳତା ଅର୍ଜନ କରନ୍ତି, ଆଉ କେହି କେହି ଚେଷ୍ଟା କଲେ ମଧ୍ୟ ଅଧା ରାସ୍ତାରେ ରହିଯାନ୍ତି। ଏହାର ପଛରେ କେତେକ ପ୍ରମୁଖ କାରଣ ରହିଛି। ପ୍ରଥମେ ଲକ୍ଷ୍ୟ ଓ ପ୍ରୟାସର ତଫାତ୍। ସମସ୍ତଙ୍କର ସ୍ୱପ୍ନ ଥାଏ, କିନ୍ତୁ ସେହି ସ୍ୱପ୍ନକୁ ସତ୍ୟ କରିବା ପାଇଁ ଅଟଳ ପ୍ରୟାସ, ସାହସ ଓ ସହନଶୀଳତା ଦରକାର ଯାହା ସମସ୍ତଙ୍କର ସମାନ ନୁହେଁ। ଦ୍ୱିତୀୟ, ପରିସ୍ଥିତି ଓ ସୁଯୋଗର ତଫାତ୍। କାହା ପାଖରେ ଶିକ୍ଷା, ସମ୍ପର୍କ ଓ ସହଯୋଗ ଇତ୍ୟାଦିରେ ଭରପୂର ସୁଯୋଗ ଥିବାବେଳେ କେତେଜଣ ବିପରୀତ ପରିସ୍ଥିତିରେ ଯୁଝିବାକୁ ବାଧ୍ୟ ହୁଅନ୍ତି। ସୁଯୋଗକୁ ଚିହ୍ନଟକରି ଉପଯୋଗ କରିବାରେ ଯିଏ ସକ୍ଷମ, ସେମାନଙ୍କଠାରେ ସଫଳତା ନିଶ୍ଚିତ। ତୃତୀୟ, ମନୋଭାବ ଓ ଧୈର୍ଯ୍ୟ। ସଫଳତାର ପଥରେ ବିଫଳତା ଏକ ସାଧାରଣ ସାଥୀ। କିନ୍ତୁ ଯିଏ ବିଫଳତାକୁ ଶିକ୍ଷା ଭାବରେ ନେଇ ପୁନର୍ବାର ଚେଷ୍ଟାକରେ, ସେଥିରେ ଲକ୍ଷ୍ୟ ସାଧନର ସମ୍ଭାବନା ବଢ଼ିଯାଏ। ଆଉ ଯିଏ ପ୍ରଥମେ ହାରିଯାଏ, ସେ ସଫଳତାରୁ ଦୂରେଇଯାଏ। ଚତୁର୍ଥ, ସମୟ ଓ ପ୍ରାଥମିକତା। ଜୀବନରେ କାହାକୁ ସଫଳତା ଶୀଘ୍ର ମିଳେ, ଆଉ କାହାକୁ ଡେରିରେ। ଯିଏ ସମୟକୁ ସତ୍ ବ୍ୟବହାର କରେ, ଧୈର୍ଯ୍ୟ ଧରେ, ସେହି ବ୍ୟକ୍ତିର ସ୍ୱପ୍ନ ଦିନେ ନା ଦିନେ ସତ୍ୟ ହୋଇଥାଏ। କିନ୍ତୁ ଧୈର୍ଯ୍ୟ ହରାଇଲେ ସୁଯୋଗ ହାତଛଡ଼ା ହୋଇଯାଏ। ମନୋବିଜ୍ଞାନୀମାନେ କହନ୍ତି, ଯିଏ କାମକୁ ପୁନଃ ପୁନଃ ପଛକୁ ରଖନ୍ତି, ସେମାନଙ୍କର ଆତ୍ମବିଶ୍ୱାସ କମେ, ସ୍ପୃହା କମେ ଓ ସଫଳତା ସମ୍ଭାବନା କମିଯାଏ। ସଫଳତା ପାଇଁ ଆବଶ୍ୟକ-ସ୍ପଷ୍ଟ ଲକ୍ଷ୍ୟ, ଅଟଳ ପ୍ରୟାସ, ଧୈର୍ଯ୍ୟ, ସୁଯୋଗକୁ ବୁଝିବା କୌଶଳ ଏବଂ ନିଜର ପରିଭାଷା। ଯିଏ ଏହି ସବୁକୁ ଅନୁସରଣ କରେ, ସେହି ଜଣଙ୍କ ପାଇଁ ସଫଳତା ନିଶ୍ଚିତ।

ଆଉ କେତେଜଣ ଲୋକଙ୍କ କ୍ଷେତ୍ରରେ ସଫଳତାର ସମସ୍ତ ସାଧନ ଥିଲେ ମଧ୍ୟ ପ୍ରୟାସର ଘୋର ଅଭାବ ପରିଲକ୍ଷିତ ହୁଏ। ମୋ ଦ୍ୱାରା ହେବନି, ମୁଁ ପାରିବିନି, ଏତେ କଷ୍ଟ କିଏ କରିବ, କାଲି କରିବି ଏଭଳି ଉକ୍ତି ରଖୁଥିବା ମଣିଷ ନିଜର ସ୍ୱପ୍ନକୁ ଆରମ୍ଭରୁ ହିଁ ମାରିଦିଏ। ଯିଏ କହେ ମୁଁ ପାରିବିନି ବା ସେ କାର୍ଯ୍ୟ ମୋ ଦ୍ୱାରା ହେବନି ସେ କାମ ଆରମ୍ଭ କରିବା ପୂର୍ବରୁ ହିଁ ପରାଜୟ ସ୍ୱୀକାରକରି ଦେଇଥାଏ। ଏହା ନିରାଶାର ଭାବନା ଏବଂ ଆତ୍ମବିଶ୍ୱାସର ଅଭାବ। ମୁଁ ପାରିବିନି କହିବାର ଅର୍ଥ ହେଲା ନିଜ କ୍ଷମତାକୁ ସେ କେବେ ବିଶ୍ୱାସ କରେନାହିଁ। ସଫଳତା ସେହିଥିରେ ଆସେ, ଯେଉଁଠି ସକାରାତ୍ମକ ଭାବନା ଥାଏ। ନକାରାତ୍ମକ ମନୋଭାବ ଥିଲେ ପାଦେ ପାଦେ ବିଫଳତା ଆସିଥାଏ। ପ୍ରୟାସ ସେତେବେଳେ ସଫଳ ହୋଇପାରେ, ଯେବେ ମୁଁ ପାରିବି ବୋଲି ବିଶ୍ୱାସ ରହେ। ସଫଳତା ପାଇଁ ପ୍ରୟାସ ଆବଶ୍ୟକ। କିନ୍ତୁ ଯିଏ କହେ, କଷ୍ଟ କିଏ କରିବ ସେ ପ୍ରୟାସରୁ ଓହରିଯାଇଥାଏ। କିନ୍ତୁ କଷ୍ଟ ବିନା କେବେ ସଫଳତା ମିଳେନାହିଁ। କଷ୍ଟ ହେଉଛି ସଫଳତାର ଶିଡ଼ି, ଯାହା ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ। ପ୍ରୟାସର ମୂଳ ଆଧାର ପରିଶ୍ରମ। ଯେତେ କଷ୍ଟ, ସେତେ ଫଳ। ଯିଏ ପରିଶ୍ରମ କାତର ସେ ସୁଯୋଗ ହରାଇଥାଏ ଏବଂ ଜୀବନରେ ପଛୁଆ ହୋଇ ରହିଥାଏ। 'କାଲି କରିବି' - ଏହି ଅଭ୍ୟାସଟି ଆମ ଦୈନନ୍ଦିନ ଜୀବନର ସର୍ବାଧିକ ପ୍ରଚଳିତ କଥା। କାଲିରେ କାମ ସରିବ ବୋଲି ଆମେ ନିଜକୁ ସାନ୍ତ୍ୱନା ଦେଇଥାଉ, କିନ୍ତୁ ସେହି କାଲି କେବେ ଆସେନି। ପ୍ରତ୍ୟେକ କାଲି ପୁଣି ଆଜିରେ ପରିଣତ ହୁଏ। ସେହିପରି ଆମର ସ୍ୱପ୍ନ, ଲକ୍ଷ୍ୟ ଓ କାମଗୁଡ଼ିକ କାଲିକୁ ରହିଲେ ସେଗୁଡ଼ିକ ସର୍ବଦା ଅପୂର୍ଣ୍ଣ ରହିଯାଏ। ବିଶ୍ୱରେ ଯେଉଁମାନେ ସଫଳ ହୋଇଛନ୍ତି, ସେମାନଙ୍କ ଜୀବନରୁ ଏ କଥା ସ୍ପଷ୍ଟ -ସେମାନେ କାଲି ପାଇଁ ଅପେକ୍ଷାକରି ନ ଥିଲେ। ଥୋମାସ ଏଡିସନ ୧୦୦୦ରୁ ଅଧିକ ବିଫଳ ପରୀକ୍ଷଣ ପରେ ବିଦ୍ୟୁତ୍ ବଲ୍‌ବ ଆବିଷ୍କାରକଲେ। ଯଦି ସେ କାଲି ପାଇଁ ଛାଡ଼ି ଦେଇଥାନ୍ତେ, ଆଜି ବିଶ୍ୱ ଅନ୍ଧକାରରେ ରହୁଥାନ୍ତା। ମହାତ୍ମା ଗାନ୍ଧୀ ଯଦି କାଲି ପାଇଁ ଅପେକ୍ଷା କରିଥାନ୍ତେ, ସ୍ୱାଧୀନତା ଆନ୍ଦୋଳନ କେବେ ଗତି କରିପାରି ନ ଥାନ୍ତା।



ପ୍ରୟାସ ହେଉଛି ଜୀବନର ମୂଳ ଚାବି, ଯାହା ବିନା କୌଣସି ସଫଳତା ସମ୍ଭବ ନୁହେଁ। ଆଜିର ପରିଶ୍ରମ, ନିଷ୍ଠା ଓ ଧୈର୍ଯ୍ୟ କାଲିର ଉଜ୍ଜ୍ୱଳ ସଫଳତାକୁ ନିଶ୍ଚିତକରେ। ଯେଉଁଠି ସଫଳତାର ପରିଭାଷା ପ୍ରତ୍ୟେକଙ୍କ ପାଇଁ ଅଲଗା, ସେଠି ଏକମାତ୍ର ସାଧାରଣ ସତ୍ୟ ହେଲା ଅନବରତ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ ବିନା ସଫଳତା ସମ୍ଭବ ନୁହେଁ। ପରିଶ୍ରମୀ, ସହନଶୀଳ ଓ ସକାରାତ୍ମକ ମନୋଭାବ ବ୍ୟକ୍ତିଙ୍କ ପାଇଁ କୌଣସି ଲକ୍ଷ୍ୟ ଦୂର ନୁହେଁ। ଯେପରି ସୂର୍ଯ୍ୟ ଉଦୟ ପୂର୍ବରୁ ଅନ୍ଧକାର ଅପସରି ଯାଏ, ସେପରି ପ୍ରୟାସର ଆଲୋକରେ ଅସଫଳତା ଦୂରୀଭୂତ ହୋଇ ସଫଳତାର ପ୍ରଭାତ ଆସିଥାଏ। ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ। ସେହି ସୁଯୋଗକୁ କାଲି ପାଇଁ ଛାଡ଼ିଦେଲେ, ଏହା ଆଉ କେବେ ମିଳେନାହିଁ। ଆମର ପ୍ରୟାସ ପରିଶ୍ରମ ଓ ସଫଳତାର ସ୍ଥାନ କେବଳ ଆଜି।

**ମୋ: ୯୩୪୮୧୨୭୪୪୭**

## ଏଇ ଭାରତରେ

ଅପରାହ୍ନ ୩ଟା ବେଳକୁ ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ସାଇ ମନ୍ଦିର ପାଖକୁ ପିଲାମାନେ ବ୍ୟାଗ୍ ଧରି ଯାଉଥିବାର ଦେଖିବେ। ଏହା କୌଣସି ସ୍କୁଲ ଛୁଟି ସମୟର ଦୃଶ୍ୟ ନୁହେଁ, ବରଂ ବସ୍ତିର ପିଲାମାନେ ପଢ଼ିବାକୁ ଆସୁଥିବାର ସମୟ। ପିଲାମାନେ ପ୍ରତିଦିନ ୩ଟାରୁ ୫।୩୦ ଯାଏ ସାଇ ମନ୍ଦିର ସମ୍ମୁଖ ପାର୍କିଂ ସ୍ଥାନରେ ପଢୁଛନ୍ତି। ଏହି ସ୍କୁଲର ନାମ 'ଥାନ୍ ସିଂ କା ପାଠଶାଳା'। ଦିଲ୍ଲୀର ବିଭିନ୍ନ ବସ୍ତିରୁ ପିଲାମାନେ ଏହି ପାଠଶାଳାକୁ ପଢ଼ିବା ପାଇଁ ଆସୁଛନ୍ତି। ଯେଉଁ ପିଲାମାନେ ସ୍କୁଲ ଶିକ୍ଷାଠାରୁ ଦୂରେଇ ରହି ବିଭିନ୍ନ କାମରେ ନିୟୋଜିତ ହେଉଥିଲେ ସେମାନଙ୍କୁ ଉଦ୍ଧାରକରି ଥାନ୍ ସିଂ ପାଠଶାଳାକୁ ଆଣୁଛନ୍ତି। ଥାନ୍ ସିଂ ଏବେ ଦିଲ୍ଲୀ ପୋଲିସର ହେଡ୍ କନ୍‌ଷ୍ଟେବଲ୍ ଭାବେ କାର୍ଯ୍ୟରତ। ପାଠଶାଳରେ ୩ରୁ ୧୫ ବର୍ଷ ବୟସର ପିଲାମାନେ ପଢୁଛନ୍ତି। ଥାନ୍ ସିଂ ଓ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଏଠାରେ ପଢ଼ାଉଛନ୍ତି। ଅନେକ ଇ-ଅଟୋରିକ୍ସା ଚାଳକ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ବସ୍ତିରୁ ପିଲାମାନଙ୍କୁ ଏହି ପାଠଶାଳାକୁ ଆଣୁଛନ୍ତି। ଅନୁଦାନ ଅର୍ଥରେ ଏହା ଚାଲୁଛି ଏବଂ ପିଲାମାନଙ୍କ ପଢ଼ିବା ଲାଗି କୌଣସି ଦେୟ ଦେବାକୁ ପଡୁନାହିଁ। ପ୍ରଥମେ ପାଠଶାଳାକୁ ୫ ଜଣ ପିଲା ପଢ଼ିବାକୁ ଆସୁଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି।

୫୦ ବର୍ଷ ତଳର ଧରିତ୍ରୀ DHARITRI

## ୨୮ ଅକ୍ଟୋବର ୧୯୭୬

- ରାଜସ୍ଥାନ ପ୍ରଦେଶ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ୪୪ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ।
- ବମ୍ବେ ମହାନଗରୀର ଉନ୍ନୟନ ନିମନ୍ତେ ବିଶ୍ୱବ୍ୟାଙ୍କ ପକ୍ଷରୁ ୨ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ଦେବଦେବୀଙ୍କ ଛବିକୁ ଅସମ୍ମାନ

ମହାଶୟ,

ସମାଜରେ ଦେବଦେବୀଙ୍କ ପ୍ରତି ଅତୁଟ ଶ୍ରଦ୍ଧା ଓ ଭକ୍ତି ରହିଛି। କିନ୍ତୁ ଆଧୁନିକ ବ୍ୟବସାୟିକ ଦୁନିଆରେ ଦେବଦେବୀଙ୍କ ଫଟୋ ବ୍ୟବହାର ଏବଂ ଏହାର ଅସମ୍ମାନକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଆଜିର ବଜାରରେ ବିକ୍ରି ହେଉଥିବା ଅନେକ ପୂଜା ସାମଗ୍ରୀ ଯେପରି କି ଅଗରବତି, ଧୂପ, କର୍ପୂର, ଦୈନନ୍ଦିନ ବ୍ୟବହାର ଜିନିଷ, ପ୍ୟାକେଜିଂ କଭର ଏବଂ ବିଭିନ୍ନ ଖାଦ୍ୟପଦାର୍ଥର ଆବରଣରେ ଦେବଦେବୀଙ୍କ ଛବି ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ନିଜ ଦ୍ରବ୍ୟର ପ୍ରଚାର ପ୍ରସାର ଏବଂ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଚିତ୍ରଗୁଡ଼ିକୁ ବ୍ୟବସାୟର ମାଧ୍ୟମ କରୁଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଏହା ଲାଭଜନକ ହୋଇପାରେ, କିନ୍ତୁ ଏହାର ପରିଣାମ ଆମ ସାମାଜିକ ଓ ଧାର୍ମିକ ପବିତ୍ରତା ପାଇଁ କ୍ଷତିକାରକ ହେଉଛି। କାରଣ ଏହି ସାମଗ୍ରୀଗୁଡ଼ିକ ବ୍ୟବହାର ହେବା ପରେ ଏହାର ଖୋଳ ବା ଆବରଣଗୁଡ଼ିକୁ ଆମେ ଅଳିଆ ଭାବି ରାସ୍ତାରେ, ଡ୍ରେନ୍‌ରେ, ଘର ବାହାରେ କିମ୍ବା ଅଳିଆଗଦାରେ ଫିଙ୍ଗିଦେଉଛୁ। ଏହି ସମସ୍ୟାର ସମାଧାନ ପାଇଁ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ୱଇଚ୍ଛାରେ ଏହି ଧାର୍ମିକ ଚିତ୍ରଗୁଡ଼ିକର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଉଚିତ। ସାଧାରଣ ଜନତା ଏପରି ଉତ୍ପାଦ କିଣିବାକୁ ପ୍ରତ୍ୟାଖ୍ୟାନ କରିବା ଦରକାର। ସରକାର ଏହା ଉପରେ କଡ଼ା ନିୟମ ଜାରିକରି ଏକ କଠୋର ଆଇନ ପ୍ରଣୟନ କରିବାକୁ ପଡ଼ିବ। ସମୟ ଆସିଛି, ଆମେ ସମସ୍ତେ ମିଶି ଏହି ଅସମ୍ମାନଜନକ ପ୍ରଥାକୁ ବନ୍ଦକରିବା ଏବଂ ଆମର ଧାର୍ମିକ ମୂଲ୍ୟବୋଧର ମର୍ଯ୍ୟାଦା ବଜାୟ ରଖିବା।

**-ଅଖିଳ ତରାଇ ,ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କଷଣେ !
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଅବକାରୀ ଚଢ଼ାଉ, ୩ ଗିରଫ

ମୋରଡ଼ା,୨୭ା୧୦(ସ୍ୱାରକ ମାଝୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଦେଶୀ ମଦ ବିକ୍ରି କରୁଥିବା ଖବରପାଇ ମୋରଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ରାଉତ ପ୍ରଥମେ ବରକନ୍ଦ ଗ୍ରାମରୁ ସାତାରାମ ରାଉତଙ୍କ ନିକଟରୁ ୨୫ ଲିଟର ଦେଶୀ ମଦ ଜବତ କରିବା ପରେ ଅଣ୍ଟୁଆ ଗ୍ରାମର ଯମୁନି ସିଂଙ୍କ ପାଖରୁ ୧୫ ଲିଟର, ମୋରଡ଼ା ଗ୍ରାମର ଜୟନ୍ତୀ ପୁଷ୍ଟୀଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ସେହିପରି ଭାଲୁକୁଆ ଗ୍ରାମର ଏକ ନିଛାଟିଆ ସ୍ଥାନରୁ ୨୫୦୦ ଲିଟର ପୋଚ ସହିତ ୨୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ନେଇ ଅବକାରୀ ଥାନାରେ ୧୩୦,୧୩୧,୧୩୨, ଓ ୧୩୩/୨୫ ରେ ମାମଲା ରୁଜୁ ହୋଇଛି।

# ହଷ୍ଟେଲ ପାଚେରି ଡେଇଁ ପଳାଇଲେ ୮ ଛାତ୍ର

■୮ ଘଣ୍ଟା ପରେ ଉଦ୍ଧାର
■ପ୍ରଧାନ ଶିକ୍ଷୟିତ୍ରୀ- ହଷ୍ଟେଲ କର୍ତ୍ତୃପକ୍ଷ ଦୋଷ ଲଦାଲଦି

ଉଦଳା,୨୭ା୧୦(ସନ୍ତୋଷ କୁମାର ବାଣ୍ଡିଲୀ)

ସମ୍ପୃକ୍ତଙ୍କ ଉପସ୍ଥିତିରେ ବିଦ୍ୟାଳୟ ପାଚେରି ଡେଇଁ ପଳାଇଲେ ୮ ଛାତ୍ର। ଘଟଣା ଘଟିବା ପରେ ପରସ୍ପର ଦୋଷ ଲଦାଲଦି ହେଲେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଏବଂ ହଷ୍ଟେଲ କର୍ତ୍ତୃପକ୍ଷ। ପାଚେରି ଡେଇଁ ଯିବାର ୮ ଘଣ୍ଟା ପରେ ୧୨ କି.ମି. ଦୂରରୁ ଉଦ୍ଧାର ହେଲେ। ଏଭଳି ଘଟଣା ଘଟିଛି ଉଦଳା ବ୍ଲକ୍ ଅଥଣଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟ ହଷ୍ଟେଲରେ ୪୦ଜଣ ଅନ୍ତେବାସୀ ରହୁଥିବା ବେଳେ ରବିବାର ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନ ୩ଟା ସମୟରେ ୮ ଜଣ ଛାତ୍ର ବିଦ୍ୟାଳୟ ପାଚେରି ଡେଇଁ ବାହାରକୁ ଚାଲି ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବନିତା ଚୌଧୁରୀଙ୍କ ଉପସ୍ଥିତିରେ ଛାତ୍ରମାନେ ପାଚେରି ଡେଇଁ ପ୍ରାୟ ୧୨ କି.ମି.ଦୂର ଚାଲି ଚାଲି ପଳାଇଥିଲେ। ଛାତ୍ରମାନେ ପାଚେରି ଡେଇଁ ଯିବା ଘଟଣାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ହାଲକା ଭାବେ ଗ୍ରହଣ କରିଥିବାବେଳେ ୮ ଘଣ୍ଟା ପରେ ସ୍ଥାନୀୟ ଥାନା ପୋଲିସ ସେମାନଙ୍କୁ କାଳିମେଘା ଗ୍ରାମର ଜଣେ ଛାତ୍ରଙ୍କ ଘରୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ଛାତ୍ରମାନେ ହଷ୍ଟେଲକୁ ଆସିବା ପରେ ଖୋଲିଥିବା ସମସ୍ତ ସତ୍ୟ। ସମସ୍ତଙ୍କ ଉପସ୍ଥିତିରେ ପ୍ରଥମେ ୨ ଜଣ ଛାତ୍ର ପାଚେରି ଡେଇଁ ଚାଲିଯାଇଥିବା ବେଳେ ହଷ୍ଟେଲର ସିସିଏ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସେହି ୨ଜଣ ଛାତ୍ରଙ୍କୁ ଧରି ଆଣିବା ପାଇଁ ଅନ୍ୟ ୬ ଜଣ ଛାତ୍ରଙ୍କୁ ପଠାଇଥିବା କହିଛନ୍ତି ଉଦ୍ଧାର ହୋଇ ଆସିଥିବା ଛାତ୍ର। ସେପଟେ ଛାତ୍ରମାନଙ୍କ ଏପରି ପ୍ରକ୍ରିୟା ବାବଦରେ ହଷ୍ଟେଲର ସିସିଏ କିଶୋର ଚନ୍ଦ୍ର ସିଂଙ୍କୁ ପଚାରିବାରୁ ସେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନ ଥିବା ଏବଂ ଛାତ୍ରମାନେ ନିଜ ଇଚ୍ଛାରେ ଚାଲିଯାଇଥିବା କହି ଦୋଷ ଲୁଚାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀଙ୍କୁ ପଚାରିବାରୁ ଛାତ୍ରମାନେ ବିଦ୍ୟାଳୟରୁ ବାହାରି ଯିବା ସମୟରେ ସେ ଉପସ୍ଥିତ ଥିଲେ ଏବଂ ବିଲ ଦେଇ ସେମାନେ ଚାଲିଯିବାରୁ ଖୋଜିବାରେ ବିଳମ୍ବ ହୋଇଥିବା କହି ନିଜ ଉପରୁ ଦୋଷ ଖସାଇ ଦେଇଥିଲେ। ତେବେ ପାଚେରି ଡେଇଁ ଯାଇଥିବା ଜଣେ ଅନ୍ତେବାସୀଙ୍କ ପରିବାର ଲୋକେ ହଷ୍ଟେଲକୁ ଭେଟିବାକୁ ଆସିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ହଷ୍ଟେଲରେ ପିଲାଙ୍କୁ ନ ପାଇ ରାତି ୧୦ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଅଭିଭାବକ। ପ୍ରଧାନ ଶିକ୍ଷୟିତ୍ରୀ ଏବଂ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏପରି ହୋଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

## ରାଇରଙ୍ଗପୁରରେ ଛଟ୍ ପର୍ବ

ରାଇରଙ୍ଗପୁର,୨୭ା୧୦(ମାନସ ମହାନ୍ତି)

ରାଇରଙ୍ଗପୁର ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବିହାରୀ ଓ ମାରୱାଡ଼ି ସମ୍ପ୍ରଦାୟ ପକ୍ଷରୁ ସୋମବାର ଛଟ୍ ପର୍ବ ପାଳିତ ହୋଇଯାଇଛି। ଖଡ଼ଖାଇ ନଦୀ ଘାଟରେ ରାଇରଙ୍ଗପୁର ସହରାଞ୍ଚଳର ବଡ଼ବଜାର ସମେତ ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଥିବା ବିହାରୀ ଏବଂ ମାରୱାଡ଼ି ସମ୍ପ୍ରଦାୟର ମହିଳା ଏକାଠି ହୋଇ ପୂଜା କରିଥିଲେ। ସେହିପରି ବହଳଦା, ଗୋରୁମହିଷାଣି ଏବଂ ହାଟବାଦଡା ଅଞ୍ଚଳରେ ମଧ୍ୟ ଛଟ୍ ପର୍ବ ପାଳିତ ହୋଇଛି। ଛଟ୍ ପର୍ବ କମିଟିର ସଭାପତି ଅଧ୍ୟାପକ ବିଜୟ କୁମାର ରାମ, ସମ୍ପାଦକ ରାଜେଶ କୁମାର ପ୍ରଜାପତିଙ୍କ ସମେତ ସଦସ୍ୟ ଗଣ ସହଯୋଗ କରିଥିଲେ।

# ୧୦ରେ ମୟୂରଭଞ୍ଜ ବନ୍ଦ ଡାକରା

## ସମସ୍ତ ଗଣବଳାତ୍କାରୀଙ୍କ ଗିରଫ ଦାବି

ବାରିପଦା,୨୭ା୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଦୁଇ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର କରିଥିବା ସମସ୍ତ ଅଭିଯୁକ୍ତଙ୍କ ଗିରଫ ପାଇଁ ଦାବି ହୋଇଛି। ମୟୂରଭଞ୍ଜ ଆଦିବାସୀ ଛାତ୍ର ସଙ୍ଗଠନ (ମାସା ଆର୍ମୀ) ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଘଟଣାର ଦୃଢ଼ ନିନ୍ଦା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି। ଏହା ସହିତ ଛାତ୍ରୀ ଦ୍ୱୟଙ୍କୁ ନ୍ୟାୟ ପ୍ରଦାନ ଦାବିରେ ନଭେମ୍ବର ୧୦ରେ ମୟୂରଭଞ୍ଜ ବନ୍ଦ ପାଳନ କରାଯିବ ବୋଲି ସେ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ବନ୍ଦ ପାଳନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

# ବିବେକାନନ୍ଦ ପବ୍ଲିକ ସ୍କୁଲ ରାଜ୍ୟରେ ପ୍ରଥମ

## ରାଜ୍ୟସ୍ତରୀୟ କଳା ଉତ୍ସ ଓ ବାଦ୍ୟ ପ୍ରତିଯୋଗିତା

କରଞ୍ଜିଆ,୨୭ା୧୦(କବିତା ମହାନ୍ତ)

ଭୁବନେଶ୍ୱରସ୍ଥିତ ୟୁନିଟ-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ କଳା ଉତ୍ସ ଓ ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ଜିଲାରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ସେଥିରେ କରଞ୍ଜିଆସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ବାଳିକା ପାଇପ୍ ବ୍ୟାଣ୍ଡ ବାଦକ ଦଳ ଭାଗ ନେଇଥିଲେ। ଏହି ଦଳ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି କରଞ୍ଜିଆ ପାଇଁ ସୁନାମ ଆଣିଛନ୍ତି। ପ୍ରତିଯୋଗିତା ପରେ ଭାଗ ନେଉଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଜାତୀୟ ସ୍ତର ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀ ଦଳ ଚୟନ ହୋଇଥିଲା। ଏଥିରେ ମଧ୍ୟ ବିବେକାନନ୍ଦ ପାବ୍ଲିକ ସ୍କୁଲ ଜାତୀୟ ସ୍ତରରେ ଭାଗ ନେବାକୁ ଚୟନ ହୋଇଛି। ଏଥି ନିମନ୍ତେ ବିଦ୍ୟାଳୟରେ ଏକ ସ୍ୱାଗତ ଉତ୍ସବ ଅଧକ୍ଷା ଇଲା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥଲା। ଏଥିରେ ସଭାପତି ବିଷ୍ଣୁ କୁମାର ଅଗ୍ରୱାଲ, ସମ୍ପାଦକ ରେଖା ଅଗ୍ରୱାଲ, ଉପଦେଷ୍ଟା ବିପିନ ବିହାରୀ ବାରିକ ଯୋଗଦେଇ ପ୍ରତିଯୋଗୀଙ୍କୁ ଜାତୀୟ ସ୍ତରରେ ମଧ ସୁନାମ ଆଣିବାକୁ ଉତ୍ସାହିତ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଛୋଟରାୟ ହେମ୍ବ୍ରମ ଶିକ୍ଷ୍ୟା ପ୍ରଦାନ କରିଥିଲେ।

# 'ସାମୂହିକ ପ୍ରଚେଷ୍ଟାରେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ'

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସାଧୁତାର ଶପଥ ପାଠ



ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ବାରିପଦା,୨୭ା୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର 'ଦୁର୍ନୀତି ନିବାରଣ – ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଆଧାରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଧିକାରୀ, ସହକାରୀ ଜିଲାପାଳ ତଥା ଅନ୍ୟାନ୍ୟ କର୍ମଚାରୀମାନେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ପ୍ରଥମ ଦିବସରେ ସାଧୁତାର ଶପଥ ପାଠ କରିଥିଲେ। ସମସ୍ତ ସରକାରୀ କର୍ମଚାରୀ ସେମାନଙ୍କ କାର୍ଯ୍ୟ ସମ୍ପାଦନ ସମୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଯତ୍ନବାନ ହେବା ଏବଂ ସାମୁହିକ ପ୍ରଚେଷ୍ଟା ଦ୍ୱାରା ହିଁ ଦୁର୍ନୀତିର ମୁଳୋତ୍ପାଟନ ସମ୍ଭବ ବୋଲି ଅତିରିକ୍ତ ଜିଲାପାଳ ନାୟକ କହିଥିଲେ। କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡ ଅଧିକାରୀ, ବାରିପଦା ତହସିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀ, ଜରୁରୀକାଳୀନ ଅଧିକାରିଣୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରିଣୀ, ଡେପୁଟି କଲେକ୍ଟର ରାଜସ୍ୱ, ଡେପୁଟି କଲେକ୍ଟର ନିର୍ବାଚନ, ଡେପୁଟି କଲେକଟର ଏଷ୍ଟାବ୍ଲିସମେଣ୍ଟ, ସହକାରୀ ଜିଲାପାଳ ନିଜାରତ, ଆରଟିଓ ବାରିପଦା,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠରେ ଅଂଶ ଗ୍ରହଣ କରିଥିଲେ।

# ଝାରପୋଖରିଆ ଥାନାରୁ ମିଳୁନି ତଥ୍ୟ

## ଫୋନ ଉଠାଉ ନାହାନ୍ତି ଅଧିକାରୀ

ଝାରପୋଖରିଆ,୨୭ା୧୦
(ସୁଧୀର କୁମାର ମହାନ୍ତ)

ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସଂଲଗ୍ନ ସ୍ଥାନ ଝାରପୋଖରିଆ (ବମ୍ବେ ଛକ)ଠାରେ ଝାରପୋଖରିଆ ଥାନା ଅବସ୍ଥିତ। ସାରସକଣା ବ୍ଲକ ଅଧୀନ ୧୭ଟି ଗ୍ରାମ ପଞ୍ଚାୟତର ପ୍ରାୟ ୧ ଲକ୍ଷ ୧୦ ହଜାରରୁ ଅଧିକ ଲୋକଙ୍କ ଧନ, ଜୀବନ ସୁରକ୍ଷା ଏହି ଥାନା ଉପରେ ନ୍ୟସ୍ତ। ୧୮ ଓ ୪୯ ନଂ. ଜାତୀୟ ରାଜପଥର ସଂଯୋଗସ୍ଥଳରେ ଥିବାରୁ ଏହାକୁ ଏକ ଗୁରତ୍ୱପୂର୍ଣ୍ଣ ଥାନା ଭାବେ ବିବେଚନା କରାଯାଏ। ଏହି ଥାନା ଅଞ୍ଚଳରେ ଦୈନନ୍ଦିନ ଛୋଟ ବଡ ସଡ଼କ ଦୁର୍ଘଟଣା, ଚୋରି, ଡକାୟତି ଭଳି ବିଭିନ୍ନ ଘଟଣା ଘଟିଥାଏ। ମାତ୍ର ଥାନା ଅଧିକାରୀଙ୍କ ମନମାନୀ ଯୋଗୁ ଖବରଦାତାମାନେ ଘଟୁଥିବା ଘଟଣା ସମ୍ପର୍କରେ ତଥ୍ୟ ପାଇ ପାରୁନାହାନ୍ତି। ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କ ମୋବାଇଲକୁ ଫୋନ କଲେ ସେ ଫୋନ ଉଠାଉନାହାନ୍ତି। ଫଳରେ ଅନେକ ଘଟଣାର ତଥ୍ୟ ଖବରଦାତାଙ୍କୁ ମିଳିପାରୁନାହିଁ।

ଏ ସମ୍ପର୍କରେ ବାରିପଦା ଏସ୍‌ଡିପିଓ ପ୍ରଭାତ ମଲ୍ଲିକଙ୍କୁ ପଚାରିବାରୁ ଯେ କୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଲେ ଥାନା ଅଧିକାରୀଙ୍କୁ ଦୂରଭାଷ ମାଧ୍ୟମରେ ଯୋଗାଯୋଗ କରିବାର ନିୟମ ରହିଛି। ଅଧିକାରୀ ଉତ୍ତର ଦେବାପାଇଁ ବାଧ୍ୟ ଅଟନ୍ତି। ଯଦି ଥାନା ଅଧିକାରୀ ଫୋନ ଉଠାଉ ନାହାନ୍ତି କିମ୍ବା ଉତ୍ତର ଦେଉ ନାହାନ୍ତି ତେବେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ପାରିବ ବୋଲି ସେ କହିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା

ବାରିପଦା,୨୭ା୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାର ଭଞ୍ଜପୁରଠାରେ ମା' ଜଗଦ୍ଧାତ୍ରୀଙ୍କ ୭୩ତମ ପୂଜା ଅବସରରେ ନଭେମ୍ବର ୩ ତାରିଖରୁ ଜଗଦ୍ଧାତ୍ରୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି । ପ୍ରତିବର୍ଷ ପରି ଏବର୍ଷ ମଧ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, କୁଇଜ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଭଞ୍ଜପୁର ଦୁର୍ଗା ବିବାହ ମଣ୍ଡପରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ମୋଟ ୧୬୦ ଓ ବକ୍ତୃତା ପ୍ରତିଯୋଗିତାରେ ୬୭ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ କୁଇଜ ପ୍ରତିଯୋଗିତାରେ ସୌମ୍ୟ ଦାଶ ଏବଂ ବକ୍ତୃତାରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ, ସନ୍ତୋଷ କୁମାର ମହାନ୍ତି ଓ ଭାଗବତ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସାଂସ୍କୃତିକ ସହ ସମ୍ପାଦକ ସତ୍ୟବ୍ରତ ଧଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଜଗଦିଶ ପାଣି, ଆଲୋକ ବାରିକ, ଆନିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳବାର ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ବାଙ୍ଗରିପୋଷି,୨୭ା୧୦(ସଞ୍ଜୟ କୁମାର ଅଗ୍ରୱାଲ)- ମୟୂରଭଞ୍ଜ ଜିଲା ବାଙ୍ଗରିପୋଷି ରେଞ୍ଜ କୁମ୍ଭାରକଟା ପଞ୍ଚାୟତ ଅଧୀନ ଖଇରବଣି ଗ୍ରାମରେ ସୋମବାର ଅପରାହ୍ନ ୨ଟା ସମୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଯଗେଶ୍ୱର ନାଏକ (୬୩)। ଗ୍ରାମ ନିକଟସ୍ଥ ରେଳଲାଇନ ପାଖ ପଡ଼ିଆରେ ଯଗେଶ୍ୱର ଗୋରୁ ଚରାଉଥିବା ସମୟରେ ଏକ ହାତୀ ତାଙ୍କୁ ଦଳି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।


**ସତର୍କତା ଜାଗରଣ ସପ୍ତାହ**
27 ଅକ୍ଟୋବର ଠାରୁ 2 ନଭେମ୍ବର 2025

**"ସତର୍କତା: ଆମର ମିଳିତ ଦାୟିତ୍ୱ"**

**➤ ଉପଭୋକ୍ତାମାନଙ୍କୁ ନିବେଦନ ➤**

- ➢ ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ➢ ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ➢ ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ➢ ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ➢ ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍-ଏ, ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ➢ ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ.: 8455885031କୁ ଫୋନ କରି ସୂଚନା ଦେଇପାରିବେ।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-727/Q/25-26



**OFFICE OF PRINCIPAL**
**EKLAVYA MODEL RESIDENTIAL SCHOOL**
Ministry of Tribal Affairs, Govt. of India
(Support : OMTES, SC/ST Dev. Dept., Govt. of Odisha)
At/Po - Kuchinda, Dist. - Sambalpur (768222), Odisha
Affiliated to CBSE, Delhi. Affiliation No. - 1520209
School No. - 17297 I UDISE CODE : 2103120097

**SHORT TENDER CALL NOTICE FOR HIRING OF VEHICLE**

Letter No. : 632 Date : 24.10.2025

Sealed tenders are invited in the prescribed format from registered transport agencies/vehicle owners for hiring of vehicles on a monthly/need basis for official use at EMRS Kuchinda, Dist.- Sambalpur, Odisha.

**Tender Details:**

- Tender Issue Date : 26.10.2025
- Last Date for Submission : 03.11.2025
- Tender forms and terms & conditions can be obtained from the school website https://emrskuchinda.com or office during working hours
- Date and Time of Opening of Tender Documents - 07.11.2025 at 10 AM

Interested parties may submit their sealed quotations with all required documents to the Principal, EMRS, Kuchinda, Dist.- Sambalpur, Odisha by the due date.

Notwithstanding anything contained to the contrary in the tender document, the undersigned reserves the right to cancel/ modify "invitation for bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- PRINCIPAL
EMRS, KUCHINDA, Sambalpur


# ସରିଲା କୁଡୁମୀ ସମ୍ପ୍ରଦାୟର ବାନ୍ଦଣା ପର୍ବ

ଝାରପୋଖରିଆ,୨୭ା୧୦
(ସୁଧୀର କୁମାର ମହାନ୍ତ)

କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତଙ୍କ ପରାମର୍ଶରେ ସାରସକଣା ବ୍ଲକ କୁଡୁମୀ ସେନା ପକ୍ଷରୁ ରବିବାର ଶିର୍ଷା ପଞ୍ଚାୟତ ଅଧୀନ ବଡ଼ଚାଟରା ହାଟ ପଡ଼ିଆ(ଧାନଘୋରୀ)ଠାରେ ବାନ୍ଦଣା ପରବ ଭେଟ ଘାଟ-୨୦୨୫ ଆୟୋଜନ କରାଯାଇଥିଲା। ଜିଲାର ବିଭିନ୍ନ ପ୍ରାନ୍ତରୁ ଗୋରୁ ମାନଙ୍କୁ ଚିତ୍ରବିଚିତ୍ରରେ ସଜାଇ ପଡିଆରେ ଖୁଣ୍ଟା ମାଧ୍ୟମରେ ବନ୍ଧି ବାନ୍ଦଣା ପରବର ଗୋ ବାନ୍ଦଣା ସଙ୍ଗୀତ ସହିତ ଗୋରୁମାନଙ୍କୁ ନଚା ଯାଇଥିଲା। ଏହି ପରିପ୍ରେକ୍ଷୀର ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ, ଯୁବକ ଯୁବତୀ, ବୃଦ୍ଧ ବୃଦ୍ଧା ଯୋଗ ଦେଇ ଗୋ ବାନ୍ଦଣା ଉତ୍ସବକୁ ଉପଭୋଗ କରିଥିଲେ। ସନ୍ଧ୍ୟା ୬ଟାରେ ସାରସକଣା ବ୍ଲକ କୁଡୁମୀ ସେନାର ସଭାପତି କାହ୍ନୁ ଚରଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ସଭା ମଞ୍ଚରେ ଅତିଥିଙ୍କ ଗହଣରେ ବାନ୍ଦଣା ପରବ ପାଳିତ ହୋଇଥିଲା। ଶଙ୍ଖ ହୁଳହୁଳି ସହିତ ଜୟ ଗୋରମ ଧ୍ୱନୀରେ ସଭସ୍ଥଳ ପ୍ରକମ୍ପିତ ହୋଇଥିଲା। ଝାଡ଼ଖଣ୍ଡ ରାଜ୍ୟ କୁଡୁମୀ ସେନାର ସଭାପତି ଲାଲ୍ଟୁ ମହାନ୍ତଙ୍କ ସଭାପତିତ୍ୱରେ ପରିଚାଳିତ ଏହି କୃଷି ଭିତ୍ତିକ ଗଣପର୍ବରେ ମୁଖ୍ୟ ଅତିଥି ଭାବେ ପଶ୍ଚିମବଙ୍ଗ କୁଡୁମୀ ସେନାର ସଭାପତି ରାଜେଶ ମାହାତୋ, ଝାଡ଼ଖଣ୍ଡ ରାଜ୍ୟ କୁଡୁମୀ ସମାଜ ସଭାପତି ଓହଦ୍ୱାର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ କୁଡୁମୀ ଯୁବ ସଭାପତି ଓମ ପ୍ରକାଶ ମହାନ୍ତ, କୁଡୁମୀ ଯୁବ ନେତା ଗୁରୁଦେବ ମହାନ୍ତ,ଝାଡ଼ଖଣ୍ଡ ରାଜ୍ୟ କୁଡୁମୀ ନାରୀ ସଭା ନେତ୍ରୀ ପିଙ୍କି ମାହାତୋ, ପଶ୍ଚିମବଙ୍ଗ କୁଡୁମୀ ସେନା ସହ ସମ୍ପାଦକ ତୁଷାର ମାହାତୋ,ପଶ୍ଚିମ ବଙ୍ଗ କୁଡୁମୀ ସେନା ସଭାପତି ରାଜେଶ ମାହାତୋ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୁଡୁମୀ ସେନା ଜିଲା ସଭାପତି ବିଶ୍ୱନାଥ ମହାନ୍ତ, ବ୍ଲକ କୁଡୁମୀ ସେନାର ସଦସ୍ୟ ସାଇରମ ମହାନ୍ତ, ସୀତେଶ କୁମାର ମହାନ୍ତ, କୁବେର ମହାନ୍ତ, ଲୋକନାଥ ମହାନ୍ତ, ପପୁ ମହାନ୍ତ, ମହିଳା ମୋର୍ଚ୍ଚା ସଭାପତି ଗୀତାଞ୍ଜଳି ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।


**କାନାରା ବ୍ୟାଙ୍କ Canara Bank** A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଓସ୍ତପୁର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଓସ୍ତପୁର ଶାଖା (୪୯୬୭) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମନସ୍ୱିତା ରାଉତରାୟ, ରାହାଣିଆ, ଗୋକଳପୁର, କଟକ, ପିନ୍-୭୫୪୨୦୪, ୨) ଶ୍ରୀମତୀ ମନସ୍ୱିତା ରାଉତରାୟ, ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅସିତ କୁମାର ମହାନ୍ତି, ପିତା: ଅଜିତ କୁମାର ମହାନ୍ତି, ସା: କାଳିଅଣ୍ଡି, ପୋ: ଚାୟାଁପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ପିନ୍-୭୫୪୨୦୪ | (କ) ଅସିତ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.: ୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଡି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍ଆରଓ: ମାହାଙ୍ଗା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: କାଳିଅଣ୍ଡି ୟୁପିଏମ୍‌ଇ ବିଦ୍ୟାଳୟ, ଦକ୍ଷିଣ: ପ୍ଲଟ୍ ନଂ. ୧୭୦୫/୩୩୫୭, ପୂର୍ବ: ଜଟିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା / (ଖ) ୦୪.୦୮.୨୦୨୫ / (ଗ) ୨୪.୧୦.୨୦୨୫ / (ଘ) ଟ.୧୩,୧୫,୬୧୧.୭୭ (ତେର ଲକ୍ଷ ପନ୍ଦର ହଜାର ଛଅ ଶହ ଏଗାର ଟଙ୍କା ଏବଂ ସତସ୍ତରୀ ପଇସା ମାତ୍ର) ସହିତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ। |

ସ୍ଥାନ : କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଇଣ୍ଡିୟନ ବୈଙ୍କ Indian Bank** ଇଲାହାବାଦ ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖରେ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଆମେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାସୁଦେବପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ସୁରେଶ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି, ୨) ସନ୍ତୋଷ କୁମାର ପାଣି, ପିତା: ସୁରେନ୍ଦ୍ର ପ୍ରସାଦ ପାଣି / ଗ୍ୟାରେଣ୍ଟିଦାତା: ରଙ୍ଗଲତା ଧୁପାଳ, ସ୍ୱାମୀ: ସୁରେନ୍ଦ୍ର ପ୍ରସାଦ ପାଣି, ସମସ୍ତଙ୍କ ଠିକଣା- ସା: ବଡ ଆନନ୍ଦପୁର, ପୋ: ବଛିପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୫ | ୧୪.୦୭.୨୦୨୫ ସୁଦ୍ଧା ଟ.୧୦,୬୬,୬୨୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୭.୨୦୨୫ / ୨୭.୧୦.୨୦୨୫ | ସୁରେଶ କୁମାର ପାଣି ଏବଂ ସନ୍ତୋଷ କୁମାର ପାଣିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୭/୧୪୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୨୬/୭୮୭, ପରିମିତ କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ବଡ ଆନନ୍ଦପୁର, ଥାନା: ବାସୁଦେବପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍କର୍ଷଣ ପାଣି, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତା ନିଜେ, ପଶ୍ଚିମ: ଅଶୋକ ଜେନା |
| **କଟକ ଜଗତ୍‌ପୁର ଶାଖା /** ଋଣଗ୍ରହୀତା/ବନ୍ଧକଦାତା: ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସ / ଋଣଗ୍ରହୀତା: ସୁବ୍ରତ କୁମାର ଦାସ, ପିତା: ରବିନ୍ଦ୍ର ନାଥ ଦାସ, ଉଭୟଙ୍କ ଠିକଣା-୧: ସା/ପୋ: ଜଙ୍କିଆ (ଗଡସାହି), ଥାନା: କଣାସ, ଜିଲ୍ଲା: ପୁରୀ, ପିନ୍-୭୫୨୦୨୦, ଠିକଣା-୨: ପ୍ଲଟ୍ ନଂ.: ୬୭୪/୨୮୮୭, ଗୋପିନାଥପୁର, ପୋ: ଭୈରପୁର, ତହସିଲ/ ଥାନା: ସାଲେପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ୦୭.୦୮.୨୦୨୫ ସୁଦ୍ଧା ଟ.୧୦,୬୭,୫୬୬/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୨୫ / ୨୨.୧୦.୨୦୨୫ | ଶାନ୍ତିଲତା ଦାସ, ସ୍ୱାମୀ: ରବିନ୍ଦ୍ର ନାଥ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୫/୩୬୪, ପ୍ଲଟ୍ ନଂ.: ୬୭୪/୨୮୮୭, କ୍ଷେତ୍ର: ଏକର୦.୦୪୪ ଡିସିମିଲି, ପ୍ରକାର: ଘରବାରୀ, ମୌଜା: ଗୋପିନାଥପୁର, ପୋ: ଭୈରପୁର, ତହସିଲ: ସାଲେପୁର ନଂ.: ୫୧, ଥାନା: ସାଲେପୁର ନଂ.: ୪, ଜିଲ୍ଲା: କଟକ, ଓଡିଶା, ଏହାର ଚାରିପାର୍ଶ୍ୱରେ (ବିକ୍ରୟ ଦଲିଲ୍ ଅନୁଯାୟୀ) ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୬୭୫, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୨୭.୧୦.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଗଛରେ ମହିଳାଙ୍କ ଝୁଲନ୍ତା ମୃତଦେହ

ଜଳେଶ୍ୱର, ୨୭।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତ ଧରମପୁର ଗ୍ରାମର ଏକ ବିଲ ଭିତରେ ଥିବା ଗଛରେ ସୋମବାର ସକାଳେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଲୋକେ ପୋଲିସକୁ ଖବର ଦେବା ପରେ ରାଇବଣିଆ ପୋଲିସ ଅଧିକାରୀ ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଇଥିଲେ।

ଉକ୍ତ ମହିଳା ହେଲେ ସେହି ଗ୍ରାମର ସୁରାୟ ହାଁସଦାଙ୍କ ସ୍ତ୍ରୀ ଦାନଗି ହାଁସଦା (୪୫)। ରବିବାର ସନ୍ଧ୍ୟାରେ ଦାନଗି ଖାଇ ପିଇ ଦୁଇ ଝିଅ ରାଇମଣି ଏବଂ ପୁନଗି ପାଖରେ ଶୋଇଥିବା ବେଳେ ରାତି ୯ଟା ବେଳେ ସେ କୁଆଡ଼େ ଉଠି ପଳାଇଯାଇଥିଲେ। ଦୁଇ ଝିଅ ବହୁ ଖୋଜାଖୋଜି କରିବା ପରେ ସୋମବାର ସକାଳ ୬ଟାରେ ବିଲ ହୁଡ଼ାରେ ଥିବା ଏକ ଗଛ ଉପରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ଜଣାପଡିନାହିଁ।

# ଟେଣ୍ଡର ପରେ ମରାମତି କାମରେ ଅର୍ଥ ହଡ଼ପ ଉଦ୍ୟମ

## ସୋର-କୁପାରୀ ରାସ୍ତାରେ ଦୁର୍ନୀତି

ଖଇରା, ୨୭।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଅନ୍ୟତମ ପ୍ରମୁଖ ରାଜ୍ୟ ରାଜପଥ ସୋର-କୁପାରୀ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପରେ ମରାମତି ନାମରେ ଦେଢ କୋଟି ଟଙ୍କା ହଡ଼ପ ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଥିବା କନିଷ୍ଠଯନ୍ତ୍ରୀ ବଦଳି ହୋଇଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ଛୁଟିରେ ରହିବା ସନ୍ଦେହକୁ ନିଶ୍ଚିତ କରିଛି । ନୂତନ ଭାବେ ଯୋଗ ଦେଇଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀ କିଛି ଜାଣି ନ ଥିବା କହି ଦୁର୍ନୀତିକୁ ଏଡାଇଯିବାକୁ ଚେଷ୍ଟା କରିଛନ୍ତି। ଏଭଳି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଲାଗି ସାଧାରଣରେ ଦାବି ହୋଇଛି ।

ସୋର-କୁପାରୀ ରାସ୍ତାର ଉନ୍ନତୀକରଣ ପାଇଁ ପାଖାପାଖି ୧୫କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯିବା ପରେ ଟେଣ୍ଡର ସରିବା ପରେ ଚୁକ୍ତିପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ହୋଇଛି। ଏହି ସମୟରେ ମରାମତି ନାମରେ ୩୦ରୁ ଅଧିକ ଛୋଟ ଠିକାଦାରଙ୍କୁ ୫ଲକ୍ଷ ଟଙ୍କା କରି ମରାମତି ଦାୟିତ୍ୱ ଦିଆଯାଇଛି। ନିୟମ ଅନୁଯାୟୀ



କୁପାରୀ ରାସ୍ତାରେ ଚାଲିଥିବା ନିମ୍ନମାନର ମରାମତି।

୫ଲକ୍ଷ ଟଙ୍କାରୁ ଅଧିକ ଅର୍ଥର କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟାର ଆବଶ୍ୟକତା ଅଛି। ଏଣୁ ଅର୍ଥ ହେରଫେର ଉଦ୍ଦେଶ୍ୟରେ ୨୯ କି.ମି. ରାସ୍ତା ପାଇଁ ୩୦ଜଣଙ୍କୁ ମରାମତି କାମ ଦିଆଯାଇଥିବା ଆଲୋଚନା ହେଉଛି। ଏହି କାମ ମଧ୍ୟ ନାମକୁ ମାତ୍ର ଚାଲିଛି। କାରଣ ମରାମତି ନ ସରଣୁ ରାସ୍ତାରୁ ପିଚୁ ଉଠିବା ନେଇ ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ତେବେ ଆଉ ଅଳ୍ପ ଦିନ ବ୍ୟବଧାନରେ ଟେଣ୍ଡର କାମ ଆରମ୍ଭ ହେବାକୁ ଥିବାରୁ ଏଭଳି ମରାମତି କାମ ଉପରେ ପୁଣି ଥରେ ନୂଆ କାମ ହେବ ଏବଂ ଠିକାଦାର ପୁଣିଥରେ ଏହା ଉପରେ ଦ୍ୱିତୀୟ ଥର ବିଲ୍ ଉଠାଇବା ନେଇ ଚର୍ଚ୍ଚା ହେଉଛି। ଏଣୁ ପୂର୍ତ୍ତ ବିଭାଗ, ଟେଣ୍ଡର ନେଇଥିବା ଓ ମରାମତି କରୁଥିବା ଠିକାଦାର ଏବଂ ସର୍ବୋପରି କିଛି ରାଜନେତାଙ୍କ ମିଳିତ ପ୍ରୟାସରେ ଏଭଳି ଦୁର୍ନୀତିର ନକ୍ସା ପ୍ରସ୍ତୁତ ହୋଇଛି। ଏଭଳି ଢଙ୍ଗରେ ସବୁକିଛି ଯୋଜନା ପ୍ରସ୍ତୁତ କରାଯାଇଛି ଯେଉଁଥି କାହାରି ସନ୍ଦେହ ରହିବ ନାହିଁ। ଏବେ ମରାମତି ପୂର୍ବରୁ ଉଚ୍ଚସ୍ତରୀୟ କିମ୍ବା ଭିଜିଲାନ୍ସ ତଦନ୍ତ କରାଗଲେ ମହାଦୁର୍ନୀତିକୁ ରୋକାଯାଇପାରନ୍ତା ବୋଲି ସିମୁଳିଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା କହିଛନ୍ତି। ଏଭଳି ମରାମତି ନାମରେ ଆର୍ଥିକ ଅନିୟମିତତା ବାଟ ପରିଷ୍କାର ହୋଇଯାଇଛି। ଖୁବଶୀଘ୍ର ଏହା ବିରୋଧରେ ବିଜେଡି କର୍ମୀଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଏଭଳି ଦୁର୍ନୀତି ଅଭିଯୋଗ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କ ପ୍ରତିକ୍ରିୟା ନେବାରେ ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଥିବାରୁ ବିଧାୟକଙ୍କ ଅନୁରୋଧକ୍ରମେ ସ୍ୱତନ୍ତ୍ର ଭାବେ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନକ୍ରମେ ଏହି ମରାମତି କାମ ହେଉଥିବା କଥା ଜଣାଇଛନ୍ତି। ସେ ନୂତନ ଭାବେ ଯୋଗ ଦେଇଥିବାରୁ ଏହାଠାରୁ ଅଧିକ କିଛି ଜାଣି ନ ଥିବା କହିଛନ୍ତି।

## ହାତୀ ଉପଦ୍ରବ ଅଞ୍ଚଳ ପରିଦର୍ଶନ କଲେ ଡିଏଫ୍ଓ



ହାତୀ ଉପଦ୍ରବ ଅଞ୍ଚଳକୁ ଡିଏଫ୍ଓ ପରିଦର୍ଶନ କରୁଛନ୍ତି।

ଜଳେଶ୍ୱର, ୨୭।୧୦(ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ମାସେ ହେବ ହାତୀ ଉପଦ୍ରବ ଦେଖାଦେଇଛି। ଏଠାରେ ଏକ ମାସ ହେବ ଝାଡ଼ଖଣ୍ଡ, ଶିମିଳିପାଳ ହାତୀ ସନ୍ଧ୍ୟା ହେଲେ ରାଇବଣିଆବାସୀଙ୍କୁ ନାକେଦମ୍ କରୁଛି। କେତେବେଳେ କାହାର ଘର ଭାଙ୍ଗୁଛି ତ କେତେବେଳେ ପଶିଲା କ୍ଷେତରେ ପଶି କ୍ଷେତ ଖାଇବା ସହିତ ପ୍ରାୟତଃ ୨୦ ଏକର ଫସଲ ନଷ୍ଟ କରିଛନ୍ତି ଶିମିଳିପାଳ ୩୦ଟିକିଆ ହାତୀପଲ। ହାତୀପଲଗୁଡ଼ିକ ଏବେ ବରଡ଼ିହା ପଞ୍ଚାୟତର ବାଗବୁଡ଼ା, ଭଡ଼ରାପଦା, ବଣସାହି, ଲୁହାପଡ଼ା, ଭଲୋ, ଶ୍ୟାମନଗର ପଞ୍ଚାୟତର ଧାନଘେରା, କାଳାଯୋଡ଼ି, ଫୁଲୋ ଯୋଡ଼ି, ବଣକାଟି, ରଙ୍ଗାମାଟିଆ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଉଛନ୍ତି। ସୋମବାର ଅପରାହ୍ନ ୨ଟାରେ ବାଲେଶ୍ୱର ଜିଲା ବନ୍ୟ ସୁରକ୍ଷା ଅଧିକାରୀ ପ୍ରଫୁଲ୍ଲ ମଲ୍ଲିକ ଆସି ହାତୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳ ଜହ୍ନିପୁଲିଆ, ଭୋଳ, ଧାନଘେରା ପରିଦର୍ଶନ କରିଥିଲେ। ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ ପାଇଁ ବରଡ଼ିହା ବନପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ବରଡ଼ିହା ବନପାଳ ପ୍ରହ୍ଲାଦ ନାୟକ, ଦିଲୀପ ସିଂ, ଫରେଷ୍ଟଗାର୍ଡ ସୁଲୋଚନା ବେହେରା, ଅବୈଧ ଜିଲା ପ୍ରାଣୀ ତତ୍ତ୍ୱାବଧାରକା ଅଶ୍ୱିନୀ ଦାସ ଉପସ୍ଥିତ ଥିଲେ।

## ଫୁଟବଲ ଖେଳୁଥିବା ବେଳେ ଟଳିପଡ଼ିଲେ ଯୁବକ

ନୀଳଗିରି, ୨୭।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ କେସିପୁର ପଞ୍ଚାୟତ ବେତକଟା ଅଞ୍ଚଳର ବାରାଖେଦା ଗ୍ରାମର ସୁରେନ୍ଦ୍ର ସୋରେନଙ୍କ ପୁଅ ଅନୀଲ (୩୨) ଫୁଟବଲ ଖେଳୁଥିବା ବେଳେ ଆଘାତ ପାଇ ପ୍ରାଣ ହରାଇଛନ୍ତି। ଗତ ୧୨ ତାରିଖରେ ନିଜ ଗ୍ରାମର ସାଥୀ ଖେଳାଳୀମାନଙ୍କ ସହିତ ନିକଟସ୍ଥ ଛତ୍ରପୁର ଖେଳପଡ଼ିଆକୁ ଫୁଟବଲ ମ୍ୟାଚ ଖେଳିବାକୁ ଯାଇଥିଲେ। ମ୍ୟାଚ୍ ଖେଳୁଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଟିମ୍ର ଗୋଲକିପରଙ୍କ ଆଣ୍ଠୁ ଦ୍ୱାରା ଅନୀଲ ତଳିପେଟ ଓ ଛାତିରେ ଶକ୍ତ ଆଘାତ ପାଇ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ନିଆଯାଇଥିଲା।



ଅନୀଲ

ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ୧୫ତାରିଖ କଟକ ବଡ଼ମେଡ଼ିକାଲ ନିଆଯାଇ ଅପରେଶନ କରାଯାଇ ଆଇସିୟୁରେ ରଖାଯାଇଥିଲା। ତେବେ ଚେତାଶୂନ୍ୟ ଅବସ୍ଥାରେ ଆଇସିୟୁରେ ଥିବାବେଳେ ଗତ ୧୬ତାରିଖରେ ମୃତ୍ୟୁବରଣ କରିଥିଲେ। ପରେ ହସ୍ପିଟାଲ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସେ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ଶପଥ ନେଲେ ଅଧିକାରୀ



ଅଧିକାରୀମାନେ ଶପଥ ନେଉଛନ୍ତି।

## ଟିପିଏନ୍ଓଡିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବାଲେଶ୍ୱର, ୨୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସ୍ଥିତ ଟିପିଏନଓଡିଏଲ୍ କର୍ପୋରେଟ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ନୈତିକତାକୁ ଆପଣାଇବା ସହ ଲାଞ୍ଚକୁ ପ୍ରତ୍ୟାଖ୍ୟାନ କରିବା, ସ୍ୱଚ୍ଛ ତଥା ଉତ୍ତରଦାୟୀ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରତିଜ୍ଞା ନେଇଛନ୍ତି। କର୍ମଚାରୀମାନେ ଦୁର୍ନୀତିମୁକ୍ତ ଭବିଷ୍ୟତ ଗଠନ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ଦେଖାଇଛନ୍ତି। ସେହିଭଳି ଟିପିଏନ୍ଓଡିଏଲ୍ର ବିଭିନ୍ନ ସର୍କଲରେ ଏହି ଦୁର୍ନୀତି ନିବାରଣ ସପ୍ତାହକୁ ପାଳନ କରାଯାଇଥିବା ବେଳେ ଦୁର୍ନୀତିର ମୂଳୋତ୍ପାଟନ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଦୁର୍ନୀତି ନିବାରଣ ବାର୍ତ୍ତାକୁ ପ୍ଲା-କାର୍ଡ୍, ବ୍ୟାନର ଓ ଡିଜିଟାଲ ବାର୍ତ୍ତା ମାଧ୍ୟମରେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯିବାର ଯୋଜନା ମଧ୍ୟ ରହିଛି। କାର୍ଯ୍ୟକ୍ରମରେ ଟିପିଏନ୍ଓଡିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ତୃଣମୂଳ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେବା ସହ ଉପଭୋକ୍ତାମାନଙ୍କୁ ମଧ୍ୟ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଭିଜିଲାନ୍ସ ଏବଂ ଚୁକ୍ତି ଓ ସାମଗ୍ରୀ ପରିଚାଳନା ପ୍ରମୁଖ ହରିଶ ଶର୍ମା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଟିପିଏନ୍ଓଡିଏଲ୍ର ସମସ୍ତ ଅଧିକାରୀ ଯୋଗଦେଇ ନୀତି ଓ ନୈତିକତାର ଶପଥ ନେଇଥିଲେ।

## ୩ ବେଆଇନ ବାଲି ବୋଝେଇ ହାଇୱା ଜବତ

ସୋର, ୨୭।୧୦(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଖଣିବିଭାଗ ଓ ସୋର ତହସିଲ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୩ଟି ବାଲି ବୋଝେଇ ଗାଡି ଜବତ କରାଯାଇଛି। ସୋମବାର ସକାଳେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ୍ ସହ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ବେଆଇନ ବାଲି ପରିବହନ କରୁଥିବା ୩ଟି ହାଇୱା(ନଂ. ଓ୨୯ ଇ ୮୮୬୨, ଓଆର୦୧ପି୪୮୦୭ ଓ ଓ ଡବ୍ଲ୍ୟୁ ୮୮୪୫ )କୁ ଜବତ କରି ପୋଲିସକୁ ହସ୍ତାନ୍ତର କରାଯାଇଛି।

## ଛାତ୍ର ନିଖୋଜ ଅଭିଯୋଗ

ବାହାନଗା, ୨୭।୧୦(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟର ଜଣେ ଛାତ୍ର ନିଖୋଜ ହୋଇଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଦାମୋଦର ପଣ୍ଡା (୧୬)। ସେ ଗୋପାଳପୁରସ୍ଥିତ ଶକୁନ୍ତଳା ଟ୍ୟୁଟୋରିଆଲର ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୨୦ ତାରିଖରେ କାଳୀପୂଜା ନିମନ୍ତେ ସେ ହଷ୍ଟେଲରୁ ଘରକୁ ଯାଇଥିଲେ। ୨୩ ତାରିଖରେ ସେ ଘରୁ ଟ୍ୟୁଟୋରିଆଲକୁ ସକାଳ ୬ଟା ୩୦ରେ ଆସିଥିଲା। ଏଠାରେ ପାଠ ପଢି ହଷ୍ଟେଲକୁ ନ ଯାଇ ଗୋପାଳପୁର ବଜାର ଆଡକୁ ଚାଲି ଚାଲି ପଳାଇଥିଲେ। ଏହି ସମୟରେ ସାଙ୍ଗ ପିଲାମାନେ ହଷ୍ଟେଲକୁ ଯିବୁ ନାହିଁ କି ପଚାରିବାରୁ ସେ ପରେ ଆସିବେ କହି ପଳାଇଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ଦାମୋଦରଙ୍କ ମା' ହଷ୍ଟେଲକୁ ଫୋନ କରି ପୁଅ କଥା ପଚାରିବାରୁ ହଷ୍ଟେଲକୁ ଆସିନାହିଁ, ଟ୍ୟୁଶନକୁ ଆସି ପଳାଇଛି ବୋଲି କହିବାରୁ ପରିବାର ଲୋକ ଚାରିଆଡେ ଖୋଜାଖୋଜି କରିବା ପରେ ଶେଷରେ ଗୋପାଳପୁର ଥାନାରେ ନିଖୋଜ ନେଇ ଅଭିଯୋଗ କରିଛନ୍ତି।

## ସିଂଲା ପତଞ୍ଜଳି ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୨୭।୧୦(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ପଞ୍ଚାୟତ ଅନ୍ତର୍ଗତ ସିଂଲା ପତଞ୍ଜଳି ଯୋଗ କେନ୍ଦ୍ରରେ ତୃତୀୟ ବାର୍ଷିକ ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଂଲା ଯୋଗ କେନ୍ଦ୍ରର ମୁଖ୍ୟ ଯୋଗ ଶିକ୍ଷକ ବସନ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପତଞ୍ଜଳି ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯେଉଁମାନେ ଯୋଗ କରନ୍ତି ନାହିଁ ସେମାନେ ଭୋଗୀ ଏବଂ ଯେଉଁମାନେ ଭୋଗୀ ସେମାନେ ହେଲେ ରୋଗୀ। ତେଣୁ ଆମ୍ଭମାନଙ୍କୁ ସୁସ୍ଥ ପରିବେଶ ଗଠନ କରିବାକୁ ହେଲେ ନିୟମିତ ଯୋଗ କରିବା ସହିତ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଯୋଗୀ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ କିଷାନ ପ୍ରଭାରୀ ସ୍ୱୟଂ ପ୍ରକାଶ ଦ୍ୱିତ ରଞ୍ଜନ ମହାପାତ୍ର, ଜିଲା ପ୍ରଭାରୀ କରୁଣାକର ଶିୟଳ, ପତଞ୍ଜଳି ଜିଲା ସହ ପ୍ରଭାରୀ ମନୋଜ କୁମାର ଦେ, ସୋସିଆଲ ମିଡ଼ିଆ ପ୍ରଭାରୀ ଗୋପଗୋବିନ୍ଦ ମଲ୍ଲିକ, ମହିଳା ପ୍ରଭାରୀ ଯଶମୋତି ଶିଅଳ, କିଷାନ ପ୍ରଭାରୀ ଅକ୍ଷୟ କୁମାର ସାହୁ, ଯୁବା ଭାରତ ସହ ପ୍ରଭାରୀ ଭକ୍ତ ବତ୍ସଳ ଦଳାଇ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଅନ୍ତର୍ଯ୍ୟାମୀ ସାମନ୍ତରାଏ, ସଞ୍ଜିବ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ମହେଶ ପାଲ, ଅଶୋକ କୁମାର ଦାସ, ଅମୂଲ୍ୟ କୁମାର ସାହୁ, ତପନ କୁମାର ସାହୁ, କାହ୍ନୁଚରଣ ଗିରି, ଭାରତୀ ସାହୁ, କବିତା ସାହୁ, କାକଳୀ ସାମନ୍ତ ରାଏ ପ୍ରମୁଖ ଉକ୍ତ ଯୋଗକେନ୍ଦ୍ରର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ। ଶେଷରେ ଦରଡ଼ା ଯୋଗ କେନ୍ଦ୍ରର କୁନି କୁନି ପିଲାମାନଙ୍କ ଦ୍ୱାରା ଯୋଗ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ରେ ଡାକ୍ତର ନିଯୁକ୍ତି ଦାବି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାଲେଶ୍ୱର, ୨୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ୍ରେ ଫାଙ୍କା ପଡ଼ିଥିବା ଡାକ୍ତର ପଦ ପୂରଣ ପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ଦାବି ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏହି ମେଡିକାଲ କଲେଜ ଓ ହସ୍ପିଟାଲକୁ ଜିଲା ତଥା ଜିଲା ବାହାରୁ ଦୈନିକ ହାରାହାରି ୨୫ଶହରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ମାତ୍ର ହୃଦ୍ରୋଗ, ମସ୍ତିଷ୍କ, ସ୍ନାୟୁ ବିଭାଗ, ୟୁରୋଲୋଜି, ଅସ୍ଥିବିଭାଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସମୟରେ ଆଶୁ ଚିକିତ୍ସାରୁ ବଞ୍ଚିତ ହୋଇ ରୋଗୀମାନେ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳିଛି। ଫଳରେ ବାଧ୍ୟ ହୋଇ ରୋଗୀମାନେ କଟକ କିମ୍ବା ଭୁବନେଶ୍ୱର ଯାଇ ଚିକିତ୍ସିତ ହେଉଛନ୍ତି। ଏଠାରେ ଡାକ୍ତର ନିଯୁକ୍ତି ଦାବି ନେଇ ସିଭିଲ ସୋସାଇଟି ସମେତ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ହେବା ସହ ଜନପ୍ରତିନିଧି ଓ ପ୍ରଶାସନ ନିକଟରେ ଦାବିପତ୍ର ଦିଆଯାଇଥିଲା। ଏଯାବତ୍ କୌଣସି ସୁଫଳ ମିଳି ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ କୁମାର ନାୟକ, ସୀତାରାମ ପାତ୍ର, ତୁଷାରକାନ୍ତ ମହାପାତ୍ର, ଊର୍ମିଳା ମାଝି ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ତତ୍କାଳୀନ ଟାଉନ ଥାନା ଅଧିକାରୀ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର, ୨୭।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ବହୁଚର୍ଚ୍ଚିତ ୨ ଭାଇ କିରୋସିନ ଢାଳି ଆତ୍ମହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାର ଅଭିଯୁକ୍ତ ତତ୍କାଳୀନ ଟାଉନ ଥାନା ଅଧିକାରୀ ତରିକ ଆହେମ୍ମଦଙ୍କୁ ପ୍ରମାଣ ଅଭାବରୁ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ଡ. ମହମ୍ମଦ ଇରିସାଦୁନ୍ ନବି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୨ ନଭେମ୍ବର ୨୪ ତାରିଖ ଭୋର୍ ସମୟରେ ମଚ୍ଛୁଆସାହିର ସେକ ସବିରଙ୍କୁ ଏକ ମାମଲାରେ ତତ୍କାଳୀନ ଆଇଆଇସି ତରିକ ଆହେମ୍ମଦ ଗିରଫ କରିବା ପାଇଁ ଯାଇଥିଲେ। ସେକ ସବିର ଓ ତାଙ୍କ ଭାଇ ଘରେ ରହି ଗିରଫ ଭୟରେ କବାଟ ଖୋଲି ନ ଥିଲେ। ଥାନା ଅଧିକାରୀ ଜଣକ ଘର ସମ୍ମୁଖରୁ ନ ହଟିଲେ ସେମାନେ ଆତ୍ମଦାହ କରିବେ ବୋଲି ଚେତାବନୀ ଦେଇଥିଲେ। ଗିରଫ ଭୟରେ ଦୁଇଭାଇ ନିଜ ଶରୀରରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଉଭୟଙ୍କୁ ଉଦ୍ଧାର କରି ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ କଟକ ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ସେହିମାସ ୨୬ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଭାଇଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତଭାର ଗ୍ରହଣ କରିଥିଲେ। ୨୦୧୬ ଫେବୃଆରୀ ୨୯ରେ କ୍ରାଇମବ୍ରାଞ୍ଚ ଆଇଆଇସିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫର ୯ ମାସ ପରେ ତାଙ୍କୁ ଜାମିନ ମିଳିଥିଲା। ବିଚାରପତି ପ୍ରମାଣ ଅଭାବରୁ ତତ୍କାଳୀନ ଆଇଆଇସି ତରିକ ଆହେମ୍ମଦଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଆଇନଜୀବୀ ବିଜୟ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ଏକ ସମୟରେ ସଭା, ପ୍ରତିଯୋଗିତା ହେବାରୁ ଅସନ୍ତୋଷ

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୭।୧୦

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷାବିଭାଗ ପକ୍ଷରୁ ସୋମବାର ସୁବର୍ଣ୍ଣରେଖା ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏବିଇଓ ନମିତାପ୍ରଭା ସାମଲ, ସୁବର୍ଣ୍ଣରେଖା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ଶିକ୍ଷକ ନେତା ବିଜୟ କୁମାର ପାତ୍ର, ବିବେକାନନ୍ଦ ଜେନା,



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଯଶୋବନ୍ତ ଜେନା ଓ ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକ ସମୟରେ ସଭା ସହିତ ବିଭିନ୍ନ ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ଭାଷଣ ଚାଲିଥିବା ବେଳେ ନାଚ, ଗୀତ ଓ ପ୍ରବନ୍ଧ ପରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଅବିଭାବକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟିଥାଏ ବୋଲି କହିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ଆଲୁମିନି ସଭାପତି ଅଜୟ କୁମାର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାକେଶ ଚୌଧୁରୀ, ଏବିଇଓ ନମିତାପ୍ରଭା ସାମଲ, ଓଷ୍ଟା ବ୍ଲକ ସମ୍ପାଦକ ବିନୋଦ କୁମାର ଜେନା, ଶିକ୍ଷକ ସମନ୍ୱୟ ସମିତି ଅଧ୍ୟକ୍ଷ ବିଶ୍ୱମ୍ଭର ପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଉଭୟ ଉଦ୍ଘାଟନୀ ଓ ଉଦ୍ଯାପନୀ ସଭାକୁ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଅଧ୍ୟକ୍ଷତା କରିଥିଲେ।


ଇଣ୍ଡିୟନ ବୈଂକ Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଜାମିନ୍ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **କଟକ ମଙ୍ଗଳାବାଗ ଶାଖା /** **ଋଣଗ୍ରହୀତା ଫାର୍ମ: ମେସର୍ସ ହରେକ୍ରିଷ୍ଣା ମାର୍କେଟିଂ, ସ୍ୱତ୍ୱାଧିକାରୀ: ଜିତେନ୍ଦ୍ର କୁମାର ଲଖାନି,** ଫ୍ଲାଟ୍ ନଂ.: ୪୩୮/ଏ, ୱାର୍ଡ ନଂ.: ୨୪, ସାମନ୍ତ ସାହି, ଶିବ ବଜାର, କଟକ, ପିନ୍-୭୫୩୦୦୧ / **ଋଣଗ୍ରହୀତା, ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଜିତେନ୍ଦ୍ର କୁମାର ଲଖାନି,** ପିତା: ୰ ନାରାୟଣ ଦାସ ଲଖାନି / **ଜାମିନ୍ଦାର: ରଶ୍ମି ଲଖାନି,** ସ୍ୱାମୀ: ଜିତେନ୍ଦ୍ର କୁମାର ଲଖାନି, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: ଏଡ଼ି/୩, ୩ୟ ମହଲା, ଶ୍ରୀ ଜଗନ୍ନାଥ ହୋମ୍ସ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୦୧ | ୧୬.୦୮.୨୦୨୫ ସୁଦ୍ଧା ଟ.୧,୧୩,୨୮,୯୨୬.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୧.୧୦.୨୦୨୫ | **(୧) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୨୬୯, ରେଭିନ୍ୟୁ ପ୍ଲଟ୍ ନଂ.: ୩୩୦/୮୯୭, ସବ୍ ପ୍ଲଟ୍ ନଂ.: ୩୪, ପରିମିତ କ୍ଷେତ୍ର: ଏକର୦.୦୪୬ ଡିସିମିଲି, ମୌଜା: ଅଟଳା, ଥାନା: ବାଲିଅନ୍ତା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୯, ପୂର୍ବ: ସବ୍ ଡିଭିଜନ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ଜ୍ୟୋତି ମୋଦି, **(୨) ଶ୍ରୀ ଜିତେନ୍ଦ୍ର କୁମାର ଲଖାନିଙ୍କ** ନାମରେ ଥିବା, **"ଶ୍ରୀ ଜଗନ୍ନାଥ ହୋମ୍ସ"** ନାମକ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-ଏ, ୩ୟ ମହଲା, ଫ୍ଲାଟ୍ ନଂ.: ଏଡ଼ି-୩ ଯାହାର ବିଲ୍ଟ ଅପ୍ ଏରିଆ: ୧୩୫୬ ବର୍ଗଫୁଟ ଏବଂ ପାର୍କିଂ ସ୍ଥାନ ୧୫୪ ବର୍ଗଫୁଟ, ଏହି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଡିଏସଆରଓ: କଟକ, ମୌଜା: କଟକ ସହର ୟୁନିଟ୍ ନଂ. ୧୭ ମାଛୁଆବଜାର, ତହସିଲ: କଟକ, ତହସିଲ ନଂ. ୨୧୮, ଥାନା: ମଙ୍ଗଳାବାଗ, ଥାନା ନଂ. ୩, ଜିଲ୍ଲା: କଟକ, ମ୍ୟୁଟେସନ୍ ଖାତା ନଂ.: ୩୧/୨୭, ପ୍ଲଟ୍ ନଂ.: ୯, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୪୫୯ଡିସିମିଲି ଏବଂ ପ୍ଲଟ୍ ନଂ.: ୨୮, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୧୦୬ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୫୬୫ଡିସିମିଲିରୁ ବିକ୍ରୟ ହୋଇଥିବା ଅବିଭକ୍ତ, ସମାନୁପାତିକ, ନିରପେକ୍ଷ ଅଂଶ ଏକର୦.୦୦୭ଡିସିମିଲି, ବାର୍ଷିକ ଖଜଣା ଟ.୦.୪୨ପଇସା, ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୩, ଅନୁରୂପ ସାବକ ମୌଜା: ତୁଳସୀପୁର, ସାବକ ଖାତା ନଂ.: ୭୦, ସାବକ ପ୍ଲଟ୍ ନଂ.: ୧୬, ୧୭, ୧୮, ୧୯ (ଅଂଶ), ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୯, ଦକ୍ଷିଣ: ପ୍ଲଟ୍ ନଂ. ୭, ପୂର୍ବ: ପ୍ଲଟ୍ ନଂ. ୭୫୭ ଏବଂ ୭୪୯, ପଶ୍ଚିମ: ପ୍ଲଟ୍ ନଂ. ୨୭ ଏବଂ ୧୦ |

**ସ୍ଥାନ: କଟକ**
**ତାରିଖ: ୨୭.୧୦.୨୦୨୫**

ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ**
**ଇଣ୍ଡିଆନ୍ ବ୍ୟାଙ୍କ**

## ‘ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଦେବତା’

ଭଦ୍ରକ,୨୭।୧୦(ସନାତନ ରାଉତ)

ଭଦ୍ରକ କାଳୀପୂଜା ସମାରୋହରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଚାଲିଥିବା ମହାସଂସ୍କୃତି ଜାଗରଣ ଯାତ୍ରା ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ସନ୍ଧ୍ୟାରେ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଷ୍ଟେଶନ ମ୍ୟାନେଜର ଅଶ୍ୱିନୀ ସାମଲ, ମନୋରମା ରାୟ, ଗୀତାଞ୍ଜଳି ଅଗସ୍ତି, ପ୍ରବୋଧ ଅଗସ୍ତି, ଅଶୋକ ନାୟକ, ପ୍ରାଧ୍ୟାପକ ଶିବପ୍ରସାଦ ଖାମୁରାଇ, ଅନୀଲ ଦାଶ, ଶଶିକଳା ମିଶ୍ର, ରତିକାନ୍ତ ମହାନ୍ତି, କଲ୍ୟାଣୀ ନନ୍ଦ, ପୁଷ୍ପଲତା ଚକ୍ରବର୍ତ୍ତୀ, ଅର୍ଚ୍ଚନା କର, ସନ୍ତୋଷ ମିଶ୍ର, ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ନୁହଁନ୍ତି, ସମଗ୍ର ବିଶ୍ୱର ଦେବତା। ମାନବ ଜାତିର କଲ୍ୟାଣ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅନୁକରଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରବଚିକା ତପସ୍ୱିନୀ ପାଢ଼ୀ ୩ ଦିନ ଧରି ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ସନେଇ ଶିଅଳ ଓ ଶରତ ଚନ୍ଦ୍ର ମହାନ୍ତି, ପଦ୍ମଲୋଚନ ମହାପାତ୍ର, ଶଶୀନାଥ ପଣ୍ଡା, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଆବାହକ ଶରତ ସାହୁଙ୍କ ସମେତ ସମିତିର ସଦସ୍ୟମାନେ ପରିଚାଳନା କରିଥିଲେ।

# ୪୧ ବର୍ଷରେ ବ୍ଲକରୋଡ୍ କାଳୀପୂଜା

### ଅପରେଶନ ସିନ୍ଦୂର, ଜଳନ୍ଧର ବଧ ଚିତ୍ରକଳ୍ପ ଆକର୍ଷଣ

ବାସୁଦେବପୁର,୨୭।୧୦
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରରେ କାଳୀପୂଜା ପ୍ରସିଦ୍ଧି ଲାଭ କରିଥିବା ବେଳେ ବ୍ଲକରୋଡ୍ କାଳୀପୂଜା ୪୧ ବର୍ଷରେ ପହଞ୍ଚିଛି। ଚଳିତବର୍ଷ ଏହି ମଣ୍ଡପରେ ମା’ କାଳୀଙ୍କର ଆକର୍ଷଣୀୟ ମେଢ଼ ସହ ସୁସଜ୍ଜିତ ଆଲୋକସଜ୍ଜା ଓ ତୋରଣ ଦର୍ଶକଙ୍କ ମନ ମୋହୁଛି। ସେହିପରି ଅପରେଶନ ସିନ୍ଦୂର ଚିତ୍ରକଳ୍ପ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିବା ବେଳେ ପୌରାଣିକ ଚିତ୍ରକଳ୍ପ ଜଳନ୍ଧର ବଦ୍ଧ ମଧ ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କମିଟି ସଭାପତି ଭାବେ ଭାଗୀରଥି ନାୟକ ଓ ସମ୍ପାଦକ ସୁଶେଷ ରଞ୍ଜନ ବାରିକ୍ ଦାୟିତ୍ୱ ତୁଲାଉଛନ୍ତି।

୧୯୮୪ରେ ଏହି ବ୍ଲକରୋଡ୍ ପୂଜା କମିଟି ଆତ୍ମପ୍ରକାଶ କରିଥିଲା। ବାସୁଦେବପୁର ସହରରେ ଏହା ଦ୍ୱିତୀୟ ପୁରାତନ କାଳୀ କମିଟି। ତତ୍କାଳୀନ ସମୟରେ ମୁଖ୍ୟ ଉଦ୍ୟୋକ୍ତା ଭାବେ କମଳାକାନ୍ତ ମଲିକ, ଲକ୍ଷ୍ମଣ ଚନ୍ଦ୍ର ବାରିକ, ଶଙ୍କର୍ଷଣ ସାମଲ, ପ୍ରହ୍ଲାଦ ବାରିକ, ରତିକାନ୍ତ ବେହେରା, ଶ୍ରୀଧର ନାୟକ, ଭାଗୀରଥି ନାୟକ, ଗଦାଧର ପଲେଇ, ପୁରୁଷୋତ୍ତମ ମାହୁନ୍ତ, ରଙ୍କନିଧି ସାହୁ, ଦାମୋଦର



ବ୍ଲକରୋଡ୍ କାଳୀ ମେଢ଼।

ଦାସ, ଅନିରୁଦ୍ଧ ଦାସ, କିଶୁଚରଣ ଅଗସ୍ତୀ, ନରହରି ମହାନ୍ତି, ସୁରେନ୍ଦ୍ର ଦାସ, ଉପେନ୍ଦ୍ର ବାରିକ, ସୁବଳ ବାରିକ, ଦିଲୀପ ମହାନ୍ତି, ବନମାଳୀ ବାରିକ୍, ନରେନ୍ଦ୍ର ମହାକୁଡ଼, ରାମଚନ୍ଦ୍ର ସାହୁ, ଦୀନବନ୍ଧୁ ମହାନ୍ତି, ସୁବାସ ସାହୁ, ପୁରୁଷୋତ୍ତମ ବେହେରା ପ୍ରମୁଖଙ୍କ ସମେତ ବ୍ଲକରୋଡ୍‌ର ସମସ୍ତ ବ୍ୟବସାୟୀ, ଦେଉଳୀ, ବାଷଠୀ, ଭୈରବପୁର, ପଞ୍ଚୁରିଖି, ଉଚ୍ଚଡିହା, ଗୋପାଳପୁର, ବଳିବିନ୍ଧା ଆଦି ଗ୍ରାମର ଜନସାଧାରଣଙ୍କ ସହଯୋଗରେ ପ୍ରଥମେ ଅସ୍ଥାୟୀ ଟେଣ୍ଟ ହାଉସରେ ପୂଜା ଆରମ୍ଭ ହୋଇଥିଲା। ପରେ ଚାଳଘରେ ମା’ ପୂଜା ପାଇଥିଲେ। ପରବର୍ତ୍ତୀ ସମୟରେ ସାମାଜିକ କର୍ମୀ ତଥା କଂଗ୍ରେସ ଦଳର ନେତୃତ୍ୱ ନେଉଥିବା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଆର୍ଥିକ ସହଯୋଗରେ ମା’ଙ୍କର ଏକ ପକ୍କା ଆଜବେଷ୍ଟସ୍ ଗୃହ ନିର୍ମାଣ କରାଯାଇଥିଲା। ବ୍ଲକ ଗେଟ୍ ସାମ୍ନାରେ ଥିବା ଏହି ଆଜବେଷ୍ଟସ୍ ଗୃହକୁ ପୌରପାଳିକା ଉଚ୍ଛେଦ କରିଦେବା ପରେ ମା’ଙ୍କର ସ୍ଥାୟୀଗୃହ ନିର୍ମାଣ ପାଇଁ ପୁଣି ଉଦ୍ୟମ ଆରମ୍ଭ ହୋଇଥିଲା। ତତ୍କାଳୀନ ବାସୁଦେବପୁର ବିଧାୟକ, ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଓ ବ୍ଲକ ଅଧ୍ୟକ୍ଷ ମୁକ୍ତିକାନ୍ତ ମଣ୍ଡଳଙ୍କ ଆର୍ଥିକ ସହଯୋଗରେ ମା’ଙ୍କର ସ୍ଥାୟୀ ମନ୍ଦିର ଗୃହ ନିର୍ମାଣ ହୋଇପାରିଥିଲା। ସ୍ଥାୟୀ ପୂଜକ ଭାବେ ସ୍ୱର୍ଗତ ଲମ୍ବୋଧର ମିଶ୍ର ଓ ସେବକ ସ୍ୱର୍ଗତ ଚାରୁ ବାରିକ ଦୀର୍ଘଦିନ ଧରି କାର୍ଯ୍ୟ ତୁଲାଇଥିବା ବେଳେ ଗୌରାଙ୍ଗ କର ଏବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମା’ଙ୍କର ବିଜେ ସ୍ଥଳ ସ୍ଥାୟୀ ଗୃହ(୩ଟି)ରେ ମା’ କାଳୀ ଓ ପାର୍ଶ୍ୱ ଦେବଦେବୀ ପୂଜା ପାଉଥିବା ସହ ସାମାଜିକ, ପୌରାଣିକ ଚିତ୍ରକଳ୍ପ ତିଆରି କରାଯାଇଛି।



ଚରମ୍ପାଠାରେ ମନ୍ଦିରରେ ପୂଜା ପାଉଥିବା ମା’ ପଥରକାଳୀ।

## ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଶପଥପାଠ

ଭଦ୍ରକ,୨୭।୧୦(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ପୂର୍ବାହ୍ନ ୧୧ଟାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଶପଥପାଠ କରାଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଶପଥପାଠ କରାଯାଇଥିଲା। ଏଥିରେ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କହିଥିଲେ, ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ। ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ। ସେହିପରି ଜିଲାର ସମସ୍ତ କାର୍ଯ୍ୟାଳୟରେ ଶପଥପାଠ କରାଯାଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

## ଆମ୍ବୁଲାନ୍ସ ଅଛି, ଡ୍ରାଇଭର ରହୁନାହାନ୍ତି

### କାଳୀପୂଜା ଭିଡ଼ରେ ସହାୟତା ବ୍ୟବସ୍ଥା ପ୍ରହସନ



ଅସୁସ୍ଥ ଯୁବତୀଙ୍କୁ ବାଇକ୍‌ରେ ହସ୍ପିଟାଲ ନିଆଯାଉଛି।

ଭଦ୍ରକ,୨୭।୧୦(ସନାତନ ରାଉତ)

ଭଦ୍ରକ କାଳୀପୂଜାରେ ପ୍ରବଳ ଜନସମାଗମକୁ ଲକ୍ଷ୍ୟ ରଖି ପୋଲିସଠାରୁ ଆରମ୍ଭ କରି ଦମକଳ ବାହିନୀ ଓ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ହେଲେ ଏହି ସହାୟତା ବ୍ୟବସ୍ଥା ପ୍ରହସନ ପାଲଟିଛି। କାଳୀପୂଜା ଭିଡ଼ରେ ସେବା ଯୋଗାଇବା ପାଇଁ ଥିବା ଆମ୍ବୁଲାନ୍ସରେ ଆବଶ୍ୟକ ସମୟରେ ଡ୍ରାଇଭର ରହୁନାହାନ୍ତି। ମେଳାରେ ବୁଲୁଥିବା ବେଳେ ଜଣେ ଯୁବତୀ ହଠାତ୍ ଅସୁସ୍ଥ ହୋଇପଡ଼ିଲେ। ଆମ୍ବୁଲାନ୍ସରେ ହସ୍ପିଟାଲ ନେବାକୁ ଖୋଜିବା ବେଳକୁ ଡ୍ରାଇଭରଙ୍କ ଦେଖା ମିଳି ନ ଥିଲା। କାଳୀପୂଜାର ରବିବାର ରାତିରେ ଚରମ୍ପା ରେଳ ଷ୍ଟେଶନ ଆଗରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ମେଳା ବୁଲୁଥିବା ବେଳେ ଜଣେ ଯୁବତୀ ରାତି ପ୍ରାୟ ସାଢ଼େ ୯ଟା ସମୟରେ ହଠାତ୍ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ଷ୍ଟେଶନ ଆଗରେ ମେଳାରେ ସେବା ଯୋଗାଇବାକୁ ଠିଆ ହୋଇଥିବା ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନେବା ପାଇଁ ସ୍ୱେଚ୍ଛାସେବୀମାନେ ଆଣିଥିଲେ। କିନ୍ତୁ ସେହି ସମୟରେ ଡ୍ୟୁଟିରେ ଥିବା ଡ୍ରାଇଭର ଅନୁପସ୍ଥିତ ଥିଲେ। ସମସ୍ତେ ଡ୍ରାଇଭରଙ୍କୁ ଖୋଜିବା ସହ ସୂଚନା କେନ୍ଦ୍ର ମାଇକ୍‌ରେ ମଧ ଆମ୍ବୁଲାନ୍ସ ପାଖକୁ ଆସିବା ପାଇଁ ବାରମ୍ବାର ଘୋଷଣା କରାଯାଇଥିଲା। କିନ୍ତୁ ଡ୍ରାଇଭର ନ ପହଞ୍ଚିବାରୁ ଶେଷରେ ଶହୀଦ ଭଗତସେନାର ସଦସ୍ୟମାନେ ବାଇକ୍ ଯୋଗେ ପୋଲିସ ସହାୟତାରେ ଉକ୍ତ ଯୁବତୀଙ୍କୁ ହସ୍ପିଟାଲ ନେଇଥିଲେ। ଭଗତ ସେନାର ସଦସ୍ୟମାନେ ଭିଡ଼ ହଟାଇ ବାଇକ୍‌କୁ ବାଟ କଢ଼ାଇ ନେଇଥିଲେ। ଭଗତ ସେନାର ଏପରି ସେବା କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିବା ବେଳେ କାର୍ଯ୍ୟରେ ଅବହେଳା କରିଥିବା ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ‘କଳା, ସାହିତ୍ୟ ଓ ସଂସ୍କୃତିର ମାଟି ଭଦ୍ରକ’



ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।



ପ୍ରଥମ ସନ୍ଧ୍ୟାରେ ମାଲଖମ୍ଭ ନୃତ୍ୟ ପରିବେଷଣ।

### କାଳୀପୂଜାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଭଦ୍ରକ,୨୭।୧୦
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ କାଳୀପୂଜା ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ରବିବାର ଓ ସୋମବାର ରାତିରେ ରେଳ ଷ୍ଟେଶନ ସମ୍ମୁଖରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ମଞ୍ଚରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟକ ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ମୁଖ୍ୟଅତିଥି ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଶିଷ୍ଟ ଅତିଥି ଜିଲାପାଳ ଦିଲୀପ ରାଉତରାଏ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଜିଲା କଳା, ସାହିତ୍ୟ ଓ ସଂସ୍କୃତିର ମାଟି ବୋଲି ଅତିଥିମାନେ କହିଥିଲେ। ଇଂ. ଅଭୟ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ‘ଦ ପଲ୍ଲବୀ’ କଳାକାରମାନଙ୍କ ଦ୍ୱାରା ମାଲଖମ୍ଭ ନୃତ୍ୟ ପରିବେଷଣ ହୋଇଥିଲା। କଳାକାରମାନେ ଖମ୍ଭ ଉପରେ ଚଢ଼ି ବିଭିନ୍ନ କୌଶଳ ଦେଖାଇବା ସହ ନୃତ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ ସାଂସ୍କୃତିକ ଦଳ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ଅଂଶଗ୍ରହଣ କରିଥିବା ନୃତ୍ୟ ଓ ସଙ୍ଗୀତ କଳାକାରମାନଙ୍କୁ ଅତିରିକ୍ତ ଜିଲାପାଳ ସାହୁ ଓ ଡେପୁଟି କଲେକ୍ଟର ମଣ୍ଡଳ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସଂଗୀତଜ୍ଞ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାଇଥିଲେ। ସେହିପରି ସୋମବାର ରାତିରେ ଛଉ ନୃତ୍ୟ, ଝୁମର ନୃତ୍ୟ ପରିବେଷଣ ହୋଇଥିବା ବେଳେ ସାଂସ୍କୃତିକ ଦଳ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ବୈଠକ

ବାସୁଦେବପୁର,୨୭।୧୦(କାଳିପଦ ରାୟ)

ବାସୁଦେବପୁର ବ୍ଲକର ସୁଗୋ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରବିବାର ସନ୍ଧ୍ୟାରେ ସ୍କୁଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୁମିନି କମିଟିର ସଭାପତି ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ମାନସୀ ନାୟକ, ନିର୍ମଳ ମଣ୍ଡଳ, ରାଜକୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଣ୍ଡଳ, ସମିତିସଭ୍ୟ କୈଳାସ ନାୟକ, ପୁରାତନ ଛାତ୍ର ବିଜୟ ଘଡ଼େଇ, ପ୍ରଫୁଲ୍ଲ ରାୟ, ମୃତ୍ୟୁଞ୍ଜୟ ମଣ୍ଡଳ, ଜଳଧର ମଣ୍ଡଳ ଓ ଅନ୍ୟ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୭୩ ଲକ୍ଷ ୫୧ ହଜାର ୮୩୩ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ପଞ୍ଚସଖା ସେତୁ ଅନୁଦାନ ରାଶିରେ ବିଦ୍ୟାଳୟର ପରିପୂର୍ଣ୍ଣ ବିକାଶ ହୋଇପାରିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲର ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ବତନ ବିଧାୟକ ମଣ୍ଡଳ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ପୁରାତନ ଛାତ୍ରୀଛାତ୍ର ଓ ଶୁଭେଚ୍ଛୁମାନଙ୍କଠାରୁ ୪ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି।




ବୈଠକରେ ଆଲୁମିନି ଓ ପରିଚାଳନା କମିଟି କର୍ମକର୍ତ୍ତା, ପୁରାତନ ଛାତ୍ର ଆଲୋଚନା କରୁଛନ୍ତି।

## ବିଦ୍ୟୁତ୍ ଆଘାତରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଧୁଷୁରୀ,୨୭।୧୦
(ଦୀପ୍ତିରଞ୍ଜନ ନାୟକ)



ସମ୍ବିତ କୁମାର ସାହୁ।

ଧାମନଗର ବ୍ଲକ ଧୁଷୁରୀ ଥାନା ଅଧୀନ କୋଠାର ପଞ୍ଚାୟତ ମିର୍ଘାହାଟକୁଳ ଗ୍ରାମରେ ରବିବାର ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଶ୍ୟାମସୁନ୍ଦର ସାହୁଙ୍କ ପୁଅ ସମ୍ବିତ କୁମାର ସାହୁ(୧୭)। ସେ ନିଜ ଘରେ ବିଦ୍ୟୁତ୍ ବୋର୍ଡ ସଜାଉଥିବା ବେଳେ ଆଘାତ ପାଇ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଧୁଷୁରୀ ଏରିଆ ହସ୍ପିଟାଲ ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୫) ରୁଜୁ ହୋଇଛି।

## ବ୍ୟବସାୟୀଙ୍କ ଘର, ଦୋକାନ ଜଳିଗଲା

### ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

ଚାନ୍ଦବାଲି,୨୭।୧୦(କିଷାନ ପାତ୍ର)

କାଳୀପୂଜା ପାଇଁ ଆଲୋକସଜ୍ଜା ମଧ୍ୟରେ ଚାନ୍ଦବାଲି ସହର ଉତ୍ସବମୁଖର ଥିବାବେଳେ ସୋମବାର ରାତିରେ ଚାନ୍ଦବାଲି ବଜାରରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ପ୍ରତିଷ୍ଠିତ ବ୍ୟବସାୟୀ ଗୁଲିରାମ ଅଗ୍ରୱାଲଙ୍କ ଘର ସହ ଦୋକାନ ଗୃହ ବିଦ୍ୟୁତ୍ ଶର୍ଟଶର୍କିଟ୍‌ରୁ ନିଆଁ ଲାଗି ଜଳିଯାଇଛି। ଗୁଲିରାମଙ୍କ ପରିବାର ଉପର ମହଲାରେ ରହୁଥିବା ବେଳେ ତଳ



ମହଲାରେ ଦୋକାନ ଥିଲା। ନିଆଁର ତୀବ୍ରତା ଏତେ ଥିଲା ଯେ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିଥିଲା। ବିଲ୍ଡିଂ ଭିତରେ ଥିବା ୪ଟି ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ନିଆଁ ଆହୁରି ତୀବ୍ର ଆକାର ନେଇଥିଲା। ରାଜକନିକା, ତିହିଡ଼ି ଓ ଚାନ୍ଦବାଲି ଅଗ୍ନିଶମ ବାହିନୀ ସହ ଏନ୍‌ଏସି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଲାଗିପଡ଼ିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବାବେଳେ ବଜାରରେ ଥିବା ଅନ୍ୟ ଦୋକାନଗୁଡ଼ିକୁ ନିଆଁ ନ ବ୍ୟାପିବା ପାଇଁ ଚାନ୍ଦବାଲି ପୋଲିସ ଜେସିବି ଦ୍ୱାରା ସେହି କୋଠାଘରର କିଛି ଅଂଶ ଭାଙ୍ଗିଥିଲା। ଅଗ୍ନିକାଣ୍ଡରେ ଆନୁମାନିକ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ତାଙ୍କ ପରିବାର ଲୋକେ ସୁରକ୍ଷିତ ଥିବା ଜଣାପଡ଼ିଛି।

## ହୋମିଓପାଥି ଚିକିତ୍ସକଙ୍କ ପରଲୋକ

ଭଣ୍ଡାରିପୋଖରୀ,୨୭।୧୦(ରାଜେନ୍ଦ୍ର ଶତପଥୀ)



ବ୍ରହ୍ମାନନ୍ଦ ନାୟକ

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ହାଜିପୁର ଗ୍ରାମର ହୋମିଓପାଥି ଚିକିତ୍ସକ ବ୍ରହ୍ମାନନ୍ଦ ନାୟକ(୬୪)ଙ୍କର ରବିବାର ବିଳମ୍ବିତ ରାତିରେ ଘରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୩୦ବର୍ଷ ହେଲା ଜଳହରି ଓ ମାଳଦା ବଜାରଠାରେ ହୋମିଓପାଥି ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ଗତ ୪ ମାସ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭଣ୍ଡାରିପୋଖରୀ ବ୍ଲକର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗ୍ରାମ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ତୁଷାରକାନ୍ତ ନାୟକ ମୁଖାଗ୍ନି ଦେଇଥିଲେ।

## କଂଗ୍ରେସରେ ସାମିଲ ହେଲେ ୪୫ ପରିବାର

ତିହିଡ଼ି,୨୭।୧୦ (ସଞ୍ଜିତ ବଳ)

ସାଧାରଣ ଲୋକଙ୍କ ସମସ୍ୟା ପାଖରେ କଂଗ୍ରେସ ସବୁବେଳେ ରହିଆସିଛି। ସୁବିଧା ଅସୁବିଧାରେ ଠିଆ ହୋଇ କଂଗ୍ରେସ ସେମାନଙ୍କ ବିଶ୍ୱାସକୁ ଅତୁଟ ରଖିପାରିଛି ବୋଲି ମିଶ୍ରଣପର୍ବରେ ଦଳୀୟ ନେତାମାନେ ମତବ୍ୟକ୍ତ କରିଛନ୍ତି। ରବିବାର ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ତାଳପଦାଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ତାଳପଦା ଓ ବାରୋ ପଞ୍ଚାୟତର ୪୫ ପରିବାର ବିଜେଡି, ଭାଜପା ଛାଡ଼ି କଂଗ୍ରେସରେ ସାମିଲ ହୋଇଛନ୍ତି। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଯୋଗ ଦେଇଥିଲେ। ଏକମାତ୍ର କଂଗ୍ରେସ ହିଁ ପ୍ରତିଶ୍ରୁତି ଦେଇ ରକ୍ଷା କରିବା ଶିଖିଥିବାରୁ ଦଳର କୌଣସି ବିକଳ୍ପ ନାହିଁ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି ଭାବେ ଚାନ୍ଦବାଲିର ବରିଷ୍ଠ ନେତା



ମିଶ୍ରଣ ପର୍ବରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ଅମିୟ ମହାପାତ୍ର, ଧାମନଗରର ରଞ୍ଜନ ବେହେରା, ଭଣ୍ଡାରିପୋଖରୀର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରନାରାୟଣ ଜେନା, ମହିଳା କଂଗ୍ରେସ ସଭାନେତ୍ରୀ ପଦ୍ମାବତୀ ଜେନା ଓ ଧାମନଗର ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ ଯୋଗ ଦେଇଥିଲେ। ବାରୋ ପଞ୍ଚାୟତ ସଭାପତି ନରହରି ନାୟକ, ମୁକୁନ୍ଦପୁର ସଭାପତି ସୁରେଶ ମହାପାତ୍ର, ବାରୋ ପଞ୍ଚାୟତ ନାଏବ ସରପଞ୍ଚ ଭାରତୀ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ଧ୍ରୁବଚରଣ ସାମନ୍ତରାୟ ମହାପାତ୍ର, କୈଳାସ ପାତ୍ର, ରମେଶ ଦାସ, ପ୍ରଶାନ୍ତ ମଲିକ, ଜୟୀରାମ ବାରିକ, ମଧୁସୂଦନ ନାୟକ, ସୁବ୍ରତ ସାହୁ, ବିକ୍ରମ ଜେନା, ଚନ୍ଦ୍ରକାନ୍ତ ବାରିକ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତାଳପଦା ପଞ୍ଚାୟତର ୩୦ ଏବଂ ବାରୋ ପଞ୍ଚାୟତର ୧୫ ପରିବାର କଂଗ୍ରେସରେ ମିଶିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦଳ ପ୍ରତି ଆସ୍ଥା ପ୍ରକଟ କରି ସେମାନେ କଂଗ୍ରେସରେ ସାମିଲ ହୋଇଥିବା କହିଥିଲେ। ବରିଷ୍ଠ ନେତା ପୀତାମ୍ବର ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନବଘନ ସାହୁଙ୍କୁ ତାଳପଦା ପଞ୍ଚାୟତ ସଭାପତି ଏବଂ ଝୁନୁଲତା ଦାସଙ୍କୁ ବ୍ଲକ ମହିଳା ଉପସଭାପତି ଭାବେ ଘୋଷଣା କରାଯାଇଥିଲା।

## ମିଳିତ ଜନଶୁଣାଣି ଶିବିର: ଆସିଲା ୧୭୮ ଅଭିଯୋଗ

ବାସୁଦେବପୁର,୨୭।୧୦
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ବ୍ଲକ ନୀଳମଣି ଟାଉନ ହଲ୍‌ରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ, ବିଧାୟକ ଅଶୋକ କୁମାର ଦାସ ଓ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ମୋଟ ୧୭୮ଟି ଅଭିଯୋଗ ଶୁଣିଥିଲେ। ୧୪୦ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୮ଟି ସାମୂହିକ, ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ୯ଟି ଓ ଗୋଟିଏ ରେଡ୍‌କ୍ରସ ସମ୍ବନ୍ଧୀୟ ଅଭିଯୋଗ ଥିଲା। ୩୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

ଏବି ହାଇସ୍କୁଲ ଓ ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ହଷ୍ଟେଲ ନିର୍ମାଣ ପାଇଁ ସାମାଜିକ କର୍ମୀ କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ ଦାବି କରିଥିଲେ। ସେହିପରି ପୌରପାଳିକା ଅଧୀନ ଉଚ୍ଚଡିହା ଗ୍ରାମର



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

୮ମ ଶ୍ରେଣୀ ଛାତ୍ର ମନୋରଞ୍ଜନ ସେଠୀ ଜିଲାପାଳଙ୍କୁ ଜଣାଇଥିଲେ ଯେ, ତାଙ୍କ ମା’ ତାମିଲନାଡୁରେ ଏକ କମ୍ପାନୀରେ କାର୍ଯ୍ୟରତ ଥିବାରୁ ତାଙ୍କ ପାଠପଢ଼ା ଓ ଖାଦ୍ୟ ପାନୀୟରେ ଅସୁବିଧା ହେଉଛି। ଏଣୁ ଏବି ହାଇସ୍କୁଲରେ ଥିବା ଆଦିବାସୀ ହଷ୍ଟେଲରେ ତାଙ୍କୁ ରଖିବା ପାଇଁ ସେ ଜିଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ପୌରପାଳିକା ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନିଜ ବିଦ୍ୟାଳୟରେ ପ୍ରସ୍ତୁତି ପାଇଁ ଅନୁମତି ଦେବାକୁ ପାରିଷଦ ଭକ୍ତରଞ୍ଜନ ପଟ୍ଟନାୟକ ଦାବି ରଖିଥିଲେ। ଅଭିଯୋଗଗୁଡ଼ିକ ଅନ୍‌ଲାଇନରେ ପଞ୍ଜୀକରଣ କରିବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅଧିକାରୀମାନେ ଦୁର୍ନୀତି ବିରୋଧରେ ସମାଜର ଉନ୍ନତି ପାଇଁ ସରକାରୀ କର୍ମଚାରୀମାନେ ଲାଞ୍ଚଠାରୁ ଦୂରେଇ ରହିବାକୁ ଶପଥପାଠ କରିଥିଲେ। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଡିଓ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ରୁପାଲୀ ମିତ୍ର, ପୌରନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ ଶିବିର ପରିଚାଳନା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୬ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ଦୁର୍ଗାଦେଇପୁର ବାଲିଘାଟରେ ରବିବାର ବିଳମ୍ବିତ ରାତିରେ ପାଟଣା ପୋଲିସ ଚଢ଼ାଉ କରି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ପୋଲିସ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାକୁ ଆଣି ତଦନ୍ତ କରୁଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୨୬୦/୨୫)ରୁଜୁ ହୋଇଥିବା ଏଏସ୍ଆଇ ଗୌରହରି ଗର୍ଡିଆ କହିଛନ୍ତି। ମାମଲାକୁ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ବିଓରାମ ତଦନ୍ତ କରୁଛନ୍ତି।



# ଶୀତଳ ଭଣ୍ଡାରରେ ବସ୍‌ଷ୍ଟାଣ୍ଡ, ଟ୍ରକ୍ ଟର୍ମିନାଲ

■ଯୋଡ଼ା ପୌରପାଳିକାରେ ଆଗଉନି ଉନ୍ନୟନ କାର୍ଯ୍ୟ

■ପ୍ରସ୍ତାବିତ ନୂତନ ମାର୍କେଟ କମ୍ପ୍ଲେକ୍ସ, ସ୍ଥାୟୀ ଆମିଷ ବଜାର ଯୋଜନା ବି ଅଟକିଛି

ଯୋଡ଼ା,୨୭।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲାର ଖଣି ପ୍ରଭାବିତ ଯୋଡ଼ା ପୌରପାଳିକାରେ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନାହିଁ। ଧୂଳିଧୂଆଁରେ ଜର୍ଜରିତ ଖଣି ପରିବେଷ୍ଟିତ ଯୋଡ଼ା ଅଞ୍ଚଳରୁ ଜିଲା ରାଜକୋଷକୁ ଜିଲା ଖଣିଜ ପାଣ୍ଠି ଆକାରରେ ବାର୍ଷିକ ଅନେକ କୋଟି ଟଙ୍କା ଯାଉଛି। ମାତ୍ର ପୌରପାଳିକାରେ ବିଭିନ୍ନ ଯୋଜନା ଘୋଷଣା ହୋଇ ଶୀତଳଭଣ୍ଡାରରେ ରହିଯାଇଛି। ବିଶେଷକରି ବସ୍‌ଷ୍ଟାଣ୍ଡ, ଟ୍ରକ୍ ଟର୍ମିନାଲ କାମ ଆଗଉ ନ ଥିବା ବେଳେ ପ୍ରସ୍ତାବିତ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ସ୍ଥାୟୀ ଆମିଷ ବଜାର ଯୋଜନା ବି ଅଟକି ରହିଛି। ଫଳରେ ଖଣି ପ୍ରଭାବତି ଅଞ୍ଚଳବାସୀ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁଯାୟୀ, ୨୦୧୫ ସେପ୍ଟେମ୍ବରଠାରୁ ଏଯାବତ କେବଳ ଯୋଡ଼ା ଖଣିମଣ୍ଡଳ ପ୍ରାୟ ୧୬ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜିଲା ଖଣିଜ ପାଣ୍ଠିକୁ ଦେଇଛି। ସେହିପରି ରାଜ୍ୟ ସରକାରଙ୍କୁ କେବଳ ଯୋଡ଼ା ଖଣି ମଣ୍ଡଳ ଖଣି ରାଜସ୍ୱ ବାବଦରେ ୨୦୨୩–୨୪ ଆର୍ଥିକ ବର୍ଷରେ ୨୧ ହଜାର କୋଟି ଟଙ୍କା, ୨୦୨୪–୨୫ ଆର୍ଥିକ ବର୍ଷରେ ୧୯ ହଜାର କୋଟି ଟଙ୍କା ଦେଇଥିଲା। ଏତଦ୍ ବ୍ୟତୀତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି କରିଥିବା ଖଣି ଲିଜଧାରୀମାନେ ଜରିମାନା ବାବଦରେ ରାଜ୍ୟ ସରକାରଙ୍କୁ ପ୍ରାୟ ୧୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୈଠ କରିଛନ୍ତି। ଅନେକ କୋଟି ଖଣି ରାଜସ୍ୱ ପ୍ରଦାନ ସତ୍ତ୍ୱେ ଯୋଡ଼ାର ବିକାଶ ହୋଇପାରୁନାହିଁ। ସର୍ବନିମ୍ନ ଆବଶ୍ୟକ ବସ୍‌ଷ୍ଟାଣ୍ଡ, ଟ୍ରକ୍ ଟର୍ମିନାଲ, ପରିବା ମାର୍କେଟ, ପ୍ରସ୍ତାବିତ ନୂତନ ମାର୍କେଟ କମ୍ପ୍ଲେକ୍ସ, ସ୍ଥାୟୀ ଆମିଷ ବଜାର, ସହରର ଗଳିକନ୍ଦି ରାସ୍ତା ନିର୍ମାଣ ପ୍ରଭୃତି ଯୋଜନା ଅଟକି ରହିଛି। ତତ୍କାଳୀନ ବିଜେଡି ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ପୂର୍ବତନ ଏମ୍‌ପି ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ର ଯୋଡ଼ା ବସ୍‌ଷ୍ଟାଣ୍ଡ ଓ ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜା କରିଥିଲେ। ମାତ୍ର ସରକାରଙ୍କ ଉଦାସୀନତା ଓ ଜିଲା ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଯୋଜନା ଫଳପ୍ରଦ ହୋଇପାରିଲାନାହିଁ। ବିଶେଷକରି ସ୍ଥାୟୀ ବସ୍‌ଷ୍ଟାଣ୍ଡ, ମାର୍କେଟ କମ୍ପ୍ଲେକ୍ସ, ପରିବା ବଜାର ନ ଥିବାରୁ ଟ୍ରାଫିକ ସମସ୍ୟା ଲାଗି ରହୁଛି। ବସ୍‌ଷ୍ଟାଣ୍ଡ ଟି ଅତ୍ୟନ୍ତ ଛୋଟ ଜାଗାରେ ହୋଇଥିବାରୁ ୩ଟି ବସ୍ ରହିଲେ ଯାତାୟାତ ବନ୍ଦ ହୋଇଯାଉଛି। ସ୍ଥାନୀୟ ଅଞ୍ଚଳରେ ଖଣି କମ୍ପାନୀର ଏକାଧିକ ଘରୋଇ ବସ୍ ଚଳାଚଳ କରୁଥିବାରୁ ବସ୍‌ଷ୍ଟାଣ୍ଡଟି ଅଚଳ ହୋଇପଡୁଛି। ରାଜ୍ୟ ସରକାର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ ହେଁ ପୌରପରିଷଦ ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଭୂତତ୍ତ୍ୱ ବିଭାଗ ପକ୍ଷରୁ ପରିବହନ ବିଭାଗକୁ ଏ ପର୍ଯ୍ୟନ୍ତ ଜମି ହସ୍ତାନ୍ତର କରାଯାଇନାହିଁ। ୨.୫ ଏକର ଜମିରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ବସ୍‌ଷ୍ଟାଣ୍ଡ ନିର୍ମାଣର ଯୋଜନା ଶୀତଳଭଣ୍ଡାରରେ ରହିଯାଇଛି। ସେହିପରି କମାରଯୋଡ଼ାଠାରେ ଜିଲା ଖଣିଜ ପାଣ୍ଠିରେ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟ୍ରକ ଟର୍ମିନାଲ ଯୋଜନା ମଧ୍ୟ ଅଟକି ରହିଛି। ପରିବା ବଜାର ଓ ମାର୍କେଟ କମ୍ପ୍ଲେକ୍ସ ଯୋଜନାର କୌଣସି ରୂପରେଖ ବର୍ତ୍ତମାନ ସୁଦ୍ଧା ପୌରପାଳିକା ପକ୍ଷରୁ ନିଆଯାଇନାହିଁ। ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଯୋଡ଼ା ବିଡିଓ ଡେନିସ ବେହେରା କହିଛନ୍ତି, ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାରୀ ସ୍ତରରେ ଓ ଜିଲା ପ୍ରଶାସନ ସହିତ ସମନ୍ୱୟ ରଖି ଆଲୋଚନା ଜାରି ରହିଛି।

## ମହାବୈଷ୍ଣବ ବିଶ୍ୱଶାନ୍ତି ସ୍ମାର୍ତ୍ତ ମହାଯଜ୍ଞ ଶୁଭାରମ୍ଭ



ଶ୍ରଦ୍ଧାଳୁ କଳସ ଯାତ୍ରାରେ ଯାଉଛନ୍ତି।

ଢେଙ୍କିକୋଟ,୨୭।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ମନହୋରପୁର ପଞ୍ଚାୟତ ପୌରାଣିକ ଆଧ୍ୟାତ୍ମିକ ଶକ୍ତିପୀଠ ତଥା ପର୍ଯ୍ୟଟନସ୍ଥଳ ସୀତାବିଞ୍ଜିଠାରେ ସୋମବାର ଶ୍ରୀପୂର୍ଣ୍ଣବ୍ରହ୍ମ ମହାବୈଷ୍ଣବ ବିଶଶାନ୍ତି ସ୍ମାର୍ତ୍ତ ମହାଯଜ୍ଞ ଶୁଭାରମ୍ଭ ହୋଇଯାଇଛି। ମହାଯଜ୍ଞ ଜିଲା ସଂଗଠନ ବିଶ୍ୱ ଭ୍ରାତୃତ୍ୱ ବିଦ୍ୟାମ୍ବା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ ସିଦ୍ଧମଠ ଓ ସୀତାବିଞ୍ଜି ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେରେ ଅନୁଷ୍ଠିତ ହେଉଥିବା ବେଳେ ଦୀର୍ଘ ୫ ଦିନ ଧରି ଚାଲିବ। ମନୋହରପୁର ପଞ୍ଚାୟତ ତଥା ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ମିଳିତ ଭାବେ ୩୦୮ କଳସ ପବିତ୍ର ସୀତା ନଦୀ କଟରାବେଡ଼ାଠାରୁ ଆଣିଥିଲେ। ପୁରିମୁକ୍ତି ମଣ୍ଡପର ଉପାଧ୍ୟକ୍ଷ ପଣ୍ଡିତ ଦିଗାମ୍ବର ଦାସ ମୁଖ୍ୟ ପୂଜକ ଥିବାବେଳେ ସହଯୋଗୀ ୨୪ ପଣ୍ଡିତ ରହିଛନ୍ତି। ଯଜ୍ଞରେ ପୁରଧା ତଥା ସଂକଳ୍ପଧାରୀଭାବେ ଭଗବାନ ବେହେରା ତାଙ୍କ ସ୍ତ୍ରୀ ଭଗବତୀ ବେହେରା, ଉପକର୍ତ୍ତା ଧରଣୀଧର ମହାପାତ୍ର ସ୍ତ୍ରୀ ଦମୟନ୍ତୀ ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ଯଜ୍ଞକୁ ସୀତାବିଞ୍ଜି ମା' ସୀତା ଠାକୁରାଣୀ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରୁଛନ୍ତି। ମନୋହପୁର ସରପଞ୍ଚ ଦୁଃଶାସନ ନାୟକ ସହଯୋଗ କରୁଛନ୍ତି।

## ବିଡିଓଙ୍କ ଉପସ୍ଥିତିରେ ପୁନର୍ବାର ଦସ୍ତଖତ ଯାଞ୍ଚ

କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

ଆନନ୍ଦପୁର,୨୭।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ଆଗତ ହୋଇଛି। ଅଭିଯୋଗକୁ ନେଇ ସୋମବାର ଅପରାହ୍ନ ୧ଟା ୩୦ରେ ବ୍ଲକ୍ କାର୍ଯ୍ୟାଳୟରେ ୮ ୱାର୍ଡ ସଭ୍ୟାସଭ୍ୟଙ୍କ ପୁନର୍ବାର ଦସ୍ତଖତ ଯାଞ୍ଚ କରାଯାଇଛି।

ସୂଚନାଯୋଗ୍ୟ, ୧୧ ୱାର୍ଡ଼ ବିଶିଷ୍ଟ କଣ୍ଟିପାଳ ପଞ୍ଚାୟତର ୨ ୱାର୍ଡ଼ ସଭ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ଦାୟିତ୍ୱରେ ଥିବା ୯ ଜଣ ୱାର୍ଡ଼ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ ଜଣ ସରପଞ୍ଚଙ୍କ ବିରୋଧରେ ଉପ ଜିଲାପାଳଙ୍କ ନିକଟରେ ସେପ୍ଟେମ୍ବର ୧ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୨୬ ସେପ୍ଟେମ୍ବରରେ ଆନନ୍ଦପୁର ବିଡିଓ ମନୋଜ କୁମାର ମାହାନ୍ତଙ୍କ ଉପସ୍ଥିତିରେ କଣ୍ଟିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଦସ୍ତଖତ ଯାଞ୍ଚ ହୋଇଥିଲା। ୨ ମାସ ମଧ୍ୟରେ ପ୍ରକ୍ରିୟା ନ ଆଗେଇବାରୁ ୱାର୍ଡ ସଭ୍ୟାସଭ୍ୟ ବାରମ୍ବାର ଉପ ଜିଲାପାଳଙ୍କୁ ଭେଟୁଥିଲେ। ସୋମବାର ବିଡିଓଙ୍କ ଉପସ୍ଥିତିରେ ପୁଣି ସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ ହୋଇଛି। ୱାର୍ଡ଼ ସଭ୍ୟାସଭ୍ୟଙ୍କ ଅଭିଯୋଗ ମୁତାବକ, ତାଙ୍କ ଅଭିଯୋଗ ଆଧାରରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଅନେକ ସମୟରେ ଧମକ ମିଳୁଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ୭ ଦିନ ଭିତରେ ଯଦି କୌଣସି ସମାଧାନ ନ ହୁଏ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡ ସଭ୍ୟାସଭ୍ୟଙ୍କ ସହ ପଞ୍ଚାୟତବାସୀ ଧାରଣା ଦେବାକୁ ନାଏବ ସରପଞ୍ଚ ସୁକାନ୍ତି ବେହେରା, ସଭ୍ୟାସଭ୍ୟ ମଞ୍ଜୁଲତା ବାରିକ, ଉମାମଣୀ ନାଏକ, ଧୂରଚରଣ ନାଏକ, ହରିହର ନାଏକ, ଅଳକା ବାରିକ, ଇନ୍ଦୁମତୀ ଖଣ୍ଡା, ନରେନ୍ଦ୍ର ବିରୁଆ କହିଛନ୍ତି। ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା କହିଛନ୍ତି, ଦସ୍ତଖତ ଯାଞ୍ଚ ପ୍ରକ୍ରିୟା ତୁଲାଇଥିବା ଅଧିକାରୀଙ୍କ ଦ୍ୱାରା ରିପୋର୍ଟ ଠିକ୍ ଭାବେ ଦାଖଲ ହୋଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଗୋଟିଏ ସପ୍ତାହ ମଧ୍ୟରେ ଅନାସ୍ଥା ପ୍ରସଙ୍ଗ ସମ୍ପର୍କରେ ପଞ୍ଚାୟତକୁ ନୋଟିସ୍ ଜାରି କରାଯିବ।

## ହବିଷ ଖାଇଲେ, ବୈତରଣୀ ସୁରକ୍ଷା କାମନା କଲେ



ସତ୍ୟାଗ୍ରହରେ ବସିଥିବା ସ୍ଥାନୀୟ ଲୋକେ ଓ ସାମାଜିକକର୍ମୀ।

ଚତୁର୍ଥ ଦିନରେ କରଗୋଳା ବାଲି ସତ୍ୟାଗ୍ରହ

ଆନନ୍ଦପୁର,୨୭।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ତହସିଲ ଅଧୀନ କରଗୋଳା ବୈତରଣୀ ନଦୀରେ ଚାଲିଥିବା ବାଲି ସତ୍ୟାଗ୍ରହ ଚତୁର୍ଥ ଦିନରେ ପହଞ୍ଚିଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହରେ ପ୍ରଶାସନର ଅସହଯୋଗକୁ ତୀବ୍ର ନିନ୍ଦା କରାଯାଇଛି। ସୋମବାର ବାଲି ସତ୍ୟାଗ୍ରହରେ ସାମିଲ ହୋଇଥିବା ସ୍ଥାନୀୟ ଲୋକେ ସେଠାରେ ହବିଷ ଗ୍ରହଣ କରି ବ୍ରତ ରକ୍ଷା କରିଥିଲେ। ସମୂହଭାବେ ବୈତରଣୀ ସୁରକ୍ଷା କାମନା କରିଥିଲେ। ସତ୍ୟାଗ୍ରହରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ ସତ୍ୟବ୍ରତ ଜେନା, ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ଜୟ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନରହରି ପତି, ପରୀକ୍ଷିତ ଜେନା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ ଶହରୁ ଅଧିକ ସତ୍ୟାଗ୍ରହୀ ଦିନ ରାତି ବସି ରହୁଛନ୍ତି। ରାତିରେ ସେମାନଙ୍କୁ ଆକ୍ରମଣ କରି ବାଲି ଚୋରି ଯୋଜନା ହୋଇଥିବା ବି କହିଛନ୍ତି। ବାଲି ସତ୍ୟାଗ୍ରହକୁ ସମର୍ଥନ ଜଣାଇ ସୁବର୍ଣ୍ଣରେଖା ନଦୀ ସୁରକ୍ଷା ସମିତି ମଙ୍ଗଳବାର ଯୋଗଦେବ ବୋଲି ଯଜ୍ଞ ପ୍ରସାଦ ସୂଚନା ଦେଇଛନ୍ତି।

## ବାରହା ମାଂସ ଜବତ, ୧୦ ଅଟକ

ବୋଲେରୋ, ବାଇକ୍, ଟାଙ୍ଗିଆ, ଫାଶ ଜବତ

କେନ୍ଦୁଝର,୨୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁଡୁଙ୍ଗ ଜଙ୍ଗଲରେ ବାରହା ଶିକାର କରାଯାଇ ବିକ୍ରି ନିମନ୍ତେ ନିଆଯାଉଥିବା ବେଳେ ସୋମବାର ଅପରାହ୍ନ ୩ଟାରେ ବନ ବିଭାଗ ଚଢ଼ାଉ କରିଛି। ଚଢ଼ାଉ ସମୟରେ ଏକ ବୋଲେରୋ, ୮ କେଜି ବାରହା ମାଂସ ଓ ଗୋଡ ଜବତ କରାଯାଇଛି। ଘଟଣାରେ ୧୦ଜଣଙ୍କୁ ଅଟକ ରଖି ବନ ବିଭାଗ ତଦନ୍ତ କରୁଛି।

ପ୍ରକାଶ ଯେ, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ନୟାକୋଟ ବିଟ୍ ଅନ୍ତର୍ଗତ ସୁଡୁଙ୍ଗ ଜଙ୍ଗଲରେ ଶିକାରୀମାନେ ବାରହା ଶିକାର କରି ମାଂସ ବିକ୍ରି ପାଇଁ ଆଣୁଥିଲେ। ବନବିଭାଗ ସୂଚନା ପାଇ ସୁଡୁଙ୍ଗ ଜଙ୍ଗଲ ବାଟଗାଁ ନାଳ ନିକଟରେ ଜଗି ରହିଥିଲା। ବାରହା ମାରି ବୋଲେରୋରେ ଆସୁଥିବାବେଳେ ବନ ବିଭାଗ ତାଙ୍କୁ କାବୁ କରିଥିଲା। ବୋଲେରୋ (ନଂ. ଓଡି ୦୨ ଭି୧୮୦୭)ରେ ଥିବା ୮ କେଜି ବାରହା ମାଂସ ଜବତ କରିଥିଲା। ଶିକାରରେ ବ୍ୟବହୃତ ୨ଟି ଟାଙ୍ଗିଆ, ଫାଶକୁ ମଧ୍ୟ ବନବିଭାଗ ଜବତ କରିଛି। ୧୦ଜଣଙ୍କୁ ଅଟକ ରଖି ବନ ବିଭାଗ ଜେରା କରୁଛି। ଶିକାରୀମାନେ ବ୍ୟବହାର କରୁଥିବା ଏକ ବାଇକ୍ ମଧ୍ୟ ବନ ବିଭାଗ ଜବତ କରିଛି। ଜଙ୍ଗଲରେ ଫାଶ ପକାଇ ବାରହା ମାରିଥିବା ସେମାନେ ସ୍ୱୀକାର କରିଛନ୍ତି। ଘଟଣାରେ ଅଧିକ ତଦନ୍ତ ଚାଲିଥିବା କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି।

## ପ୍ରସ୍ତାବିତ ପ୍ଲାଣ୍ଟକୁ ନେଇ ଆକ୍ରମଣ, ଜଣେ ଗୁରୁତର

ପାଟଣା,୨୭।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ପ୍ରସ୍ତାବିତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦିନକୁ ଦିନ ପୋସ୍କୋ–ଜିନ୍ଦଲ ବିରୋଧୀ ଓ ସପକ୍ଷବାଦୀଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି। ଗତ ଶୁକ୍ରବାର ପ୍ଲାଣ୍ଟ ବିରୋଧୀଙ୍କ ଆକ୍ରମଣରେ ଯମୁନାପୋଷି ହାଟପଡ଼ିଆ ଛକରେ ଚେମେଣା ଗ୍ରାମର ଜଣେ ଯୁବକଙ୍କ ମୁଣ୍ଡ ଫାଟିଛି। ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଘଟଣା ପ୍ଲାଣ୍ଟ ସମ୍ପର୍କିତ ହୋଇଥିବାରୁ ଉଭୟ ଗୋଷ୍ଠୀ ଓ ପୋଲିସ ମୁହଁ ଖୋଲୁନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଅପରାହ୍ନ ୨ଟା ୩୦ରେ ଯମୁନାପୋଷି ରାହାସ ପୂଜା କମିଟି ପାଇଁ ଯମୁନାପୋଷି ହାଟ ଛକରେ ୬୦ ମହିଳା, ୫୦ ପୁରୁଷ ପ୍ରଭୃତି ବୈଠକ କରୁଥିଲେ। ଚେମେଣାରୁ ୧୫ରୁ ୧୬ ଜଣ ଯୁବକ ବାଇକରେ ଆସି ପ୍ଲାଣ୍ଟ ପାଇଁ ମେଳି କରୁଛ କହି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ଲାଣ୍ଟ ବିପକ୍ଷବାଦୀଙ୍କ ଆକ୍ରମଣରେ ସପକ୍ଷବାଦୀର ଜଣେ ଯୁବକ ଗୁରୁତର ହୋଇଥିଲେ। ସହଯୋଗୀମାନେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଗଣମାଧ୍ୟମ ଆଗରେ କିଛି କହି ନ ଥିଲେ। ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ତଦନ୍ତ ଚାଲିଥିବା ଚମ୍ପୁଆ ଏସ୍‌ଡିପିଓ ରଶ୍ମୀ ରଞ୍ଜନ ସାହୁ କହିଛନ୍ତି। ମାତ୍ର ମାମଲାଟି ସମ୍ବେଦନଶୀଳ ଓ କମ୍ପାନୀ ସମ୍ପର୍କୀୟ ଥିବାରୁ ଅଧିକ ସୂଚନା ଦେବାକୁ ମନା କରିଥିଲେ।

## ସୂର୍ଯ୍ୟଙ୍କୁ ସନ୍ଧ୍ୟାଅର୍ଘ୍ୟ ଦେଲେ ଛଟ୍ ବ୍ରତଧାରୀ



ବିହାରୀ ସମ୍ପ୍ରଦାୟର ମହିଳାମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଟେକୁଛନ୍ତି।

ବଡ଼ବିଲ,୨୭।୧୦(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ବସ୍ତିସ୍ଥିତ ଡ୍ୟାମ୍ ଓ ଲକ୍ଷ୍ମୀନଗରସ୍ଥିତ କରୋନଦୀ କୂଳରେ ଛଟ୍ ବ୍ରତଧାରୀମାନେ ସୋମବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ବାଢ଼ିଛନ୍ତି। ଉତ୍ସବକୁ ପାଳନ କରିବା ପାଇଁ ବିହାରୀ ସମ୍ପ୍ରଦାୟ ତରଫରୁ ବ୍ରତଧାରୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଛଟପୂଜା ନିମନ୍ତେ ବ୍ରତଧାରୀମାନେ ନିଷ୍ଠାର ସହ ସମସ୍ତ ରିତିନୀତି ଅବଲମ୍ବନ କରି ଖାଲି ପାଦରେ ବିଭିନ୍ନ ନୂଆ ଫଳମୂଳ ଯଥା ଆଖୁ, ସେଓ, କଦଳୀ, ନଡିଆ, କନ୍ଦମୂଳ, ଗାଜର ଆଦି କୁଲା ଓ ପାଛିଆରେ ଭର୍ତ୍ତି କରି ମୁଣ୍ଡରେ ମୁଣ୍ଡେଇ ଜଳାଶୟ ନିକଟକୁ ଯାଇଥିଲେ। ଜଳାଶୟରେ ବୁଡ ପକାଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ଦେଇଥିଲେ। ବିହାରୀ ସମ୍ପ୍ରଦାୟର ସ୍ୱତନ୍ତ୍ର ପର୍ବ ହୋଇଥିବାବେଳେ ମାରୱାଡି, ଗୁଜୁରାଟୀ ଆଦି ସମ୍ପ୍ରଦାୟର ଶ୍ରଦ୍ଧାଳୁ ମଧ୍ୟ ଏଥିରେ ସାମିଲ ହୋଇଥାଆନ୍ତି।

**ଚମ୍ପୁଆ,(ମହେଶ୍ୱର ଦାସ):** ଚମ୍ପୁଆ ବୈତରଣୀ ନଦୀତଟ ଛଟଘାଟଠାରେ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ପାରମ୍ପାରିକ ରିତିନୀତି ଅନୁସାରେ ବିଭିନ୍ନ ପ୍ରକାର ଫଳ, ନୂତନ ଲୁଗା ଓ ଡଲାରେ ଧୂପ ଦୀପ ଏବଂ ସ୍ୱତନ୍ତ୍ର ଭାବେ ଏକପ୍ରକାରେ ନିଷ୍ଠାର ସହ ପ୍ରସ୍ତୁତ ପିଠା ପୂଜା କରି ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ଉଦଳା,୨୭।୧୦(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଥାନା ସାପଘର ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯତୀନ କୁଅଁର। ସୋମବାର ଅପରାହ୍ନ ୧ଟା ସମୟରେ ଘର ବୋର୍ଡରୁ ଟିଭିକୁ ବିଦ୍ୟୁତ୍ ସଂଯୋଗ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ସେ ଛିଟିକି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ୨୬୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ, ଏସ୍‌ପି

ହେଡକ୍ୱାର୍ଟର୍ସରୁ ୩୦ କି.ମି. ଦୂରରେ ହେଲା ଜନଶୁଣାଣି ଶିବିର



ଶିବିରରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ଉଦଳା,୨୭।୧୦(ସନ୍ତୋଷ କୁମାର ବାଛିନୀ)

ପ୍ରତି ମାସର ଶେଷ ସୋମବାର କପ୍ତିପଦା ଉପଖଣ୍ଡ ନିମନ୍ତେ ଯୁଗ୍ମ ଜନଶୁଣାଣି ଶିବିର ଉପଖଣ୍ଡର ହେଡକ୍ୱାର୍ଟର୍ସ ଉଦଳାଠାରେ ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତ ମାସରେ ହୋଇଛି ଏହାର ବ୍ୟତିକ୍ରମ। ହେଡକ୍ୱାର୍ଟର୍ସରୁ ୩୦ କି.ମି. ଦୂର ଉପାନ୍ତ ଶରତ ଅଞ୍ଚଳରେ ଆୟୋଜିତ ହୋଇଯାଇଛି ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର।

କପ୍ତିପଦା ବ୍ଲକ ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୨୬୮ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ସୁଶାନ୍ତ କୁମାର ବାରିକ ଏବଂ କପ୍ତିପଦା ବିଡିଓ ରେଶ୍ମା ଟେଟେଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଆସିଥିବା ସମସ୍ତ ଅଭିଯୋଗ ମଧ୍ୟରେ ୨୫୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୩ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୫ ହଜାର ଲେଖାଏ ୧୦ ହଜାର ଏବଂ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କାକୁ ମୋଟ ୧୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଉପଖଣ୍ଡର ଗୋପବନ୍ଧୁନଗର ବ୍ଲକ ଅଞ୍ଚଳରୁ କେବଳ ଗୋଟିଏ ଅଭିଯୋଗ ଆସିଥିବା ବେଳେ ଉଦଳା ଏବଂ ଖୁଣ୍ଟା ବ୍ଲକରୁ କୌଣସି ଅଭିଯୋଗ ନ ଥିଲା। ହେଲେ କପ୍ତିପଦା ବ୍ଲକର ଶରତ, ରାଣୀପୋଖରୀ, ଲାବଣ୍ୟଦେଇପୁର, କଳମଗଡ଼ିଆ, ନୋଟ ପଞ୍ଚାୟତର ଗ୍ରାମବାସୀଙ୍କ ଅଭିଯୋଗ ଅଧିକ ଥିଲା। ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଶିବିର ପରିଚାଳନାରେ ସହଯୋଗ କରିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ମିନାବଜାର, ଖାଦ୍ୟମେଳାରେ ଭିଡ଼

■କେନ୍ଦୁଝରରେ ଜମୁଛି କାଳୀପୂଜା

■ସୁନ୍ଦର ତୋରଣ, ଆଲୋକମାଳାରେ ଝଲସୁଛି ସହର

କେନ୍ଦୁଝର,୨୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)



ମନୋହରୀ ଦୋକାନରେ ଭିଡ଼।

କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜାରେ ସହରରେ ଉତ୍ସବର ମାହୋଲ ଦେଖିବାକୁ ମିଳୁଛି। ସୁନ୍ଦର ତୋରଣ ସାଙ୍ଗକୁ ଆଲୋକମାଳାରେ ସହର ଝଲସୁଛି। ବିଶେଷ କରି ମିନା ବଜାର ଓ ଖାଦ୍ୟ ମେଳାରେ ଜନଗହଳି ପରିଲକ୍ଷିତ ହେଉଛି। ବହୁ ସଂଖ୍ୟାର ଲୋକ ଜିଲା ଓ ଜିଲା ବାହାରୁ ଆସି ମା' କାଳୀଙ୍କୁ ଦର୍ଶନ କରିବା ସହ ମେଳା ବୁଲି ବିଭିନ୍ନ ସାମଗ୍ରୀ କିଣିବା ସହିତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ମଜା ଉଠାଉଛନ୍ତି।

ପ୍ରକାଶ ଯେ, ଚଳିତବର୍ଷ କାଳୀତୀର୍ଥ କେନ୍ଦୁଝର କାଳୀପୂଜା ୮୫ ବର୍ଷରେ, ଟେଲିଫୋନ ଏକ୍ସଚେଞ୍ଜ ଛକ କାଳୀପୂଜା ୫୭ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ସହରର ଥାନାଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନରେ ମିନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ, ଖାଇବା ଦୋକାନ ପଡ଼ିଛି। ଜେଲ ଛକ ନିକଟରେ ରାସ୍ତାକଡ଼ରେ ହସ୍ତତନ୍ତ, ଏମ୍‌ଏସ୍‌ଏମ୍‌ଇ ବିଭାଗର ଆୟୋଜନରେ ହସ୍ତଶିଳ୍ପ ଷ୍ଟଲ ମଧ୍ୟ ଲୋକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। ସୁନ୍ଦର ତୋରଣ ଲୋକଙ୍କୁ ଆକର୍ଷିତ କରୁଛି। ଶନିବାର ଓ ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକେ ମିନା ବଜାରରୁ ଘରକରଣା ଓ ଅନ୍ୟାନ୍ୟ ସାମଗ୍ରୀ କିଣୁଛନ୍ତି। ଖାଦ୍ୟ ମେଳାରେ ମଧ୍ୟ ଖାଦ୍ୟ ପ୍ରେମୀଙ୍କ ଭିଡ଼ ଜମୁଛି। ବିଶେଷ କରି ପାରମ୍ପରିକ ଖାଦ୍ୟ ସହ ପୋଡ଼ା ଚିକେନ, ଛତୁ ପତ୍ରପୋଡ଼ା ଷ୍ଟଲରେ ଭିଡ଼ ପରିଲକ୍ଷିତ ହେଉଛି। ସେହିପରି କାଶୀପୁରଠାରେ ଶ୍ମଶାନ କାଳୀପୂଜା ଧୂମ୍‌ଧାମରେ ପାଳିତ ହେଉଛି। ମାଇନିଂ ରୋଡ, ଡାଙ୍ଗରପଡ଼ାରେ ଅନୁଷ୍ଠିତ କାଳୀପୂଜା ଏବଂ ସବୁଠି ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୂଜା କମିଟି, ପୋଲିସ ପ୍ରଶାସନ ତରଫରୁ ଟ୍ରାଫିକ ପରିଚାଳନା, ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ବ୍ୟବସ୍ଥା କରାଯାଇଛି। ଅପେରା ଶୋ ଯାତ୍ରାପ୍ରେମୀଙ୍କୁ ଭିନ୍ନ ସ୍ୱାଦ ଯୋଗାଉଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସଂସ୍କୃତି ପ୍ରେମୀ ଡ. ବିମ୍ବାଧର ବେହେରା କହିଛନ୍ତି, ରାଜରାଜୁଡ଼ା ଅମଳରୁ ଖ୍ୟାତି ଅର୍ଜନ କରିଥିବା ଏହି ମେଳାକୁ ବହୁ ଆଗରୁ ଲୋକେ ଅପେକ୍ଷା କରିଥାନ୍ତି। ବାହାରେ ରହୁଥିବା ସ୍ଥାନୀୟ ଲୋକେ ଛୁଟି ନେଇ ଆସିଥାନ୍ତି।

## ବୈଷ୍ଣବୀଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲାପାଳ

କେନ୍ଦୁଝର,୨୭।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରର ଝିଅ ବୈଷ୍ଣବୀ ଗୁପ୍ତା ଗୁଜରାଟର ସୁରଟଠାରେ ଅନୁଷ୍ଠିତ ୧୬ତମ ଜାତୀୟ ଜୁଡୋ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସ୍ୱର୍ଣ୍ଣପଦକ ଜିତି ଜିଲା ଓ ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏହି ଅବସରରେ ଅତ୍ୟନ୍ତ ଖୁସି ପ୍ରକାଶ କରି, କେନ୍ଦୁଝର ଜିଲାପାଳ ବିଶାଲ ସିଂହ ବୈଷ୍ଣବୀ ଏବଂ ତାଙ୍କ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସଫଳତା କେନ୍ଦୁଝର ଏବଂ ଓଡ଼ିଶାର ଅନେକ ଯୁବ ଖେଳାଳିଙ୍କୁ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। କେନ୍ଦୁଝରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ରୀ ବୈଷ୍ଣବୀଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିବା ତାଙ୍କ ବିଦ୍ୟାଳୟ ଏବଂ ଜିଲା ପାଇଁ ଏକ ବଡ଼ ଆନନ୍ଦର ମୁହୂର୍ତ୍ତ ଆଣିଦେଇଛି। କେନ୍ଦୁଝର ପୂର୍ବତଟ ରେଳବାଇରେ ଟ୍ରେନ୍ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ସଞ୍ଜୟ କୁମାରଙ୍କ ଝିଅ ବୈଷ୍ଣବୀଙ୍କ ବିଜୟ ତାଙ୍କ ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡ଼ା ମନୋଭାବର ପ୍ରମାଣ ଭାବେ ବିଦିତ ହୋଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ନିଲମ
ପରିବାରବର୍ଗ


ଜୟଦୀପ
ପରିବାରବର୍ଗ


ଦିକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିଏମ୍‌ପିଡିଆଇରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ



**ଭୁବନେଶ୍ୱର,୨୭।୧୦**

ରାଞ୍ଚିରେ ସିଏମ୍‌ପିଡିଆଇ କର୍ମଚାରୀମାନେ ସତ୍ୟନିଷ୍ଠାର ଶପଥ ପାଠ କରି ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଆରମ୍ଭ କରିଛନ୍ତି। ସଂସ୍ଥାନର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ପିଏଣ୍ଡଡ଼ି/ଆରଡିଏଣ୍ଡଟି) ଅଜୟ କୁମାର ଏବଂ ସିଏମପିଡିଆଇ ଓ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଇଛି। ଏହି ଶପଥ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି) ଅଧୀନରେ ଦେଶବ୍ୟାପୀ ସତର୍କତା ସଚେତନତା ସପ୍ତାହ ଅଭିଯାନ ଅଧୀନରେ କରାଯାଇଛି। ସତର୍କତା: ଆମର ଦାୟିତ୍ୱ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ନାଗାଚାରୀ ଓ ଅନ୍ୟମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଭ୍ରଷ୍ଟାଚାର ମୂଳୋତ୍ପାଟନର ପ୍ରତୀକ ଭାବେ ଭ୍ରଷ୍ଟାଚାରର ପୁତ୍ତଳିକାକୁ ଗୁଳି ମାରିଥିଲେ। ନାଗାଚାରୀ ତାଙ୍କ ମୁଖ୍ୟ ଭାଷଣରେ ସୁଶାସନ ବୃଦ୍ଧି ଓ ସାମୂହିକ ଦାୟିତ୍ୱରେ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ପାର୍ବଣରେ ଦେଢ଼ କୋଟି ଲୋକଙ୍କ ରେଳଯାତ୍ରା

## ୨.୫୦ କୋଟି ଅତିକ୍ରମ କରିବା ଆକଳନ

**ଭୁବନେଶ୍ୱର,୨୭।୧୦(ଅନୁରାଧା ମହାରଣା)**

ପାର୍ବଣ ଋତୁରେ ଭାରତୀୟ ରେଲୱେ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ମାଧ୍ୟମରେ ଦେଢ଼ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିଛି। ଉତ୍ସବ ସମୟରେ ଏହି ସଂଖ୍ୟା ୨.୫୦ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ବିହାର ଏବଂ ୟୁପିର ଆଖପାଖ ଅଞ୍ଚଳର ୩୦ଟି ପ୍ରମୁଖ ଷ୍ଟେଶନରେ ବୃହତ ହୋଲ୍ଡିଂ ଅଞ୍ଚଳ ସହିତ ସଜ୍ଜିତ କରାଯାଇଛି। ସ୍ୱତନ୍ତ୍ର ଟ୍ରେନ ସହ ରେଳପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ଯାତ୍ରୀ ସଂଖ୍ୟା ମଧ୍ୟ ବଢ଼ିଛି। ଦଶନ୍ଧି ପୂର୍ବରୁ ବର୍ଷକୁ ମାତ୍ର ୪୦୦-୬୦୦ କି. ମି. ରେଳପଥ ନିର୍ମାଣ କରାଯାଇଥିବାବେଳେ ବର୍ତ୍ତମାନ ଏହା ବର୍ଷକୁ ୪,୦୦୦ କି. ମି. ରୁ ଅଧିକ ହୋଇଯାଇଛି। ପାର୍ବଣ ଋତୁରେ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଯାତ୍ରା ପାଇଁ ଭାରତୀୟ ରେଳପଥ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଛଟ୍ ପୂଜା ଚାଲିଥିବା ବେଳେ ସର୍ବାଧିକ ଯାତାୟାତ ସମୟର ପରିଚାଳନା ପାଇଁ ରେଳପଥ ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିଛି। ବିହାରର ଷ୍ଟେଶନଗୁଡ଼ିକୁ ଯାତ୍ରୀଙ୍କ ସୁବିଧାକୁ ବଢ଼ାଇବା ପାଇଁ ହୋଲଡିଂ କ୍ଷେତ୍ର, ଅତିରିକ୍ତ ଟିକେଟ କାଉଣ୍ଟର, ସିସିଟିଭି ମନିଟରିଂ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଉତ୍ସବ ଭିଡ଼ ପରିଚାଳନା ପାଇଁ ପ୍ରସ୍ତୁତ କରାଯାଇଛି । ପାଟନା ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ କ୍ଷେତ୍ର ସ୍ଥାପନ କରାଯାଇଛି। ସୁରକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏହାସହ ଦାନାପୁର ରେଳ ଷ୍ଟେଶନରେ ଏକ ଉତ୍ସର୍ଗୀକୃତ ହୋଲ୍ଡିଂ ଏରିଆ ମଧ୍ୟ ସ୍ଥାପନ କରାଯାଇଛି। ଭାରତୀୟ ରେଲୱେ ଛଟ୍ ପୂଜା ସମୟରେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଦାନାପୁର ରେଳ ଷ୍ଟେଶନରେ, ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରୋଗୀ ଓ ଡାକ୍ତରୀ ଦଳ ରଖାଯାଇଛି। ପାଟନାର ରାଜେନ୍ଦ୍ର ନଗର ଟର୍ମିନାଲ ରେଳ ଷ୍ଟେଶନ, ବିହାରର ଜମାଲପୁର ରେଳ ଷ୍ଟେଶନ ସହ ଅନ୍ୟାନ୍ୟ ଷ୍ଟେଶନରେ ଛଟ୍ ପର୍ବ ସମୟରେ ଏକ ନିରାପଦ, ଆରାମଦାୟକ ଏବଂ ସୁଖଦ ଯାତ୍ରା ସୁନିଶ୍ଚିତ କରାଯାଇଛି। ଏହାସହ ନୂଆଦିଲ୍ଲୀ ଏବଂ ପାଟନା ମଧ୍ୟରେ ଏକ ସ୍ୱତନ୍ତ୍ର ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଥିବାବେଳେ ସାରା ଭାରତରେ ବର୍ତ୍ତମାନ ୧୫୬ଟି ବନ୍ଦେ ଭାରତ ଏକ୍ସପ୍ରେସ ସେବା ଚାଲୁ ରହିଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ହିନ୍ଦୀ ଦିବସ ପାଳିତ

**ଭୁବନେଶ୍ୱର,୨୭।୧୦**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ରାଜଭାଷା ସମାରୋହ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରମୁଖ ଦିଲ୍ଲୀପ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରୀଙ୍କ ବାର୍ତ୍ତା ପାଠ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେଶର ଅଧିକାଂଶ ଜନସାଧାରଣ ହିନ୍ଦୀ ଭାଷା ବୁଝନ୍ତି, ତେଣୁ ବ୍ୟବସାୟିକ ଆବଶ୍ୟକତା ଓ ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀ ଭାଷାରେ କରିବା ସହ ଗ୍ରାହକମାନଙ୍କୁ ସେମାନଙ୍କ ଆଞ୍ଚଳିକ ଭାଷାରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଉଚିତ ବୋଲି ଅଞ୍ଚଳ ପ୍ରମୁଖ ରାଉଳ କହିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ହିନ୍ଦୀ ପ୍ରତିଯୋଗିତା ନିମନ୍ତେ ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନିତ କରାଯାଇଥିଲା।

# ଆଇଏମ୍‌ଡବ୍ଲ୍ୟୁ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଭାତୀ

**ଭୁବନେଶ୍ୱର,୨୭।୧୦**


ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି । ମୁମ୍ବାଇର ପ୍ରଦର୍ଶନୀ କେନ୍ଦ୍ର ଠାରେ ଆୟୋଜିତ ଇଣ୍ଡିଆନ୍ ମାରିଟାଇମ ୱିକ୍-୨୦୨୫ କାର୍ଯ୍ୟକ୍ରମରେ ସେ ମଙ୍ଗଳବାର ଯୋଗଦେବେ। ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ଭୂମିକା ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଶାନ୍ତନୁ ଠାକୁର ପ୍ରମୁଖ ଯୋଗ ଦେବେ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ଜନ୍ମଦିନ ଶୁଭେଚ୍ଛା**



ନୀଲମ ବନ୍ଛୋର
ଲଇଡ଼ାଗୁଣା, କୁଚିଣ୍ଡା, ସମ୍ବଲପୁର
ଆଜି ତା୨୮।୧୦।୨୦୨୫ ରିଖରେ ତୋର ୭ମ ଜନ୍ମଦିନ । ଭଗବାନ ଶ୍ରୀକୃଷ୍ଣ ଏବଂ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦେଇ ଆଶୀର୍ବାଦ କରନ୍ତୁ, ଏତିକି ହିଁ ତାଙ୍କ ନିକଟରେ ଆମର ପ୍ରାର୍ଥନା।
ମାଆ, ବାପା, ଆଈ, ଅଜା, ବଡମା, ବଡ଼ବାପା, ଭାଇ, ମାମୁ, ମାଉସୀ ଓ ପରିବାରବର୍ଗ।
ଧ-୨୪୦୦

**Birthday Blessings**



Jaydeep Pati
(Shree)
We wish you a Happy Birthday On this auspicious day we pray before Mahaprabhu Sri Jagannath to bless you with good health and bright
Best Wishes From
Subhasis Pati & Gitanjali Mohapatra
ଧ-୨୪୦୨

# ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ ଉପରେ ଗୁରୁତ୍ୱ




## ପତଞ୍ଜଳି ବିଶ୍ୱବିଦ୍ୟାଳୟରେ କର୍ମଶାଳା

**ଭୁବନେଶ୍ୱର,୨୭।୧୦**

ଭାରତ ସରକାରର ଆୟୁଷ ମନ୍ତ୍ରଣାଳୟ, ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ଆରସିଏସସିଏନ୍-୧ ଏବଂ ନାବାର୍ଡ ସହଯୋଗରେ 'ସ୍ୱାସ୍ଥ୍ୟ ଧରା' ଯୋଜନା ଅଧୀନରେ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଔଷଧୀୟ ଗଛର ସ୍ଥାୟୀ ଚାଷ' ଉପରେ ଏକ କର୍ମଶାଳା ଆରମ୍ଭ ହୋଇଛି। ହରିଦ୍ୱାରସ୍ଥିତ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି କର୍ମଶାଳାରେ ମାଟି ପରୀକ୍ଷଣ ଯନ୍ତ୍ର 'ଧରତୀ କା ଡାକ୍ଟର' (ଡିକେଡି) ମାଧ୍ୟମରେ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ସ୍ୱାଗତ ଭାଷଣ ଦେଇଥିବାବେଳେ ନାବାର୍ଡର ଅଧ୍ୟକ୍ଷ ଶାଜି କେ.ଭି. ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶରେ ସ୍ଥାୟୀ କୃଷି ଓ ଗ୍ରାମ୍ୟ ବିକାଶ ପାଇଁ କୃଷକ, ଛୋଟ ଉଦ୍ୟୋଗ, କୁକୁଡ଼ା, ପଶୁପାଳନ ଓ ଗ୍ରାମ୍ୟ ଶିଳ୍ପକୁ ଋଣ ପ୍ରଦାନ କରିବା ନାବାର୍ଡର ଲକ୍ଷ୍ୟ ବୋଲି ଶାଜି କହିଥିଲେ। ଗ୍ରାମ୍ୟ ବିକାଶରେ ନିବେଶ ବଢ଼ାଇ ସମାବେଶୀ ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେ ପତଞ୍ଜଳିର ଯୋଜନା ଉଲ୍ଲେଖ କରି କହିଛନ୍ତି, କୃଷକ ଆୟ ବୃଦ୍ଧି, ଜୈବିକ ଚାଷ ଓ ପ୍ରାକୃତିକ ପଦ୍ଧତି ଉପରେ ଧ୍ୟାନ ଦେବା ଦ୍ୱାରା ୨୦୨୭ ସୁଦ୍ଧା କୃଷିସମୃଦ୍ଧ ଭାରତ ସାଧନ ହେବ। ଅନ୍ୟମାନଙ୍କ ମଧ୍ୟରେ ଡ. କେ.ଏନ୍. ଶର୍ମା , ପ୍ରଫେସର ବି.ଆର୍. କାମ୍ବୋଜ, ଡ. ଜେ.ଏନ୍. ରୈନା, ଡ. ଜି.ପି. ରାଓ ଓ ଡ. ପ୍ରଦୀପ ଶର୍ମା ସ୍ୱାସ୍ଥ୍ୟକର ମାଟି, ଭଲ ଫସଲ ଓ ପରିଚାଳନା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୋଷ୍ଟର୍ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ମେଗା କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୭।୧୦**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ମେଗା କ୍ରେଡିଟ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏମ୍‌ଏସ୍‌ଏମ୍‌ଇ ଖୁଚୁରା ଓ କୃଷି ଆଦି ବିଭାଗକୁ ପ୍ରୋତ୍ସାହିତ କରି ଲଘୁ ତଥା ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସୁଗମ ଆର୍ଥିକ ସମାଧାନ ସହିତ ସଶକ୍ତ କରାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକଙ୍କ ସମେତ କଟକ ସର୍କଲର ସର୍କଲ ମୁଖ୍ୟ ସୁଜିତ କୁମାର ନେଗି ଓ କଟକ ସହରାଞ୍ଚଳର ଶାଖା ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ଉଦ୍ୟୋଗୀ, ବ୍ୟବସାୟୀ ଓ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଏକତ୍ର କରିବା ସହ ନେଟୱର୍କିଂ ପାଇଁ ଏକ ଅନୁକୂଳ ପରିବେଶ ଯୋଗାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଏମ୍‌ଏସ୍‌ଏମଇ, ବେତନଭୋଗୀ ବ୍ୟକ୍ତି ଏବଂ ବୃତ୍ତିଗତମାନଙ୍କ ପାଇଁ ପିଏନ୍‌ବିର ଉପଯୁକ୍ତ ପ୍ରସ୍ତାବଗୁଡ଼ିକ ବିଷୟରେ ଜାଣିବାର ସୁଯୋଗ ପାଇଥିଲେ, ଯେଉଁଥିରେ ଶୀଘ୍ର ଋଣ ଅନୁମୋଦନ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ ସେବା ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ବ୍ୟାଙ୍କ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ ଓ କୃଷି ବିଭାଗଗୁଡ଼ିକୁ ସଶକ୍ତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ସାକାର କରିବାରେ ବ୍ୟାଙ୍କ ସମର୍ପିତ ବୋଲି ସୁଜିତ କୁମାର ନେଗି କହିଥିଲେ।

**Classified Everyday**
**0674-2580101, 9692975378**



REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

**AFFIDAVIT**

I, Manaranjan Sahu, S/o.- Haripad Sahu, Resident of Vill.-Srikrushnapur, P.O.-Januganj, P.S.- Industrial, Dist.- Balasore, PIN- 756019, Odisha declare by this Affidavit No. 2454, Vol.- XX, Dated- 25.09.2025, that now onwards I shall be known as **MANORANJAN SAHOO** for all future purposes. D-2403

ମୁଁ, କବିତା ପଣ୍ଡା, ସ୍ୱାମୀ- ଶ୍ରୀ ଅଶ୍ୱିନୀ କୁମାର ପଣ୍ଡା, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ୧୪।୦୮।୨୦୨୪ ତାରିଖରେ ଶପଥ ଗ୍ରହଣ କରିଥିବା ଏକ ସତ୍ୟପାଠ (ସିଏଫ୍ ନମ୍ବର.୬୭) ଅନୁସାରେ ମୋର ଅପ୍‌ଡେଟ୍ ନୂତନ ଠିକଣା: ଟାଇପ୍- II- ୧୬/୩, ୟୁନିଟ୍- ୨, ମାତୃମଙ୍ଗଳ କେନ୍ଦ୍ର, ପୋଷ୍ଟ- ଅଶୋକନଗର, ପିଏସ୍- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୯ ଘୋଷଣା କରୁଅଛିକି ଯେ ମୁଁ ମୋର ନାମ କବିତା ମହାରଣାରୁ କବିତା ପଣ୍ଡାକୁ ପରିବର୍ତ୍ତନ କରିଅଛି। ତେଣୁକରି, ବର୍ତ୍ତମାନଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ କବିତା ପଣ୍ଡା (ନୂତନ ନାମ) ଭାବରେ ପରିଚିତ ହେବି। ଧ-୨୮୨୨

I, Susrut Mishra, S/o.- Sarat Chandra Misra born on 11.11.1979, Residing At- 03, Sampurna Platina, Kuha, Sundarpada, Bhubaneswar, have changed my name to Susrut Mishrra vide affidavit dated- 24.10.2025 at Bhubaneswar. Hereafter, I shall be known as Susrut Mishrra. D-2397

By virtue of an affidavit sworn before Notary Public, Jajpur Road, dated- 24.02.2023, I, Tadala Giridhar Rao(T. Giridhar Rao), aged 44 years, Permanent address H. No- 4/B, Street No.- 08, Sector- 04, Bhilai 1, Dist.- Durg, Chhatisgarh at present, Kanheipur, Jajpur Road, Jajpur, Odisha 755019 do hereby declare that my daughter T SAI PRAGNA (T SAI PRAGNA) & TADALA SAI PRAGNA is one and same person. D-2399

By virtue of an affidavit sworn before Executive Magistrate, Erasama, 27th.10.2025, I, Tulasi Nayak, address Vill.- Guamunda, P.O.- Bhitarandhari, P.S.- Erasama, Dist.- Jagatsinghpur, Odisha, PIN- 754139 declare that I change my daughter's name Coel Nayak to Koyel Nayak. Henceforth, she shall be utilized for all purposes.
Tulasi Nayak
D-2396

By virtue of an affidavit No.- 79AA319398, dtd.- 27.10.2025 sworn before Executive Magistrate, Bhubaneswar, I, Pravasini Pradhan, W/o.- Manoja Kumar Beura, At/P.O./ P.S.- Mancheswar, Bhubaneswar- 17 declare that my name will be correction in school records of my son Tanuj Kumar Beura, of the Pricipal of PM Shri Kendriya Vidyalaya No.3, Bhubaneswar. D-2395

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ଅନ୍ନପୂର୍ଣ୍ଣା ରଥ
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭
ଆପଣ ସମସ୍ତ ବନ୍ଧନ ତୁଟାଇ ଆଜି ଦିନରେ ସ୍ୱର୍ଗାରୋହଣ କରିଥିଲେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୪୦୧

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଡ୍ରିମ୍‌ସ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ



**ଭୁବନେଶ୍ୱର,୨୭।୧୦**

ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ 'ବିକଶିତ ଭାରତ-୨୦୪୭ର ମାର୍ଗ ନକ୍ସା ' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। 'ବିକଶିତ ଭାରତ-୨୦୪୭'ର ବିଭିନ୍ନ ଦିଗ ଉପରେ ଡ. ଦାଶ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି 'ଭାରତ ମସଲା'ର ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ଆତ୍ମନିର୍ଭରଶୀଳ ହେବା ହିଁ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସିଏମ୍‌ସି କମିଶନର କିରଣ ଦୀପ କୌର ସାହୋତା ଯୋଗଦେଇ ସାଧାରଣ ଲୋକଙ୍କ ଜୀବନଶୈଳୀରେ କିଭଳି ଉନ୍ନତି ଆସିବ ସେ ସମ୍ପର୍କରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର ଏହାକୁ ଭଲରେ ବୁଝିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାରତୀୟ ମ୍ୟାନେଜମେଣ୍ଟ ସ୍କୁଲ ସଂଘ (ଏଆଇଏମ୍‌ଏସ୍)ର ଆଞ୍ଚଳିକ ଉପାଧ୍ୟକ୍ଷ ଇଂ. ସରୋଜ କୁମାର ସାହୁ କହିଲେ, ସାମାଜିକ ସମସ୍ୟାର ସମାଧାନ, ସୁଶାସନ, ନୂତନ ବିଚାର ଏବଂ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ହିଁ ଏହା ସାକାର ହୋଇପାରିବ । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କୁ 'ଜୀବନ ବ୍ୟାପୀ ସାଧନା ସମ୍ମାନ' ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ 'ଯୁବ ଶିକ୍ଷାବିତ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ସ୍ୱାଗତ ଅଭିଭାଷଣ ଓ ଆବାହକ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ନାୟକ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ଖୁସ୍‌ବୁ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା ଓ ସହ ଆବାହକ ପ୍ରାଧ୍ୟାପକ ସବ୍ୟସାଚୀ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ କୁମାର ଦାସ, ଡ. ମନୀତ୍ ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ଡ. ତୁଷାରକାନ୍ତ ପାଣି, ପ୍ରାଧ୍ୟାପକ ଦେବକାନ୍ତ ମିଶ୍ର, ଡ. ରବିନାରାୟଣ ସୁବୁଦ୍ଧି, ଡ. ମନୋଜ କୁମାର ଦାସ, ଡ. ଚନ୍ଦ୍ରଶେଖର ମିଶ୍ର, ସାରଦା ପ୍ରସାଦ ସାହୁ, ଡ. ବିଶ୍ୱଜିତ୍ ଛାଟୋଇ, ପ୍ରାଧ୍ୟାପକ ରାଧାନାଥ ଅଗସ୍ତି, ଡ. ମୋନାଲିସା ପଟେଲ, ଡ. ଦୀନଦୟାଲ ସ୍ୱାଇଁ ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ୧୧୪ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିଲା।

# ଗୃହଲକ୍ଷ୍ମୀରୁ ଧନଲକ୍ଷ୍ମୀ...

**ଅଧିକାଂଶ ମହିଳା ଭଲ ରୋଜଗାର କରିବା ସତ୍ତ୍ୱେ ତାଙ୍କର ଫାଇନାନ୍ସ ଉପରେ ଏତେଟା ଜ୍ଞାନ ନ ଥାଏ। ପ୍ରକୃତରେ ଏହାର କାରଣ କ'ଣ ହୋଇପାରେ? ବିଶ୍ୱର ଅନେକ ବିଶେଷଜ୍ଞଙ୍କ ମତରେ ଧନୀ ତାଲିକାରେ ପ୍ରାୟତଃ ମହିଳାଙ୍କ ନାମ ଆସେନାହିଁ। ଏହି ବିଷୟ ଉପରେ ମନୋବିଜ୍ଞାନୀ, କର୍ପୋରେଟ୍ କୋଚ୍, ମୋଟିଭେଶନାଲ ସ୍ପିକର ଏବଂ ବେଷ୍ଟ ସେଲିଂ ରାଇଟରଙ୍କ ସୂଚୀରେ ଥିବା ଡ. ଲୋଇସ୍ ପି. ଫ୍ରାଙ୍କେଲ ନିଜର ପୁସ୍ତକ 'ନାଇସ୍ ଗର୍ଲସ ଡୁ ନଟ୍ ଗେଟ୍ ରିଚ୍'ରେ ଏହା ଉଲ୍ଲେଖ କରିଛନ୍ତି। ଯଦି ଆପଣ ଜଣେ ଗୃହଲକ୍ଷ୍ମୀ ସାଙ୍ଗକୁ ଧନଲକ୍ଷ୍ମୀ ହେବାକୁ ଚାହାନ୍ତି ତେବେ କେତୋଟି କଥାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। କିଛି ବିଶେଷ କଥାକୁ ଧ୍ୟାନରେ ରଖନ୍ତୁ...**





ଫାଇନାନ୍ସର ବିତ୍ତୀୟ ଶିକ୍ଷା କମ୍ କାରଣରୁ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତିରେ ବାଧା ଉପୁଜୁଛି। ସେ ଆପଣ କର୍ମଜୀବୀ ହୁଅନ୍ତୁ କି ଗୃହିଣୀ ବିତ୍ତୀୟ ପ୍ରଶିକ୍ଷଣ ବି ନେବା ନିହାତି ଜରୁରୀ। ତାଙ୍କୁ ଘରର ସବୁ ଦାୟିତ୍ୱ ପୂରା କରିବାରେ ସକ୍ଷମ ହେବାର ପୂରା ମଉକା ମିଳିବା ଆବଶ୍ୟକ। ସେ ପରିବାରର ସବୁ ଫାଇନାନ୍ସିଆଲ୍ ନିଷ୍ପତ୍ତି ନେବା ଆବଶ୍ୟକ। ଫଳରେ ସମୟ ପଡ଼ିଲେ ପିଲାଙ୍କ ପାଠପଢ଼ା, ବିବାହ, ଘର କିଣିବା କିମ୍ବା ଘର ନିର୍ମାଣ କରିବା ଭଳି କାମରେ ଦାୟିତ୍ୱ ନେଇପାରିବେ। ଯେଉଁ ବିତ୍ତୀୟ ମାମଲା ମହିଳାମାନେ ବୁଝନ୍ତିନି, ଏହାକୁ ସେ କୌଣସି ଅନୁଭବୀ ଜାଣିଥିବା ବ୍ୟକ୍ତିଙ୍କଠାରୁ ଶିଖିପାରିବେ।

**ନିବେଶ ଆରମ୍ଭ କରନ୍ତୁ**

ଯଦିଓ ଆପଣ କର୍ମଜୀବୀ ନ ହୋଇ ଗୃହିଣୀ, ତେବେ ନିହାତି ଜାଣିବା ଆବଶ୍ୟକ ଯେ ଆପଣଙ୍କ ପରିବାରର ଆୟ କେତେ। ଏହା ସହ ପରିବାରର ଇନ୍ସୁରାନ୍ସ କଭରେଜ୍, ବ୍ୟାଙ୍କିଙ୍ଗ୍, ଅଚଳ ସମ୍ପତ୍ତି ଆଦିର ହିସାବ ରଖିବା ଆବଶ୍ୟକ। ଅଧିକ ସମୟ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଆରମ୍ଭ କରନ୍ତୁ। ଫିକ୍ସ ଡିପୋଜିଟ୍, ଆର୍‌ଡି ଆଦିରେ ନିବେଶ କରି ଏକ ଏମର୍ଜେନ୍ସି ଫଣ୍ଡ ବି ପ୍ରସ୍ତୁତ କରନ୍ତୁ। ନିଜର ପର୍ଯ୍ୟାପ୍ତ ହେଲ୍‌ଥ କଭର ନିହାତି ନିଅନ୍ତୁ। ନିବେଶ ଆରମ୍ଭ କରିବା ଲାଗି ଠିକ୍ ସମୟକୁ ଅପେକ୍ଷା କରନ୍ତୁ ନାହିଁ। ଯାହା କରିବା କଥା ତୁରନ୍ତ ଆରମ୍ଭ କରନ୍ତୁ ଏବଂ ଚକ୍ରବୃଦ୍ଧି ସୁଧର ଲାଭ ଉଠାନ୍ତୁ। କୌଣସି ନିବେଶ ପ୍ଲାଟ୍‌ଫର୍ମରେ ଜଡ଼ିତ ରୁହନ୍ତୁ।

**ସଞ୍ଚୟ ସହ ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ**

ସମୃଦ୍ଧ ହେବାକୁ ହେଲେ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଇମୋସନାଲ୍ ହୋଇ କେବେ ଟଙ୍କା ଅଧିକ ଖର୍ଚ୍ଚ ନ କରିବା ଆବଶ୍ୟକ। ସଞ୍ଚୟ କ୍ଷେତ୍ରରେ ବହୁତ ଅନୁସାଶିତ ହେବା ଆବଶ୍ୟକ। ଟଙ୍କା ହାତକୁ ଆସିଲେ ପ୍ରଥମେ ସେଭିଂ ଟଙ୍କା ଅଲଗା କାଢ଼ି ରଖିବା ବେଳେ ବାକି ଟଙ୍କା ଖର୍ଚ୍ଚ କରିପାରିବେ। ଆପଣ କେତେ ଟଙ୍କା ସେଭିଂ କରୁଛନ୍ତି ଏହା ଆପଣଙ୍କ ଇନ୍‌କମ୍‌ରୁ ଅଧିକ ସେଭିଂର ଅଭ୍ୟାସ ନିର୍ଭର କରିଥାଏ। ଫାଇନାନ୍ସକୁ ମ୍ୟାନେଜ୍ କରିବାକୁ ହେଲେ ନିଜର ଫାଇନାନ୍ସିଆଲ ଗୋଲ୍ ପ୍ରସ୍ତୁତ କରିବା ନିହାତି ଜରୁରୀ। ନିଜ ଟଙ୍କାକୁ ଅର୍ଥ କମାଇବାରେ ଲଗାନ୍ତୁ। ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ, ଘରୋଇ ଉପକରଣ କିମ୍ବା ଗ୍ୟାଜେଟ୍ସ ଆଦି କିଣିବାରେ ଅର୍ଥରେ ନିୟନ୍ତ୍ରଣ ରଖନ୍ତୁ।

**ଇନ୍ସ୍ୟୁରାନ୍ସ କଭର ନିହାତି ନିଅନ୍ତୁ**

ମହିଳା ସେ ଗୃହିଣୀ ହୁଅନ୍ତୁ କି କର୍ମଜୀବୀ କିମ୍ବା ତାଙ୍କର ନିଜସ୍ୱ କିଛି ବିଜ୍‌ନେସ୍ ବି ଥିଲେ, ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ ତାଙ୍କ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ। ଏହାଦ୍ୱାରା ତାଙ୍କୁ ମେଡିକାଲ ଏମର୍ଜେନ୍ସି ସମୟରେ ଟଙ୍କାର ସମସ୍ୟା ଦେଖା ଦେଇ ନ ପାରେ। ଏହା ବ୍ୟତୀତ ତାଙ୍କୁ ଗ୍ୟାରେଣ୍ଟେଡ୍ ରିଟର୍ନ ପ୍ଲାନ୍‌ରେ ନିବେଶ କରିବା ଆବଶ୍ୟକ, ଯାହା ଫିକ୍ସ ରିଟର୍ନ ଦେଇଥାଏ।

**ରିଟାୟାରମେଣ୍ଟର ପ୍ଲାନିଂ କରନ୍ତୁ**

ମହିଳାଙ୍କୁ ରିଟାୟାରମେଣ୍ଟ ଭଳି ଲମ୍ବା ଅବଧି ବିଶିଷ୍ଟ ଲକ୍ଷ୍ୟ ପୂରଣ ଲାଗି ଯୋଜନା କରିବା ଆବଶ୍ୟକ। ଜଲ୍‌ଦି ନିବେଶ ଆରମ୍ଭ କରି ରିଟାୟାରମେଣ୍ଟ ଫଣ୍ଡରେ ନିୟମିତ ନିବେଶ କରନ୍ତୁ। ଏହା ବି ଧ୍ୟାନ ରଖନ୍ତୁ ମହଙ୍ଗା ଏବଂ ଭବିଷ୍ୟତରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାକୁ ଟଙ୍କା କେଉଁଠୁ ଆସିବ? ଏହି ଦୁଇଟି ଜିନିଷକୁ ପ୍ରାଥମିକତା ଦେଇ ମହିଳାମାନେ ରିଟାୟାରମେଣ୍ଟ ପରେ ଭଲ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ କରିପାରିବେ।

**ଠିକ୍ ପ୍ଲାନିଂ କରନ୍ତୁ**

ବିତ୍ତୀୟ ପ୍ଲାନ୍‌କୁ ସଫଳ କରିବାକୁ ହେଲେ ପ୍ଲାନିଂ ଏବଂ ଚିନ୍ତନ ବହୁତ ଜରୁରୀ। ଏଥିପାଇଁ କୌଣସି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଜରୁରୀ ହେଉଛି ପ୍ରତ୍ୟେକ ଦିନ ଛୋଟ ଲକ୍ଷ୍ୟ ନିଶ୍ଚିତ ସାଧନ କରନ୍ତୁ।

## ଏମାନେ କ'ଣ କରନ୍ତି

### ହେଲ୍‌ଥ ପ୍ଲାନ୍ ନେଇଛି



ଜୀବନରେ କିଛି କହିହେବନି କେତେବେଳେ କ'ଣ ଘଟିଯିବ। ଏଥିପାଇଁ ମୁଁ ଗୋଟିଏ ହେଲ୍‌ଥ ପ୍ଲାନ୍ ନେଇଛି, ଯାହା ମୋତେ ସ୍ୱାସ୍ଥ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ଏହା ବ୍ୟତୀତ କିଛି ଟଙ୍କା ଫିକ୍ସ ଡିପୋଜିଟ୍ କରିଛି ଯାହା ଆମ ଘରର କୌଣସି ଫାଇନାନ୍ସିଆଲ ପରିସ୍ଥିତିରେ ନିଶ୍ଚିତ ସାହାଯ୍ୟ କରିବ।

*–**ରୀତା ମିଶ୍ର**, ଗୃହିଣୀ, କଟକ*

### ସଞ୍ଚୟର ନିହାତି ଆବଶ୍ୟକତା ରହିଛି



ଆଜିର ସମୟରେ ସଞ୍ଚୟ ନିହାତି ଆବଶ୍ୟକ। କାରଣ ଟଙ୍କା ଖାଲି ଘରେ ରଖିଦେଲେ ହେବନି। କାରଣ ଟଙ୍କା ହାତରେ ରହିଲେ ଖର୍ଚ୍ଚ ହୋଇଯାଏ। ଏହାକୁ ବ୍ୟାଙ୍କରେ ମ୍ୟୁଚୁଆଲ ଫଣ୍ଡରେ କିମ୍ବା ଅନ୍ୟ କୌଣସି ଥିରେ ନିବେଶକରିବା ନିହାତି ଆବଶ୍ୟକ। ମୁଁ ଟଙ୍କା ଠିକ୍ ସ୍ଥାନରେ ନିବେଶ କରୁଛି, ଯାହାର ଫଳ ସ୍ୱରୂପ ମୋତେ କିଛିଟା ଫାଇନାନ୍ସିଆଲ୍ ସପୋର୍ଟ ମିଳିବ ମୋର ରିଟାୟରମେଣ୍ଟ ପରେ।

*–**ସଂଘମିତ୍ରା ମହାନ୍ତି**, କ୍ଲିନିକାଲ ସାଇକୋଲୋଜିଷ୍ଟ, କଟକ*







# ଲେଖାଲେଖିରୁ ଆତ୍ମତୃପ୍ତି ମିଳିଛି



**ଇଏ ବି ଜଣେ ନାରୀ**

**ସୁକାନ୍ତି ପ୍ରଧାନ**

ପରିଣତ ବୟସରେ ପହଞ୍ଚିଥିଲେ ବି ସାରସ୍ୱତ ସାଧନା ଏବେ ମଧ୍ୟ ଜାରି ରଖିଛନ୍ତି। ସମୟ ମିଳିଲେ ମନର ପରିଭାଷାକୁ ସେ ଗପ କିମ୍ବା କବିତା ମାଧ୍ୟମରେ ପରିପ୍ରକାଶ କରିବାକୁ ବସିପଡ଼ନ୍ତି। ଆଉ ଏଥିରୁ ତାଙ୍କୁ ବେଶ୍ ଆନନ୍ଦ ମିଳିଥାଏ। ଲେଖାଲେଖି ସହ ଜଡ଼ିତ ଏହି ମହିଳା ଜଣକ ହେଉଛନ୍ତି ସୁକାନ୍ତି ପ୍ରଧାନ। ଶିକ୍ଷାଗତ ଯୋଗ୍ୟତା ମାତ୍ର ମାଇନର ପାସ୍। ହେଲେ ପିଲାଟି ଦିନରୁ ଲେଖାଲେଖି ପ୍ରତି ତାଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡ଼ିତ। ନିଜର ସାରସ୍ୱତ ଜୀବନ ବିଷୟରେ ଭୁବନେଶ୍ୱରରେ ରହୁଥିବା ସୁକାନ୍ତି କହନ୍ତି, ''ମୋତେ ଏବେ ୭୬ବର୍ଷ ବୟସ ହେଲାଣି। ହେଲେ ପିଲାଟି ଦିନରୁ ମୋ ମନରେ ଜାଗ୍ରତ ହୋଇଥିବା ଲେଖାଲେଖିର ନିଶା ଏ ପର୍ଯ୍ୟନ୍ତ ଉତୁରି ନାହିଁ। ଏ ବୟସରେ ଗପ କିମ୍ବା କବିତାଟିଏ ନ ଲେଖିଲେ ମୋତେ ଯେମିତି ସବୁ କିଛି ଅଧା ଅଧା ଲାଗିଥାଏ। ଏଥିରୁ ମୋତେ କେତେ ଆତ୍ମତୃପ୍ତି ମିଳିଛି ତାହା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଜନ୍ମସ୍ଥାନ ଦିଗପହଣ୍ଡିରେ ପାଠପଢ଼ା ବେଳେ ଏକଦା ମୋ ମନରେ ଗପ, କବିତା ଲେଖିବାକୁ ଆଗ୍ରହ ପ୍ରକାଶ ପାଇଲା। ନିଜ ମନର ପରିଭାଷାକୁ ଏଥିରେ ପ୍ରକାଶ କରିବା ଏବଂ ସେଗୁଡ଼ିକ ପାଠକାଦୃତ ହେବା ମୋ ଲେଖାଲେଖି ନିଶାକୁ ଆହୁରି ବଢ଼ାଇ ଦେଇଥିଲା। ଏବେ ଯେଉଁ ଗପ, କବିତା ଲେଖୁଛି ସେଥିରେ ସାମ୍ପ୍ରତିକ ଘଟଣାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'' ଲେଖାଲେଖି ପାଇଁ ସୁକାନ୍ତି ସାଉଁଟିଛନ୍ତି ଅନେକ ପୁରସ୍କାର ଆଉ ପ୍ରଶଂସା।

# ଚମକିବ ଠାକୁରଘର

ଲୋକମାନେ ନିଜ ଘରର ସବୁ କୋଣ ଅନୁକୋଣ ସଫା କରିବାରେ ଲାଗିଯାନ୍ତି। ହେଲେ ଏହି ସଫାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଭାଗ ହେଉଛି ପୂଜାଘର। କାହିଁକି ନା ଏହାକୁ ଘରର ସବୁଠାରୁ ପବିତ୍ର ସ୍ଥାନ ବୋଲି ମାନିଥାନ୍ତି। ପୂଜା ଘରର ଭଗବାନ୍‌ଙ୍କ ମୂର୍ତ୍ତିକୁ ନିୟମିତ ସଫା ରଖିବା ବହୁ ଜରୁରୀ। ଅଲଗା ଅଲଗା ଧାତୁ ଏବଂ ପଥରର ମୂର୍ତ୍ତିକୁ ସଫା କରିବା ଲାଗି ଉପାୟ ଅଲଗା ହୋଇଥାଏ। ଆସନ୍ତୁ, ଜାଣିବା ମୂର୍ତ୍ତିଗୁଡ଼ିକୁ କିପରି ଚମକାଇବେ ସେ ନେଇ ନିମ୍ନୋକ୍ତ ଟିପ୍ସଗୁଡ଼ିକୁ ଆପଣେଇ ପାରନ୍ତି।

★ପିତଳ ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହା ଧୀରେ ଧୀରେ ନିଜର ଚମକ ହରାଇବସେ। ଏହାକୁ ସଫା କରିବାକୁ ହେଲେ ଲେମ୍ବୁ ଏବଂ ଲୁଣର ମିଶ୍ରଣ ସବୁଠାରୁ ପ୍ରଭାବୀ ଉପାୟ। ଲେମ୍ବୁରସରେ ଅଳ୍ପ ଲୁଣ ମିଶାଇ ମୂର୍ତ୍ତି ଉପରେ ହାଲୁକା ହାତରେ ରଗଡ଼ିବା ପରେ ନଖ ଉଷୁମ ପାଣିରେ ଧୋଇ ମୁଲାୟମ କପଡ଼ାରେ ପୋଛିଦିଅନ୍ତୁ। ଏହାଦ୍ୱାରା ମୂର୍ତ୍ତି ସଫା ଏବଂ ଚମକଦାର ଦେଖାଯିବ। ବେକିଂ ସୋଡ଼ା ଏବଂ ସିର୍‌କା ଘୋଳ ଦ୍ୱାରା ପିତଳ ମୂର୍ତ୍ତି ସଫା କରାଯାଇପାରିବ। ଏଥିପାଇଁ ବେକିଂ ସୋଡ଼ା ଏବଂ ସିର୍‌କାର ଘୋଳ କିଛି ସମୟ ମୂର୍ତ୍ତି ଉପରେ ଲଗାଇ ଛାଡ଼ିଦିଅନ୍ତୁ। ପୁଣି ଏହାକୁ ଧୋଇଦିଅନ୍ତୁ, ଫଳରେ ମୂର୍ତ୍ତି ନୂଆ ପରି ଦେଖାଯିବ।

★ମାର୍ବଲ କିମ୍ବା ଶଙ୍ଖମର୍ମର ମୂର୍ତ୍ତି ବହୁ କୋମଳ ହୋଇଥାଏ। ଏହାକୁ ସଫା କରିବା ସମୟରେ କୌଣସି କେମିକାଲ ବ୍ୟବହାର କରନ୍ତୁ ନାହିଁ। ନଖ ଉଷୁମପାଣିରେ ଅଳ୍ପ ଡିସ୍‌ୱାଶ୍ ପକାଇ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ନରମ କପଡ଼ା ସାହାଯ୍ୟରେ ହାତରେ ମୂର୍ତ୍ତିକୁ ପୋଛନ୍ତୁ। ଏହାପରେ ସଫା ପାଣିରେ ମୂର୍ତ୍ତିକୁ ପୋଛି ଶୁଖିଲା କପଡ଼ାରେ ପୋଛିଦିଅନ୍ତୁ। ଧ୍ୟାନ ରଖନ୍ତୁ ଯେ ଏଥିରେ କେବେହେଲେ ଟାଣୁଆ ଜିନିଷ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ।

★ରୁପାର କୌଣସି ମୂର୍ତ୍ତି ସମୟ ସହ କଳା ପଡ଼ିଯାଏ। ଏହାକୁ ସଫା କରିବାକୁ ହେଲେ ଟୁଥ୍‌ପେଷ୍ଟ ସବୁଠାରୁ ସହଜ ଉପାୟ। ଏକ ମୁଲାୟମ ବ୍ରଶ୍ ଉପରେ ଅଳ୍ପ ଟୁଥ୍‌ପେଷ୍ଟ ନେଇ ମୂର୍ତ୍ତିକୁ ଧୀରେ ଧୀରେ ରଗଡ଼ନ୍ତୁ। ଏହାକୁ ପୁଣି ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଯଦି ମୂର୍ତ୍ତି ଅଧିକ କଳା ପଡ଼ିଯାଇଛି ତେବେ ବେକିଂ ସୋଡ଼ା ଏବଂ ପାଣିର ମିଶ୍ରଣ ନେଇ ତାକୁ ଭଲଭାବେ ରଗଡ଼ନ୍ତୁ। ଏହାଦ୍ୱାରା ମୂର୍ତ୍ତିଗୁଡ଼ିକ ଚମକିବ।



★କାଚ ଏବଂ କ୍ରିଷ୍ଟାଲ ମୂର୍ତ୍ତି ସଫା କରିବା ବହୁ କଷ୍ଟକର ହୋଇଥାଏ। ଏହାକୁ କେବଳ ଓଦା କପଡ଼ା ଦ୍ୱାରା ପୋଛନ୍ତୁ। ପୁଣି ସଫା କପଡ଼ା ଦ୍ୱାରା ଶୁଖାଇ ଦିଅନ୍ତୁ। ଆପଣ ଚାହିଁଲେ ଓଦା ଟିସୁ ପେପରର ସହାୟତା ନେଇପାରନ୍ତି।

ଫ୍ୟାଶନ

# ଟ୍ରେଣ୍ଡି କଲେକ୍ସନ



**ବାର୍ଥ ଡେ ହେଉ କି କୌଣସି ମ୍ୟାରେଜ୍ ଫଙ୍କସନ ଆପଣ ଏମିତି କିଛି ଆଉଟ୍‌ଫିଟ୍ ପରିଧାନ କରନ୍ତୁ ଯେମିତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ଏପରି କିଛି ଟ୍ରେଣ୍ଡି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦେଉଛୁ ଯାହା ଆପଣଙ୍କୁ ବହୁ ଆକର୍ଷଣୀୟ କରିପାରେ......**

❖ବର୍ତ୍ତମାନ ଟ୍ରେଣ୍ଡରେ ସରାରା ଡ୍ରେସେସ୍ ଟ୍ରେଣ୍ଡ ଚାଲିଛି। ଏହି ଡ୍ରେସ୍ ୮୦ଦଶକରେ ପଞ୍ଜାବ ଏବଂ ଉତ୍ତର ଭାରତରେ ଲୋକପ୍ରିୟ ଥିଲା। ଏବେ ଏହା ଫ୍ୟାଶନରେ ରହିଛି। ଏହାର ଆକର୍ଷଣୀୟ ଡିଜାଇନ ଏବଂ ରଙ୍ଗ ମହିଳାଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇ ରହିଛି।

❖ବର୍ତ୍ତମାନ ମହିଳାମାନଙ୍କର ଅନାରକଲୀ ଡ୍ରେସ୍‌ର ପ୍ରଚଳନ ଜୋର୍‌ରେ ଚାଲିଛି। ଏହା ଏକ ପାରମ୍ପରିକ ଲୁକ୍ ଏବଂ ମହିଳାଙ୍କୁ ଏଥିପାଇଁ ବହୁ ପସନ୍ଦ ଆସିଥାଏ ଯେ ଏହାକୁ କୌଣସି ଅକେଜନ୍ ପାଇଁ ବହୁତ ଭଲ ମାନିଥାଏ।

❖ଏବେ ରେଡିମେଡ୍ ଶାଢ଼ିର ବହୁତ ଚାହିଦା ରହିଛି। ଏହା ପିନ୍ଧିବା ଲାଗି ବହୁତ ସହଜ ହୋଇଥାଏ। ଫଳରେ ଏହାକୁ ପିନ୍ଧିଲେ କୌଣସି ଅସୁବିଧା ହୁଏନାହିଁ। ଏହା ସାଧାରଣ ଶାଢ଼ିଠାରୁ ଟିକେ ଅଲଗା। ଏହାର ଓଜନ ହାଲ୍‌କା ହୋଇଥିବା ବେଳେ କୌଣସି ପାର୍ଟି ଅବସର ପାଇଁ ଏକ୍‌ଦମ୍ ଫିଟ୍।

❖କୌଣସି ବି ଅକେଜନ୍‌ରେ ଲଙ୍ଗ୍ ଗାଉନ୍ ପିନ୍ଧିବା ଏବଂ ସମ୍ଭାଳିବା ବହୁ ଆରାମଦାୟକ ହୋଇଥାଏ। କେତେକେ ଏହାକୁ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହି ଡ୍ରେସ୍ ସବୁବେଳେ ମହିଳାଙ୍କ ପସନ୍ଦ ଲିଷ୍ଟରେ ରହିଛି।



# ସ୍ପେଶାଲ ପେଡ଼ା

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ୧ଲିଟର କ୍ଷୀର, ଅଧା କପ୍ ଚିନି, ୧ ଚାମଚ ଇଲାଇଚ୍ ପାଉଡ଼ର, ୩/୪ ଚାମଚ ମିଲ୍କ ପାଉଡ଼ର, ୧–୨ ବୁନ୍ଦା ହଳଦିଆ ରଙ୍ଗ, ଆବଶ୍ୟକତା ଅନୁସାରେ ଖୁଆ ଗାର୍ନିସିଂ ପାଇଁ ବାଦାମ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲା ଅନ୍ କରନ୍ତୁ। ଏବେ ସେଥିରେ କ୍ଷୀର ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ କ୍ଷୀରକୁ ଗାଢ଼ା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ବର୍ତ୍ତମାନ ଏଥିରେ ଚିନି ମିଶାଇ ଚଲାନ୍ତୁ। ଯେତେବେଳେ ଦେଖିବେ ଚିନି ପୂରା କ୍ଷୀରରେ ମିଶିଗଲାଣି ସେତେବେଳେ ଏଥିରେ ମିଲ୍କ ପାଉଡ଼ର ପକାଇ ଭଲଭାବେ ଗାଢ଼ା ହେବାକୁ ଦିଅନ୍ତୁ। ଯେତେବେଳେ ମିଶ୍ରଣ ଗାଢ଼ା ହୋଇଯିବ ଏଥିରେ ହଳଦିଆ ରଙ୍ଗ ପକାନ୍ତୁ। ଏବେ ହାତରେ କିଛି ଘିଅ ନେଇ ଏହି ମିଶ୍ରଣକୁ ପେଡ଼ା ଆକାର ଦିଅନ୍ତୁ। ଏବେ ଏହା ଉପରେ ବାଦାମକୁ କାଟି ତା' ଉପରେ ଗାର୍ନିସିଂ କରନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଟେଷ୍ଟି ପେଡ଼ା।



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୮/୨୦୨୫ Bhubaneswar, Tuesday, October 28/ 2025

# ପ୍ରତୀକା ବାଦ୍, ଶେଫାଳୀ ସାମିଲ



ସାଥୀ ଖେଳାଳିଙ୍କ ଗହଣରେ ଆହତ ପ୍ରତୀକା ରାଓ୍ୱଲ।



ଶେଫାଳୀ ବର୍ମା

## ମହିଳା କ୍ରିକେଟ ବିଶ୍ୱକପ

**ନବୀ ମୁମ୍ବାଇ, ୨୭।୧୦(ପି.ଟି.)**

ଆସନ୍ତା ଗୁରୁବାର ମହିଳା କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଥିବା ଭାରତୀୟ ଦଳକୁ ସୋମବାର ଶକ୍ତ ଧକ୍କା ଲାଗିଛି। ଫର୍ମରେ ଥିବା ଦଳୀୟ ଓପନର ପ୍ରତୀକା ରାଓ୍ୱଲ ଆହତ ସମସ୍ୟା କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଗତ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଫିଲ୍ଡିଂ କଲା ବେଳେ ତାଙ୍କ ଆଣ୍ଠୁ ଓ ଆଙ୍କେଲରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ପୂର୍ବରୁ ବିଶ୍ୱକପ୍ ଲାଗି ଘୋଷିତ ଦଳରେ ଶେଫାଳୀଙ୍କୁ ସାମିଲ କରାଯାଇନଥିଲା। ଏପରିକି ରିଜର୍ଭ ଖେଳାଳଙ୍କ ତାଲିକାରୁ ମଧ ତାଙ୍କ ନାମ ବାଦ୍ ପଡ଼ିଥିଲା। ତେବେ ସେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳରେ ଯୋଗ ଦେବେ ଏବଂ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ। ସେ ଅନ୍ତିମ ଥର ଭାରତ ପାଇଁ ୨୦୨୪ ଅକ୍ଟୋବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ହେଲେ ୨୧ ବର୍ଷୀୟା ଶେଫାଳୀ ଭାରତ-ଏ' ଲାଗି ଅଷ୍ଟ୍ରେଲିଆ ଏ' ବିପକ୍ଷ ଦିନିକିଆରେ ଭଲ ପ୍ରଦର୍ଶନ କରିଥିଲେ।

ପ୍ରତୀକା ଯେଉଁଭଳି ପଡ଼ିଲେ, ସେଥିରୁ ସେ ନକ୍‌ଆଉଟ୍ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ ସ୍ପଷ୍ଟ ହୋଇଯାଇଥିଲା ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ମ୍ୟାଚ୍‌ର ୨୧ତମ ଓଭରର ଶେଷ ବଲରେ ଡିପ୍ ମିଡ୍‌ଉଇକେଟ ଅଞ୍ଚଳରେ ଫିଲ୍ଡିଂ କରୁଥିବା ପ୍ରତୀକା ବଲକୁ ରୋକିବାକୁ ଦୌଡ଼ୁଥିବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇଯାଇଥିଲା। ସେ ଯନ୍ତ୍ରଣାରେ ତଳେ ପଡ଼ି ଯାଇଥିଲେ। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ତାଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରି କି ଘଟଣା ସ୍ଥଳରେ ଷ୍ଟ୍ରେଚର ମଧ ପହଞ୍ଚିଥିଲା। ହେଲେ ରାଓ୍ୱଲ ସପୋର୍ଟ ଷ୍ଟାଫଙ୍କ ସହାୟତାରେ ଫିଲ୍ଡରୁ ଚାଲି ଯାଇଥିଲେ। ପୂରା ଟୁର୍ନାମେଣ୍ଟରେ ଚମତ୍କାର ଫର୍ମରେ ଥିବା ରାଓ୍ୱଲ ୬ ଇନିଂସରେ ୫୧.୩୩ ଆଭରେଜରେ ୩୦୮ ରନ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଶତକ ହାସଲ କରିଥିଲେ। ଏଥିସହିତ ସେ ମହିଳା ଦିନିକିଆରେ ଯୁଗ୍ମ ଦ୍ରୁତ ୧ ହଜାର ରନ ପୂରଣ କରିଥିଲେ। ତାଙ୍କ ବ୍ୟତୀତ ଉଇକେଟକିପର-ବ୍ୟାଟର ରିଚା ଘୋଷଙ୍କ ଫିଟ୍‌ନେସକୁ ନେଇ ମଧ ଦ୍ୱନ୍ଦ୍ୱ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଯାହା ଫଳରେ ତାଙ୍କୁ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଥିଲା।

# ଆଇସିୟୁରେ ଶ୍ରେୟସ ଆୟର

**ନୂଆଦିଲ୍ଲୀ, ୨୭।୧୦(ପି.ଟି.)**

ଭାରତୀୟ ଦିନିକିଆ ଦଳର ଉପ ଅଧିନାୟକ ଶ୍ରେୟସ ଆୟାର ସିଡ୍‌ନୀର ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଆଲେକ୍ସ କାରେଙ୍କୁ ଆଉଟ୍ କରିବା ପାଇଁ ବ୍ୟାକ୍‌ୱାର୍ଡ ପଏଣ୍ଟ ଅଞ୍ଚଳରେ ଶ୍ରେୟସ ପଛୁଆ ଦୌଡ଼ି ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ଏହି ପ୍ରକ୍ରିୟାରେ ତାଙ୍କ ବାମ ପଞ୍ଜରା ହାଡ଼ରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହେଉଥିବା ଜଣାପଡ଼ିବା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆହତ ହେବା ପରେ ଆୟାରଙ୍କୁ ଡ୍ରେସିଂ ରୁମକୁ ନିଆଯାଇଥିଲା। ସେଠାରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କ ରକ୍ତଚାପ ଦ୍ରୁତ ଗତିରେ ହ୍ରାସ ପାଉଥିବା ଦେଖାଯାଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା ଏବଂ ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା। ଗତ ଦୁଇ ଦିନ ହେଲା ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ୩୦ ବର୍ଷୀୟ ଶ୍ରେୟସଙ୍କୁ ଅତିକମ୍‌ରେ ୨ରୁ ୭ ଦିନ ପର୍ଯ୍ୟନ୍ତ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ରଖାଯିବ। ଆୟାରଙ୍କ ଆଘାତ ସମସ୍ୟାର ଗୁରୁତ୍ୱକୁ ଦେଖି ତାଙ୍କ ବାପା-ମା' ତୁରନ୍ତ ଭିଜା ଲାଗି ଆବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ଶ୍ରେୟସଙ୍କ ବାମ ପଞ୍ଜରାର ତଳି ଭାଗ ଅଞ୍ଚଳରେ ଆଘାତ ଲାଗିଛି। ସ୍କାନରୁ ତାଙ୍କ ସ୍ପ୍ଲିନରେ କ୍ଷତ ହୋଇଥିବା ଜଣାପଡ଼ିଛି। ତାଙ୍କର ଚିକିତ୍ସା ଚାଲିଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଏବେ ରିକଭର କରୁଛନ୍ତି। ବିସିସିଆଇ ମେଡିକାଲ ଟିମ ସିଡ୍‌ନୀ ଓ ଭାରତର ସ୍ପେଶାଲିଷ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଭାରତୀୟ ଟିମ୍ ଡକ୍ଟର ଶ୍ରେୟସଙ୍କ ସହ ସିଡ୍‌ନୀରେ ରହିବେ।



ପଡ଼ିଆରେ ଆହତ ଅବସ୍ଥାରେ ଶ୍ରେୟସ ଆୟର।

# ଜୁ-ଜିତ୍‌ସୁ ଖେଳାଳି ରୋହିଣୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୧୦:** ପ୍ରତିଭାବାନ ଅନ୍ତର୍ଜାତୀୟ ଜୁ-ଜିତ୍‌ସୁ ଖେଳାଳି ଓ କୋଚ୍ ରୋହିଣୀ କଲାମଙ୍କର ରବିବାର ମୃତ୍ୟୁ ଘଟିଛି। ଏହି ଖବର ଭାରତୀୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଏସିଆନ୍ ଗେମ୍ସରେ ଦେଶର ପ୍ରତିନିଧିତ୍ୱ କରିଥିବା ରୋହିଣୀଙ୍କର ମୃତଦେହ ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ଏହି ଘଟଣା ମଧ୍ୟପ୍ରଦେଶ ରାଜ୍ୟର ଦେଓ୍ୱାସ ଜିଲାରେ ଘଟିଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ପ୍ରାଥମିକ ତଦନ୍ତ ଆତ୍ମହତ୍ୟା ଆଡ଼କୁ ଇଙ୍ଗିତ କରୁଛି। ରୋହିଣୀଙ୍କ ସାନ ଭଉଣୀ ରଶନୀ କଲାମ ରାଧାଗଞ୍ଜସ୍ଥିତ ଅର୍ଜୁନ ନଗର ଘରେ ଭଉଣୀଙ୍କ ମୃତଦେହକୁ ଝୁଲୁଥିବା ଅବସ୍ଥାରେ ଠାବ କରିଥିଲେ।

# କରନ୍, ଆରାଧ୍ୟଙ୍କ ଶତକ

## ରଣ୍‌ଜୀ ଟ୍ରଫି

### ବର୍ଷା ଯୋଗୁ ତୃତୀୟ ଦିବସରେ ୪୨ ଓଭର ଖେଳ

**ଭୁବନେଶ୍ୱର, ୨୭।୧୦(ତପନ ସ୍ୱାଇଁ)**

କାନ୍‌ପୁରର ଗ୍ରୀନ୍‌ପାର୍କରେ ଚାଲିଥିବା ଉତ୍ତର ପ୍ରଦେଶ-ଓଡ଼ିଶା ରଣ୍‌ଜୀ ଟ୍ରଫି କ୍ରିକେଟ୍ ମ୍ୟାଚ୍‌ର ତୃତୀୟ ଦିବସ ଖେଳ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଛି। ସୋମବାର ଦ୍ୱିତୀୟାର୍ଦ୍ଧରେ ବର୍ଷା ଯୋଗୁ ପୂରା ଦିନରେ ମାତ୍ର ୪୨ ଓଭର ଖେଳ ହୋଇପାରିଛି। ଫଳରେ ଖେଳ ବନ୍ଦ ରହିବା ବେଳକୁ ଉତ୍ତର ପ୍ରଦେଶ ୬ ଉଇକେଟ ହରାଇ ୩୮୦ ରନ୍ ସଂଗ୍ରହ କରିଛି। ଅଧିନାୟକ କରନ୍ ଶର୍ମା ଓ ଆରାଧ୍ୟ ଯାଦବ ଶତକ ହାସଲ କରିଛନ୍ତି। ୪ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ଓଡ଼ିଶା ପ୍ରଥମ ଇନିଂସ୍‌ଠାରୁ ୧୩୭ ରନ୍‌ରେ ଅଗ୍ରଣୀ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଶେଷ ଦିବସ। ମ୍ୟାଚ୍ ଡ୍ର' ରହିଲେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇବ। ଯଦି ଉତ୍ତର ପ୍ରଦେଶ ସକାଳେ କିମ୍ବା ଅଳ୍ପ କିଛି ଓଭର ଖେଳି ଇନିଂସ ଘୋଷଣା କରେ ତେବେ ଓଡ଼ିଶାକୁ ଦ୍ୱିତୀୟ ଇନିଂସ୍‌ରେ ଅତି ସତର୍କତା ଅବଲମ୍ବନ କରି ଖେଳିବାକୁ ପଡ଼ିବ। ନଚେତ୍ ବରୋଦା ବିପକ୍ଷ ମ୍ୟାଚ୍ ଭଳି ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଲେ ପରାଜୟ ବରଣ ସାର୍ ହେବ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୬୨/୩ରୁ ଉତ୍ତର ପ୍ରଦେଶ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର କରନ୍ ଓ ଆରାଧ ସତର୍କତାର ସହ ଖେଳି ଶତକ ପୂରଣ କରିଥିଲେ। ୧୯୮ ବଲ୍‌ରୁ ୧୦୧ ରନ୍ କରିବାପରେ ଆରାଧ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ୧୯୪ ରନ୍ ଯୋଗକରିଥିଲେ। କରନ୍ ୧୨୧ ରନ୍ କରି ବାଦଲ ବିଶ୍ୱାଳଙ୍କ ବଲ୍‌ରେ ଆଉଟ୍ ହୋଇଥିବାବେଳେ ପ୍ରିୟମ ଗର୍ଗ(୩୧ ରନ୍)ଙ୍କୁ ପାଭିଲିୟନ ପଠାଇଥିଲେ ସୁମିତ୍ ଶର୍ମା। ପ୍ରଶାନ୍ତ ବୀର ମାତ୍ର ୬ ରନ୍ କରି ପାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩। ଉତ୍ତର ପ୍ରଦେଶ ପ୍ରଥମ ଇନିଂସ: ୩୮୦/୬(କରନ୍ ଶର୍ମା-୧୨୧, ଆରାଧ ଯାଦବ-୧୦୧, ମାଧବ କୌଶିକ-୬୭, ସମ୍ବିତ ବରାଳ-୩/୫୨, ବାଦଲ ବିଶ୍ୱାଳ-୧/୯୧, ସୁମିତ ଶର୍ମା-୧/୭୮)।

# ୦-୧୩ ପରାଜୟରୁ ଓଡ଼ିଶାର ଅଭିଯାନ

## ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶାରେ ଫୁଟବଲର ମାନ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ମହିଳା ଫୁଟବଲରେ ଦେଶରେ ଏକ ମହାଶକ୍ତିଭାବେ ପରିଚିତ ହେଉଥିବା ଓଡ଼ିଶା ଏଥର ସେମିଫାଇନାଲକୁ ଯିବାରେ ସକ୍ଷମ ହୋଇ ନ ଥିଲା। ଏଜ୍ ଗ୍ରୁପ୍‌ରେ ଭଲ ପ୍ରଦର୍ଶନ କରୁଥିବା ଓଡ଼ିଶା ବାଳକ ଦଳ ମଧ ଏଥର ଅତି ଦୟନୀୟ ଭାବେ ଲଜ୍ଜାଜନକ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ମାଉଣ୍ଟ ଲିଟେରା ଜି ସ୍କୁଲ ପଡ଼ିଆରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୦-୧୩ ଗୋଲରେ ମିଜୋରାମଠାରୁ ହାରିଯାଇଛି। ପୂରା ମ୍ୟାଚରେ ମିଜୋରାମ ଦଳ ଆଧିପତ୍ୟ ବିସ୍ତାର କରି ଗୋଲ ବର୍ଷା କରିଥିଲା। ଜନସନ ଲାଲମପୁଇଆ ୨୯, ୩୧, ୩୩ ଓ ୩୬ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଜ୍ୟାକବ ମାଲସାମସାଙ୍ଗା ୨୪, ୬୭ ଓ ୯୦+୪ ଏବଂ ଅଧିନାୟକ ବେର୍ନଡ ଲାଲଚାନହିମା ୪୫+୨, ୬୧ ଓ ୯୦+୬ ମିନିଟରେ ୩ଟି ଲେଖାଏ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆବ୍ରାହାମ ମାଲସାମଲୁଆ ୫୦ ଓ ୫୩ତମ ମିନିଟରେ ୨ଟି ଏବଂ ବଦଳ ଖେଳାଳି ଜାକାରିଆ ଲାଲମାନଜୁଆଲା ୭୭ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମିଜୋରାମ ଆଗରେ ଓଡ଼ିଶା ପ୍ରଦର୍ଶନ ଅତି ଅସହାୟ ମନେ ହୋଇଥିଲା।

## ଭାରତ ବିପକ୍ଷ ଟେଷ୍ଟ ସିରିଜ

# ଦକ୍ଷିଣ ଆଫ୍ରିକା ଦଳକୁ ଫେରିଲେ ବଭୁମା

**ଜୋହାନ୍ସବର୍ଗ, ୨୭।୧୦ (ପି.ଟି.):** ଭାରତ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ଟେମ୍ବା ବଭୁମା। ତାଙ୍କ ପେଣ୍ଡାରେ ଆଘାତ ଲାଗିଥିଲା। ଏଥିରୁ ସେ ସୁସ୍ଥ ହୋଇଛନ୍ତି। ନଭେମ୍ବର ୧୪ରୁ ଖେଳାଯିବାକୁଥିବା ଏହି ସିରିଜର ମ୍ୟାଚ ଦୁଇଟି ଗୁଆହାଟୀ ଓ କୋଲକାତାରେ ଖେଳାଯିବ। ଆଘାତଜନିତ କାରଣରୁ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବଭୁମା ଖେଳିପାରି ନ ଥିଲେ। ତାଙ୍କ ଦଳ ଆୟୋଜକ ଦଳ ସହିତ ଡ୍ର ରଖିଥିଲା। ଡେଭିଡ ବେଡିଙ୍ଗହାମ୍‌ଙ୍କୁ ଛାଡ଼ିଦେଲେ ପାକିସ୍ତାନ ବିପକ୍ଷରେ ଖେଳିଥିବା ଦଳର ଅନ୍ୟ ସମସ୍ତ ଖେଳାଳି ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବେଡିଙ୍ଗହାମ୍‌ଙ୍କ ସ୍ଥାନରେ ବଭୁମା ଦଳରେ ପ୍ରବେଶ କରିଛନ୍ତି। ବଭୁମାଙ୍କ ନେତୃତ୍ୱରେ ତାଙ୍କ ଦଳଗତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲା। ଭାରତ ସିନିୟର ଦଳ ବିପକ୍ଷ ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ନଭେମ୍ବର ୨ରୁ ଭାରତ 'ଏ' ବିପକ୍ଷ ସିରିଜରେ ବଭୁମା ଦକ୍ଷିଣ ଆଫ୍ରିକା 'ଏ' ଦଳ ତରଫରୁ ଖେଳିବେ। **ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ:** ଟେମ୍ବା ବଭୁମା (ଅଧିନାୟକ), ଏଡେନ ମାରକ୍ରମ, ର୍ୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନି, ଡିଓ୍ୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟେନି ଡି' ଜୋର୍ଜି, କୋର୍ବିନ ବୋସ୍କ, ୱିଆନ୍ ମୁଲ୍‌ଡର, ମାର୍କୋ ଜାନସେନ, କେଶବ ମହାରାଜ, ନୁରାନ ମୁଥୁସ୍ୱାମି, କିଗିସୋ ରାବାଡା ଓ ସିମନ ହାର୍ମର।

# ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲରେ ବାଲେଶ୍ୱର ଫୁଟବଲଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୋନାଲି ସୋରେନ ଓ ଇପ୍ସିତା ରାଉତ ୨ଟି ଲେଖାଏ ଏବଂ ଲଳିତା ବୋଇପାଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସୋନାଲି ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳିମନୀଷା ପାନ୍ନା, ଗୀତାଞ୍ଜଳି ଖୁଣ୍ଟିଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରୁଦ୍ର ସାମନ୍ତରାୟ, ଅଶୋକ ମହାନ୍ତି, ମହମ୍ମଦ ସହିଦ ଜବାର, ସୁବ୍ରତ ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୋନାଲି ସୋରେନଙ୍କୁ ମନିଷା ପାନ୍ନା ପୁରସ୍କୃତ କରିଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଖାଓ୍ୱତ ଖାଁ, ଚନ୍ଦ୍ରକାନ୍ତ ବାରିକ, ସୁଶାନ୍ତ ମିଶ୍ର ଏବଂ ଶୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଶିବ ଶଙ୍କର ପଣ୍ଡା।



ସୋନାଲି ସୋରେନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସିଜନର ଅବଶିଷ୍ଟ ଖେଳିବେନି ସିନ୍ଧୁ

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.):** ସିଜନ ୨୦୨୫ର ଅବଶିଷ୍ଟ ବିଡବ୍ଲ୍ୟୁଏଫ୍ ଟୁର୍ ଇଭେଣ୍ଟଗୁଡ଼ିକରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ। ୟୁରୋପିଆ ପର୍ଯ୍ୟାୟ ଟୁର୍ନାମେଣ୍ଟ ପୂର୍ବରୁ ପାଦରେ ଆଘାତ ପାଇଥିବାରୁ ସେ ଏଥିରୁ କିପରି ସମ୍ପୂର୍ଣ୍ଣ ସୁସ୍ଥ ହେବେ ସେ ଦିଗରେ ଧ୍ୟାନ ଦେବେ। ବିଶିଷ୍ଟ ସ୍ପୋର୍ଟ୍ସ ଅର୍ଥୋପେଡିଷ୍ଟ ଡକ୍ଟର ଦିନ୍‌ଶ ପାର୍ଡିଓ୍ୱାଲାଙ୍କ ସମେତ ତାଙ୍କ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ପରାମର୍ଶ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ମେକ୍ସିକାନ ଗ୍ରାଁ ପ୍ରି ଜିତିଲେ ନୋରିସ

**ମେକ୍ସିକୋ ସିଟି, ୨୭।୧୦ (ଏପି)**

ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ମେକ୍ସିକାନ ସିଟି ଫର୍ମୁଲା ଓ୍ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। କ୍ରମାଗତ ୫ଟି ରେସ୍‌ରେ ପରାଜିତ ହେବା ପରେ ଏହି ବିଜୟ ସହ ସେ ଚାମ୍ପିୟନଶିପ୍ ଟେବୁଲର ନମ୍ବର ଓ୍ୱାନ ସ୍ଥାନକୁ ଫେରିଛନ୍ତି। ଚଳିତ ସିଜନର ଆଉ ୪ଟି ରେସ୍ ବାକିଥିବାବେଳେ ଏହା ହେଉଛି ତାଙ୍କର ୬ଷ୍ଠ ବିଜୟ। ଏହି ରେସ୍ ପୂର୍ବରୁ ସେ ଅଗଷ୍ଟରେ ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଥିଲେ। ନୋରିସଙ୍କ ବିଜୟ ଦ୍ୱାରା ଏଥର ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲାଗି ମାକ୍ସ ଭର୍ଷ୍ଟାପେନଙ୍କ ସମ୍ଭାବନା ହ୍ରାସ ପାଇଛି। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ସେ ତାଙ୍କ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରିଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ରହିଥିବା ବେଳେ ତୃତୀୟ ସ୍ଥାନରେ ରହିଥିବା ଭର୍ଷ୍ଟାପେନ ତାଙ୍କଠାରୁ ୩୬ ପଏଣ୍ଟ ପଛରେ ରହିଛନ୍ତି। ରବିବାର ରେସ୍‌ରେ ନୋରିସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ପ୍ରାୟ ୩୦ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।




# ଥାର୍ଡ ଆଇ କର୍ପୋରେଟ ଲିଗ ; ଟାଇଟନ୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ - ୨୦୨୫ରେ ଟାଇଟନ୍ସ ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଟାଇଟନ୍ସ ୭ ଉଇକେଟରେ ସିଡିଏ ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ଟାଇଟନ୍ସ ୪.୩ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟ ଅତିଥି ଏବଂ ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ର ନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟଲାଗି ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଚାମ୍ପିୟନ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନରଅପ୍ ଦଳକୁ ୮୦ ହଜାର ସହ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ବୋଲରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ଟାଇଟନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭୁବନେଶ୍ୱର 'ବି', ସୁନ୍ଦରଗଡ଼ର ବୃହତ୍ ବିଜୟ

## ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

**ଭୁବନେଶ୍ୱର, ୨୭।୧୦ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୮ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥି ମଧ୍ୟରେ ଭୁବନେଶ୍ୱର 'ବି', ପୁରୀ, ସୁନ୍ଦରଗଡ଼ ଓ କିଟ୍ ଦଳ ବୃହତ୍ ବିଜୟ ହାସଲ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୮ ଉଇକେଟରେ ସମ୍ବଲପୁର 'ବି' ଦଳକୁ ପରାସ୍ତ କରିଛି। ଅଧିନାୟକ ମୃତ୍ୟୁଞ୍ଜୟ ରାୟ (୪.୫-୦-୨୨-୪) ଚମତ୍କାର ବୋଲିଂ କରି ସମ୍ବଲପୁର 'ବି' ଦଳକୁ ୬୬ ରନରେ ଅଲ୍‌ଆଉଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମିଧାଂଶୁ ଦାସ ୩ଟି ଉଇକେଟ ନେଇଥିଲେ। ୬୭ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର 'ବି' ୧୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୨୮୫ ରନରେ ଗଜପତିକୁ ହରାଇ ଦେଇଛି। ସୁନ୍ଦରଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଗଜପତି ମାତ୍ର ୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ୩ ଓଭରରେ ମାତ୍ର ୮ ରନ ଦେଇ ୪ଟି ଉଇକେଟ ନେଇଥିବା ଅଜୟ ମାହାତୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ମୂଳାପଡ଼ିଆରେ ପୁରୀ ୮ ଉଇକେଟରେ ନୟାଗଡ଼କୁ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କିଟ୍ ଡକ୍‌ଓ୍ୱର୍ଥ ଲୁଇସ ପଦ୍ଧତିରେ ୧୩୪ ରନରେ ସମ୍ବଲପୁର 'ଏ' ଦଳକୁ ହରାଇ ଦେଇଛି। କିଟ୍ ୯ ଉଇକେଟ ହରାଇ ୨୨୯ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ସମ୍ବଲପୁର 'ଏ' ସମ୍ମୁଖରେ ୪୩ ଓଭରରେ ୨୨୦ ରନ ଟାର୍ଗେଟ ରଖା ଯାଇଥିଲା। ମାତ୍ର ସମ୍ବଲପୁର 'ଏ' ୮୫ ରନରେ ସମସ୍ତ ଉଇକେଟ ହରାଇଥିଲା। ପୁରୀର ରୁଦ୍ର ନାରାୟଣ ବେହେରା (୫-୪-୮-୨) ଏବଂ କିଟ୍‌ର ସାଇ ସାର୍ଥକ ସାହୁ (୬-୩-୨୪-୪) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସନ୍‌ସାଇନ୍ ଗ୍ରାଉଣ୍ଡରେ ମୟୂରଭଞ୍ଜକୁ ନବରଙ୍ଗପୁର, ହାଇଟେକ୍ ପଡ଼ିଆରେ କନ୍ଧମାଳକୁ ସୋନପୁର, ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ାକୁ କଟକ 'ବି' ଏବଂ ଅଡଶପୁର ପଡ଼ିଆରେ କଳାହାଣ୍ଡିକୁ ରାୟଗଡ଼ା ପରାସ୍ତ କରିଛି। ଏହି ସବୁ ମ୍ୟାଚ୍‌ରେ ପଙ୍କଜ ଶତନାମି, ଅନୁଜ ଯାଦବ, ପ୍ରୀତିଶ୍ ମିଶ୍ର ଓ ମନୋହର ରାଓ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କେନ୍ଦୁଝର-ଢେଙ୍କାନାଳ ମ୍ୟାଚ ବାତିଲ ହୋଇଛି।



ମୃତ୍ୟୁଞ୍ଜୟ ରାୟ


ଅଜୟ ମାହାତୋ



ସାଇ ସାର୍ଥକ ସାହୁ

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ